


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୦ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 JANUARY 2021

Vol.No. 31 ■ No. 28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦିଲ୍ଲୀର ଇସ୍ରାଏଲ୍ ଦୂତାବାସ ନିକଟରେ ବିସ୍ଫୋରଣ



ନୂଆଦିଲ୍ଲୀ,୨୯।୦୧ : ରାଜଧାନୀ ଦିଲ୍ଲୀରେ ହେଲା ବିସ୍ଫୋରଣ । ଶୁକ୍ରବାର ଦିଲ୍ଲୀ ସ୍ଥିତ ଇସ୍ରାଏଲ୍ ଦୂତାବାସ ନିକଟରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ଯାହା ଫଳରେ ଘଟଣା ସ୍ଥଳରେ ଥିବା ଏକାଧିକ କାର୍ କ୍ଷତିଗ୍ରସ୍ତ ହୋଇଛି । ଘଟଣା ସ୍ଥଳରେ ଦିଲ୍ଲୀ ପୋଲିସର ଏକ ସ୍ପେଶାଲ ଟିମ୍ ପହଞ୍ଚି ଯାଇଥିବାବେଳେ ଏଥିରେ କେହି ମୃତାହତ ହୋଇନଥିବା ସୂଚନା ରହିଛି । ଦିଲ୍ଲୀ ପୋଲିସର କହିବା ମୁତାବକ, ସେମାନେ ପ୍ରଥମେ ବ୍ଲାଷ୍ଟ ହୋଇଥିବା ନେଇ ସୂଚନା ପାଇଥିଲେ । ଏହାପରେ ସେମାନେ ତୁରନ୍ତ ସେଠାକୁ ଆସି ଛାନଭିନ୍ କରୁଛନ୍ତି । ତେବେ ଏହି ବିସ୍ଫୋରଣ କିଏ ଓ କେମିତି କଲା ସେନେଇ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରିନାହିଁ । ଘଟଣା ସ୍ଥଳରେ ଦମକଳ ବିଭାଗ ଉପସ୍ଥିତ ହେବା ସହିତ ଏକାଧିକ ଗାଡ଼ିର କାଚ ଭାଙ୍ଗି ପଡିଥିବା ନେଇ ସୂଚନା ରହିଛି । ଦିଲ୍ଲୀରେ ଆଜି ଧ୍ୱଜାବତରଣ ସମାରୋହ ଚାଲିଥିବା ହେତୁ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି ।

## ସିଆରପିଏଫ କ୍ୟାମ୍ପରେ ଯବାନଙ୍କ ମଧ୍ୟରେ ଗଣ୍ଡଗୋଳ : ଜଣେ ମୃତ, ଦୁଇ ଗୁରୁତର

ମାଲକାନଗିରି,୨୯।୦୧ (ନି.ପ୍ର): ଛତିଶଗଡ଼ ଜଗଦଲପୁର ପରପା ଥାନା ଅଂଚଳରେ ସିଆରପିଏଫ କ୍ୟାମ୍ପରେ ଯବାନଙ୍କ ମଧ୍ୟରେ ଘଟିଛି ଗଣ୍ଡଗୋଳ । ସଂଘର୍ଷରୁ ଗୁଳିମାଡରେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଦୁଇ ଯବାନଙ୍କୁ ଚିକିତ୍ସା ନିମନ୍ତେ ଡିମରାପାଲ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି । ମୃତ ଯବାନଙ୍କ ନାମ ପ୍ରମୋଦ କୁମାର ସୋରୀ । ଗୁରୁତର ଦୁଇ ଯବାନ ହେଲେ ଗିରିଶ କୁମାର ଓ ସନ୍ତୋଷ ବାଚମ । ପ୍ରାପ୍ତ ସୂଚନା ଅନୁଯାୟୀ, ଆଜି କ୍ୟାମ୍ପରେ କୌଣସି କାରଣରୁ ଯବାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ▶▶ପୃଷ୍ଠା ୭

## ସମୁଦ୍ରରେ ଭାସିଯାଇ ଜଣେ ନିଖୋଜ

ପୁରୀ,୨୯।୦୧ (ନି.ପ୍ର): ପୁରୀ ସମୁଦ୍ରରେ ଗାଧୋଇବା ବେଳେ ଆଜି ଭାସିଯାଇଥିଲେ ୭ ପର୍ଯ୍ୟଟକ । ୬ ଜଣଙ୍କୁ ସ୍ଥାନୀୟ ନୋଳିଆ ଉଦ୍ଧାର କରିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ତାଙ୍କୁ ଖୋଜାଖୋଜି ଜାରୀ ରହିଛି। ନିଖୋଜ ଯୁବକ ଝାଡ଼ଖଣ୍ଡର ଦୀପକ କୁମାର । ସମସ୍ତ ପର୍ଯ୍ୟଟକ ଝାଡ଼ଖଣ୍ଡ ବୋକାରୋ ଅଂଚଳର ହୋଇଥିବା ସୂଚନା ମିଳିଛି। ସେମାନେ ପୁରୀ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉଥିବା ବେଳେ ଏଭଳି ଏକ ଅଘଟଣ ଘଟିଯାଇଛି ।

## ଉତ୍ତର-ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୯।୦୧ (ନି.ପ୍ର): ଆଗାମୀ ୨୪ଘଂଟାମଧ୍ୟରେ ଓଡିଶାର ଉତର-ପଶ୍ଚିମ ଓ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡିକର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବିଶେଷ କରି ଝାରସୁଗୁଡା, ବରଗଡ, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ଦେବଗଡ, ଅନୁଗୁଳ,ବାଲେଶ୍ୱର ଏବଂ ମୟୁରଭଞ୍ଜ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ପଶ୍ଚିମ ଦିଗରୁ ଆସୁଥିବା ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ପ୍ରଭାବରେ ବର୍ଷା ହେବ। ଏହି କ୍ରମରେ ଶୁକ୍ରବାର ସକାଳୁ ଝାରସୁଗୁଡା, ବରଗଡ, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝରର କିଛି ସ୍ଥାନରେ ହାଲୁକା ବର୍ଷା ଲାଗି ରହିଛି।

# ଦିଲ୍ଲୀ ସିଂଘୁ ସୀମାରେ ସଂଘର୍ଷ

## ଆନ୍ଦୋଳନରତ ଚାଷୀ-ସ୍ଥାନୀୟ ବାସିନ୍ଦା ମୁହାଁମୁହିଁ, ସ୍ଥିତି ଅସମ୍ଭାଳ ହେବାରୁ ପୋଲିସର ଲାଠି ଚାର୍ଜ, ଲୁହବୁହା ଗ୍ୟାସ ମାଡ଼




ନୂଆଦିଲ୍ଲୀ,୨୯।୦୧ : ସାଧାରଣତନ୍ତ୍ର ଦିବସରେ କୃଷକ ଟ୍ରାକ୍ଟର ରାଲି ସମୟରେ ହୋଇଥିବା ହିଂସାକାଣ୍ଡ ଯୋଗୁଁ ତିନି ଦିନ ହେଲା ସିଂଘୁ ସୀମାରେ ଚାପା ଉତେଜନା ଲାଗି ରହିଛି । ଉତେଜନାକୁ ନଜରରେ ରଖି ସୀମାରେ ବହୁ ସଂଖ୍ୟାରେ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି । କିନ୍ତୁ ଗୁରୁବାର ଚାଷୀ ନେତା ରାକେଶ ଟିକାୟତଙ୍କ ଡାକରା ପରେ ପୁଣି ଥରେ ଚାଷୀ ଆନ୍ଦୋଳନ ତେଜିବା ସହ ହିଂସାକାଣ୍ଡର ଆଶଙ୍କା କରି ଶୁକ୍ରବାର ସକାଳୁ ସକାଳୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ବଢ଼ାଇ ଦିଆଯାଇଥିଲା । ଏପରିକି ୨ କିଲୋମିଟର ପୂର୍ବରୁ ସମସ୍ତ ଗାଡିକୁ ଅଟକାଇ ଦିଆଯାଉଥିଲା । କୃଷକ ଆନ୍ଦୋଳନସ୍ଥଳକୁ ଯିବାକୁ ହେଲେ ପରିଚୟ ପତ୍ର ଦେଖାଇ ଛଡାଯାଇଥିଲା । ରାସ୍ତାର ଗୋଟିଏ ପାର୍ଶ୍ୱରେ ଶାନ୍ତିପୂର୍ଣ୍ଣ ଭାବେ କୃଷକମାନେ ଆନ୍ଦୋଳନ ଚଳାଇଥିଲେ ଓ ▶▶ପୃଷ୍ଠା ୭

# ସଂସଦର ମୂଲ୍ୟବାନ ସମୟର ସୁବିନିଯୋଗ କରିବା ନିମନ୍ତେ ପ୍ରୟାସ କରାଯିବା ଆବଶ୍ୟକ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୯।୦୧ (ନି.ପ୍ର): ସଂସଦର ମୂଲ୍ୟବାନ ସମୟର ସୁବିନିଯୋଗ କରିବା ନିମନ୍ତେ ପ୍ରୟାସ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମତ ପୋଷଣ କରିଛନ୍ତି । ସେ କହିଛନ୍ତି ଯେ ଚଳିତ ଦଶନ୍ଧିର ପ୍ରଥମ ସଂସଦ ଅଧିବେଶନ ଆଜି ଆରମ୍ଭ ହେଉଛି । ଏହି ଦଶନ୍ଧି ଭାରତର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ଦୃଷ୍ଟିରୁ, ରାଷ୍ଟ୍ର ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି ଯାହା ମାଧ୍ୟମରେ ଆମର ସ୍ୱାଧୀନତା ସଂଗ୍ରାମୀମାନେ ଦେଖିଥିବା ସ୍ୱପ୍ନକୁ ଅଚିରେ ସାକାର କରାଯାଇପାରିବ । ଏହି ଦଶନ୍ଧିକୁ ଉପଯୁକ୍ତ ଭାବେ ଉପଯୋଗ କରାଯିବା ଆବଶ୍ୟକ ଏବଂ ସେଥିପାଇଁ, ସମଗ୍ର ଦଶନ୍ଧିକୁ ମନରେ ରଖି ସଂସଦରେ ବିଭିନ୍ନ ପ୍ରସଙ୍ଗର ଉପସ୍ଥାପନ ଏବଂ ସେସବୁ ଉପରେ ଆଲୋଚନା ସହ ସେଥିରୁ ସକାରାତ୍ମକ ନିର୍ଯ୍ୟାସରେ ଉପନୀତ ହେବା ନିମନ୍ତେ ସମସ୍ତେ ପ୍ରୟାସୀ ହେବା ବାଂଛନୀୟ । ଦେଶ ଆମମାନଙ୍କ ନିକଟରୁ ଏହି ଆଶା ରଖେ ବୋଲି ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମତ ପୋଷଣ କରିଛନ୍ତି । ଏହି ଅବସରରେ କେତେଗୁଡ଼ିଏ ଟୁଇଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଯେଉଁ ଆଶା ଓ ▶▶ପୃଷ୍ଠା ୭

# ଜାତୀୟ ପତାକା ଏବଂ ଗଣତନ୍ତ୍ର ଦିବସ ପରି ପବିତ୍ର ଦିନର ଅପମାନ ଦୁର୍ଭାଗ୍ୟଜନକ : ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୯।୦୧ (ନି.ପ୍ର): ଗଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ସମାବେଶରେ ହୋଇଥିବା ବିଶୃଙ୍ଖଳାକୁ ନେଇ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଉଦବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଜାତୀୟ ପତାକା ତଥା ଗଣତନ୍ତ୍ର ଦିବସ ଭଳି ପବିତ୍ର ଦିନର ଅପମାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ କହିଛନ୍ତି ଯେ ଯେଉଁ ସମ୍ବିଧାନ ଆମକୁ ଅଭିବ୍ୟକ୍ତିର ସ୍ୱାଧୀନତାର ଅଧିକାର ପ୍ରଦାନ କରେ, ସେହି ସମାନ ସମ୍ବିଧାନ ଆମକୁ ଶିକ୍ଷା ଦିଏ ଯେ ଆଇନ ଏବଂ ନିୟମକୁ ସମାନ ଭାବରେ ଗମ୍ଭୀରତାର ସହ ପାଳନ କରାଯିବା ଉଚିତ୍। ରାଷ୍ଟ୍ରପତି ଶୁକ୍ରବାର ଦିନ ସଂସଦର କେନ୍ଦ୍ରୀୟ ହଲକୁ ସମ୍ବୋଧିତ କରି କୃଷି ସଂସ୍କାର ପାଇଁ କେନ୍ଦ୍ର ସରକାର କରିଥିବା କାର୍ଯ୍ୟ ବିଷୟରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିବା କୃଷି ସଂସ୍କାର ଆଇନ ସମ୍ପର୍କରେ ସେ କହିଛନ୍ତି ଯେ ମୋର ସରକାର ଏହା ସ୍ପଷ୍ଟ କରିବାକୁ ଚାହୁଁଛନ୍ତି ଯେ ତିନୋଟି ନୂତନ କୃଷି ଆଇନ ପ୍ରଣୟନ ହେବା ପୂର୍ବରୁ ପୁରାତନ ବ୍ୟବସ୍ଥାରେ ଥିବା ଅଧିକାର ତଥା ସୁବିଧାଗୁଡ଼ିକରେ କୌଣସି ପ୍ରକାର କମ କରାଯାଇ ନାହିଁ।

# ଆଉ ୯ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

## ଖଣି ବିଭାଗ ଉପନିର୍ଦ୍ଦେଶକ ଓ ଶ୍ରମ ବିଭାଗର ଯୁଗ୍ମ କମିଶନରଙ୍କୁ ଦିଆଗଲା ଅବସର, ମୋଟ ସଂଖ୍ୟା ପହଂଚିଲା ୧୧୩

ଭୁବନେଶ୍ୱର,୨୯।୦୧ (ନି.ପ୍ର): ଦୁର୍ନୀତି ଓ ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କର କଠୋର ଆଭିମୁଖ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଖଣି ବିଭାଗର ଜଣେ ଉପନିର୍ଦ୍ଦେଶକ ଓ ଶ୍ରମ ବିଭାଗର ଯୁଗ୍ମ କମିଶନରଙ୍କ ସମେତ ଜଙ୍ଗଲ, ଜନସ୍ୱାସ୍ଥ୍ୟ, ଶ୍ରମ ବିଭାଗର ୯ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ଥିବାବେଳେ, ୨ ଜଣଙ୍କୁ ଅପାରଗତା ଯୋଗୁଁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଖଣି ବିଭାଗର ୨ ଜଣ ଅଧିକାରୀ ତଥା ବଲାଙ୍ଗୀର ମୂରିବାହଲ ଫରେଷ୍ଟ ରେଞ୍ଜ ଅଫିସର ଏବଂ ସୁନ୍ଦରଗଡ ଜିଲ୍ଲା ସାଧାରଣ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଂଟ ଇଂଜିନିୟରଙ୍କୁ ଶୁକ୍ରବାର ଦିନ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅନ୍ୟ ୫ ଜଣଙ୍କୁ କିଛି ଦିନ ତଳେ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ବାଧ୍ୟତାମୂଳକ ଅବସର ଦିଆଯାଇଥିବା ଅଧିକାରୀମାନେ ହେଲେ ଖଣି ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ମଦନ ମୋହନ ବିଶ୍ୱାଳ। ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ ୯ଟି ଭିଜିଲାନ୍ସ କେସ୍ ରହିଛି । ତାଙ୍କର ସାଧୁତା ଅତ୍ୟନ୍ତ ସନ୍ଦେହଜନକ ଥିଲା । ସେହିପରି ସରକାରୀ କାର୍ଯ୍ୟରେ ତାଙ୍କର ଆନ୍ତରିକତା ଅଭାବ ରହିଥିଲା ଏବଂ ଜଣେ ସରକାରୀ ଅଧିକାରୀ ଭାବରେ ▶▶ପୃଷ୍ଠା ୭

# ଆହୁରି ୩ ଦିନ ଘନ କୁହୁଡି



ଭୁବନେଶ୍ୱର,୨୯।୦୧ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦେଖାଦେଇପାରେ। ଶୁକ୍ରବାର ରାତି ଏବଂ ଶନିବାର ସକାଳେ ସୁନ୍ଦରଗଡ, ଝାରସୁଗୁଡା , ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୁଳ , କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ ଘନ କୁହୁଡି ଦେଖାଦେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ସେହିପରି ୩୦ ତାରିଖ ରାତି ଓ ୩୧ ତାରିଖ ସକାଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ମୟୂରଭଂଜ, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ , ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ଏବଂ ୩୧ ତାରିଖ ରାତି ଓ ୧ ତାରିଖ ସକାଳେ ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ଖୋର୍ଦ୍ଧା, ପୁରୀ, ନୟାଗଡ, ବୌଦ୍ଧ, କନ୍ଧମାଳ ଓ ଗଂଜାମ ଜିଲ୍ଲାରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି।

# ଶତପ୍ରତିଶତ ଟିକାକରଣ ପାଇଁ ଜିଲ୍ଲାପାଳମାନଙ୍କୁ ସରକାରଙ୍କ ଚିଠି



ଭୁବନେଶ୍ୱର,୨୯।୦୧ (ନି.ପ୍ର): ଫେବ୍ରୁଆରୀ ୧୦ ତାରିଖ ସୁଦ୍ଧା ସମସ୍ତ ସ୍ୱାସ୍ଥ୍ୟକର୍ମୀ କିପରି କୋଭିଡ୍-୧୯ ଟିକା ନେବେ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ସରକାର ଚିଠି ଲେଖିଛନ୍ତି। ସମସ୍ତ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଶତପ୍ରତିଶତ ଟିକାକରଣ ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍-୧୯ରୁ ସୁରକ୍ଷା ଦେବାକୁ ବର୍ତ୍ତମାନ ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକା ଦିଆଯାଉଛି। ତେବେ ଗତ ସପ୍ତାହରେ ରାଜ୍ୟର କିଛି ଜିଲ୍ଲାରେ ଟିକାକରଣର ସ୍ଥିତି ନୈରାଶ୍ୟଜନକ ରହିଛି। ଦେବଗଡ଼ ଜିଲ୍ଲାରେ ମାତ୍ର ୪୨% ଟିକାକରଣ ହୋଇଥିବା ବେଳେ ଖୋର୍ଦ୍ଧାରେ ୬୧%, ଯାଜପୁରରେ ୬୨%, ଜଗତସିଂହପୁରରେ ୬୬%, ନୟାଗଡ଼ରେ ୬୭%, ଭୁବନେଶ୍ୱର ସହରରେ ୭୬%, କଟକରେ ୭୬%, ସମ୍ବଲପୁରରେ ୭୭% ଓ କେନ୍ଦୁଝରରେ ୭୮% ଟିକାକରଣ ହୋଇଛି।

## ଫେବୃଆରୀ ୨ରୁ ଖୋଲିବ ପ୍ଲାନେଟୋରିୟମ୍

ଭୁବନେଶ୍ୱର,୨୯।୦୧ (ନି.ପ୍ର): ଆସନ୍ତା ଫେବୃଆରୀ ୨ ତାରିଖରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ଖୋଲିବ। ଉକ୍ତ ଦିନ ବୁର୍ଲା ପ୍ଲାନେଟାରିୟମ ଓ ଖଣ୍ଡପଡ଼ା ପଠାଣି ସାମନ୍ତ ସଂଗ୍ରହାଳୟ ମଧ୍ୟ ଖୋଲିବ। କୋଭିଡ୍ କଟକଣା ମଧ୍ୟରେ ପ୍ରତି ସୋମବାର ବ୍ୟତୀତ ଅନ୍ୟ ସବୁ ଦିନ ଖୋଲା ରହିବ। ପ୍ରତ୍ୟେକ ସୋ'ରେ ସର୍ବାଧିକ ୫୦ ଜଣ ଦର୍ଶକଙ୍କୁ ଅନୁମତି ମିଳିବ। ଏନେଇ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଡ. ରଜନୀରଞ୍ଜନଙ୍କ କବିତା ବହି ଉନ୍ମୋଚିତ



ବାଲିପାଟଣା,୨୯।୦୧ (ନି.ପ୍ର): ବାଲିପାଟଣା ବ୍ଲକ ଅନ୍ତର୍ଗତ ବିଶ୍ୱନାଥପୁର ସ୍ଥିତ ମା' ଦକ୍ଷିଣେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ସମୟର ପ୍ରାଚୀଧାରା ସାହିତ୍ୟ ପରିବାର ତରଫରୁ ଜହ୍ନରାତି ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଯେଉଁ ଆସରରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ଡ. ରଜନୀ ରଞ୍ଜନଙ୍କ ଏକ କବିତା ସଙ୍କଳନ 'କେହି ଜଣେ ଫେରୁଛି ଯେମିତି' ଉନ୍ମୋଚନ କରାଯାଇଥିଲା। ▶▶ପୃଷ୍ଠା ୭

# ମୃତ୍ୟୁ ପୂର୍ବ ରାତିରେ ରାକେଶଙ୍କ ସହ ଗେଷ୍ଟ ହାଉସରେ ଥିଲେ ଝରାଫୁଲ !



ଭୁବନେଶ୍ୱର,୨୯।୦୧ (ନି.ପ୍ର): ଝରାଫୁଲ ମୃତ୍ୟୁର ରହସ୍ୟ ଧୀରେ ଧୀରେ ଫିଟିବାରେ ଲାଗିଛି। ମୃତ୍ୟୁର ପୂର୍ବ ରାତିରେ ନିଜ ବୟଫ୍ରେଣ୍ଡ ରାକେଶ ସ୍ୱାଇଁ ସହ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ଏକ ଗେଷ୍ଟ ହାଉସରେ ଥିଲେ ଝରାଫୁଲ। ଏହା ପରଦିନ ରାକେଶ ନିଜର ଜଣେ ବନ୍ଧୁଙ୍କ ସହ ଏକ ସ୍କୁଟର ଯୋଗେ ଝରାଫୁଲଙ୍କୁ ଉକ୍ତ ଗେଷ୍ଟ ହାଉସରୁ ବାହାରକୁ ନେଇଥିଲେ। ଗେଷ୍ଟ ହାଉସ ନିକଟରେ ଥିବା ଅନ୍ୟ ଏକ ସିସିଟିଭିରେ ଏହି ଚିତ୍ର କଏଦ ହୋଇଛି। ରମାଦେବୀ ଛାତ୍ରୀ ମୃତ୍ୟୁ ମାମଲାରେ ଦିନକୁ ଦିନ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସୁଥିବା ବେଳେ ଏବେ ଏପରି ଏକ ନୂଆ ତଥ୍ୟ ନଜରକୁ ଆସିଛି। ଗତ ବୁଧବାର ସକାଳେ ଝରାଫୁଲଙ୍କ ମୃତଦେହ ଯାଜପୁର କୁଆଖିଆ ନିକଟ ରାସ୍ତା ପାର୍ଶ୍ୱରୁ ମିଳିଥିଲା। ଏହା ପୂର୍ବ ଦିନ ଅର୍ଥାତ ମଙ୍ଗଳବାର ରାତିରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ଧର୍ମବିହାର ଲେନ୍-୬ରେ ଥିବା ଶିବସାଇ ଗେଷ୍ଟ ହାଉସରେ ଝରାଫୁଲ ଓ ରାକେଶ ରହିଥିଲେ। ଉକ୍ତ ଗେଷ୍ଟ ହାଉସକୁ ଝଣଙ୍କ ନେଇଥିବା ବେଳେ ▶▶ପୃଷ୍ଠା ୭

# ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳନ ପାଇଁ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ

ଭୁବନେଶ୍ୱର,୨୯।୧ (ନି.ପ୍ର): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତି ଓ ରାଜ୍ୟର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ସୁରକ୍ଷା ପାଇଁ ଆନ୍ତଃ ମନ୍ତ୍ରୀ ସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅର୍ଥମନ୍ତ୍ରୀ ଶ୍ରୀ ନିରଞ୍ଜନ ପୁଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାସ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଅବସରରେ ଏହାକୁ ସ୍ମରଣୀୟ କରିବାକୁ ସଂସ୍କୃତି ବିଭାଗ ଦ୍ୱାରା କେତେକ ପ୍ରସ୍ତାବ ରଖାଯାଇଥିବା କଥା ଉଲ୍ଲେଖ କରି ସଂସ୍କୃତି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଅନ୍ୟମାନଙ୍କ ପ୍ରତିକ୍ରିୟା ଆହ୍ୱାନ କରିଥିଲେ । ଏଥିରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ସ୍ଥାନୀତ କରିବା ସର୍ବାଗ୍ରେ ରହିଛି। ଏହାକୁ ବ୍ୟାପକ କରିବାକୁ ଜନ ସହଯୋଗ ନିଆଯିବା ଉପରେ ଆଲୋଚନା କରାଯାଇଥିଲା।

ଗାନ୍ଧୀଙ୍କ ଓଡ଼ିଶା ଆଗମନ ଆସନ୍ତା ମାର୍ଚ୍ଚ ୨୩ ତାରିଖରେ ୧୦୦ ବର୍ଷ ହେଉଥିବାରୁ ସେହି ଦିନ ଠାରୁ ୧ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଯେଉଁସବୁ ଗ୍ରାମରେ ଗାନ୍ଧିଜୀ ପଦାର୍ପଣ କରିଥିଲେ, ସେସବୁ ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହିତ ରାଜ୍ୟର ବରପୁତ୍ରମାନଙ୍କ ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାମ ଭାବେ ରୂପାନ୍ତରିତ କରିବାକୁ ପଦକ୍ଷେପ ନେବା ଉପରେ ଆଲୋଚନା କରାଯାଇଥିଲା । ସମସ୍ତ ଗାନ୍ଧୀ ସ୍ମୃତି ପୀଠ, ଗାନ୍ଧୀ ପ୍ରତିମୂର୍ତି, ଗାନ୍ଧୀ ସ୍ମାରକୀ ଇତ୍ୟାଦିର ଉପଯୁକ୍ତ ରକ୍ଷଣାବେକ୍ଷଣ, ପୁନଃଉଦ୍ଧାର, ସୌନ୍ଦର୍ଯ୍ୟକରଣ ପ୍ରଭୃତି କାର୍ଯ୍ୟ ହାତକୁ ନିଆଯିବ । ଏତଦ୍‌ବ୍ୟତୀତ ସ୍ଥାନୀୟ ଗାନ୍ଧୀ ମଣିଷମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଫଳକ ସ୍ଥାପନ ଇତ୍ୟାଦି କରାଯିବ । ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମରେ ମହାପୁରୁଷମାନଙ୍କ ଲେଖା ପ୍ରସ୍ତୁତ କରି ସିଲାବସ୍ ରେ ସ୍ଥାନିତ କରିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ଯୋଗସୂତ୍ର ରକ୍ଷା କରି ପଦକ୍ଷେପ ନେବା ପାଇଁ କୁହାଯାଇଛି । ପ୍ରତ୍ୟେକ ଜିଲ୍ଲାରେ ସୁନିର୍ବାଚିତ ଗାନ୍ଧୀ ନାଟକ ପ୍ରଦର୍ଶନ କରାଯିବ। ସେହିଭଳି ଉର୍ଦ୍ଧ୍ୱ ଏକାଡେମୀ ତରଫରୁ ମୁଶାୟରା, କବି ସମ୍ମିଳନୀ ଆଲୋଚନା ଚକ୍ର ଆୟୋଜନ ଓ ପ୍ରବନ୍ଧ ପ୍ରତିଯୋଗିତା ଆଦି ଆୟୋଜନ କରାଯିବ । ଗାନ୍ଧୀ ସମ୍ପର୍କରେ ସ୍ୱତନ୍ତ୍ର ସଂସ୍କୃତି ଚର୍ଚ୍ଚା ଓଡ଼ିଶା ରାଜ୍ୟ ଅଭିଲେଖାଗାର ତରଫରୁ କରାଯିବ। ତା'ଛଡ଼ା ରଙ୍ଗୀନ ଶିଶୁ ଲେଖାରେ ସ୍ୱତନ୍ତ୍ର ଗାନ୍ଧୀ ବିଶେଷାଙ୍କ ପ୍ରକାଶିତ ହେବ । ସେହିପରି ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ତରଫରୁ ସଂଗ୍ରହାଳୟରେ ସ୍ୱତନ୍ତ୍ର ଗାନ୍ଧୀ ଗ୍ୟାଲେରୀ ସ୍ଥାପନ ଓ ଗାନ୍ଧୀଙ୍କ ଓଡ଼ିଶା ଆଗମନର ପ୍ରାସଙ୍ଗିକତା ଉପରେ ଆଲୋଚନା ଚକ୍ର ଆୟୋଜିତ ହେବ। ଗାନ୍ଧୀଙ୍କ ଆଗମନ ବେଳେ ଗାନ୍ଧୀଙ୍କ ଗହଣରେ ଥିବା ବରପୁତ୍ରମାନଙ୍କ ଫଟୋ ଓଡ଼ିଶା ଓ ଗାନ୍ଧୀ ଉପରେ ମନ୍ତବ୍ୟ ଥାଇ କଫି ଟେବୁଲ ପୁସ୍ତିକା ପ୍ରକାଶ ପାଇଁ ମତାମତ ନିଆଯାଇଥିଲା । ଏଥିସହିତ ଗାନ୍ଧୀ ସମ୍ପର୍କିତ ପୁସ୍ତକ "ଗାନ୍ଧୀଙ୍କ ଓଡ଼ିଶା ଚିନ୍ତନ'', "ଚିଠିରେ ଚିଠିରେ ଗାନ୍ଧୀ'', "ଓଡ଼ିଶାର ବରପୁତ୍ରମାନଙ୍କ ସମ୍ପର୍କରେ ଗାନ୍ଧୀଙ୍କ ମନ୍ତବ୍ୟ'', "କୋଣାର୍କର ସ୍ୱତନ୍ତ୍ର ଗାନ୍ଧୀ ବିଶେଷାଙ୍କ'', "ଶିଶୁ ମାନସରେ ଗାନ୍ଧୀ'' ପୁସ୍ତକ ପ୍ରକାଶନର ପ୍ରସ୍ତାବ ରଖାଯାଇଥିଲା । ବିଧାନସଭାରେ ଏକ ବିରାଟ କାଠ ତିଆରି ଅରଟ ସ୍ଥାପନ କରିବା, ୫୦୦ ଫୁଟ୍ ଦୈର୍ଘ୍ୟର ଏକ କାନଭାସ୍ ରେ ଗାନ୍ଧୀ ଚିତ୍ର ପ୍ରସ୍ତୁତି ଓ ପ୍ରଦର୍ଶନ କରିବା ପ୍ରସ୍ତାବ ରହିଛି । ଏଥିପାଇଁ ଆବଶ୍ୟକ ବଜେଟ୍ ପ୍ରସ୍ତୁତ କରି ଆନ୍ତଃ ବିଭାଗ ସମନ୍ୱୟରେ ଏଥିପାଇଁ କାର୍ଯ୍ୟକ୍ରମ ସାରଣୀ ପ୍ରସ୍ତୁତ କରି ଏହାକୁ ଚୂଡାନ୍ତ କରିବା ନିମନ୍ତେ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ନିର୍ଦ୍ଦେଶ ଦେଇଥିଲେ ।

ଏହା ଉପରେ ପୁଣିଥରେ ସବିଶେଷ ଆଲୋଚନା ନିମନ୍ତେ ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀ ପୁଜାରୀ ଗୁରୁତ୍ୱାରୋପ କରିଥିଲେ । ବୈଠକ ପ୍ରାରମ୍ଭରେ କାର୍ଯ୍ୟକ୍ରମ ପ୍ରସ୍ତାବିତ ରୂପରେଖ ସମ୍ପର୍କରେ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ଗୃହରେ ଉପସ୍ଥାପନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରମୁଖ ସଚିବ ଶ୍ରୀ ବିଶାଳ ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ଶ୍ରୀ ପ୍ରତାପ କୁମାର ମିଶ୍ର, ଯୁଗ୍ମ ସଚିବ ଶ୍ରୀମତୀ ମନସ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅମୃତମଣୋହୀ ପଂଚାୟତରେ ସିଦ୍ଧବାଲି ଗ୍ରାମକୁ ସାମିଲ କରିବାକୁ ଦାବି

କେନ୍ଦ୍ରାପଡ଼ା,୨୯।୧ (ନି.ପ୍ର): ସିଦ୍ଧବାଲି ଗ୍ରାମ ୧୯୮୮ ମସିହାରୁ ରାଜ୍ୟସ୍ୱ ଗ୍ରାମର ମାନ୍ୟତା ପାଇଥିବା ବେଳେ ଏହା ପଟ୍ଟାମୁଣ୍ଡାଇ ତହସିଲର ଅଣ୍ଡରା ଆରଆଇ ସର୍କଲରେ ରହିଛି । ମାତ୍ର ଏହି ଗାଁ ଅମୃତମଣୋହୀ, ବଲୁରିଆ, ନୂଆପଡା ପଂଚାୟତ ଅଧିନରେ ଥିବାବେଳେ ଆଳି ଓ ପଟ୍ଟାମୁଣ୍ଡାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନରେ ରହିଛି । ଫଳରେ ସ୍ଥାନୀୟ ଅଧିବାସୀ ମାନେ ଦୀର୍ଘ ୩୨ବର୍ଷ ହେଲା ସରକାରୀ ସାହାଯ୍ୟ ସହାୟତା, ବିକାଶ ଯୋଜନା ଓ ରାସ୍ତାଘାଟ ପ୍ରଭୃତି ଉନ୍ନତି ମୂଳକ କାର୍ଯ୍ୟରୁ ବଂଚିତ ହୋଇ ଆସୁଅଛି । ଏହି ଗାଁ ବ୍ରାହ୍ମଣୀ ଅବବାହିକାରେ ବନ୍ୟା ପ୍ରାରିତ ଅଂଚଳ ହୋଇଥିଲେ ମଧ ଏହାର ୩ଟି ୱାର୍ଡ ବଲୁରିଆ ଗ୍ରାମ ପଂଚାୟତ, ୨ଟି ୱାର୍ଡ ନୂଆପଡା ଗ୍ରାମ ପଂଚାୟତ ଅଧିନରେ ରହଛି । ଏହି ୨ଟି ପଂଚୟାତ ଆଳି ତଟବନ୍ଧ ଅଚଂଳ ଅନ୍ତର୍ଭୁକ୍ତ ଥିବାରୁ ଏହାର ଚାଷୀମାନେ ଫସଲ ବୀମା ଯୋଜନାରୁ ବଂଚିତ ହେଉଛନ୍ତି । ଏହାକୁ ଅମୃତମଣୋହୀ ପଂଚାୟତ ଅଧିନ କରିବା ପାଇଁ ଗ୍ରାମବାସୀ ମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନ ପରେ ଓ ୨୦୨୨ ପଂଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିଲେ। ଏନେଇ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ବଡଚଣା ମହୋତ୍ସବ ପକ୍ଷରୁ ଲକ୍ଷ୍ମୀ ନାରାୟଣ ପୂଜା ଉଦ୍‌ଯାପିତ

ଧର୍ମଶାଳା,୨୯।୧ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ମହୋତ୍ସବ ପଡିଆ ଠାରେ କରୋନା କଟକଣା ଯୋଗୁ ଚଳିତ ବର୍ଷ ମହୋତ୍ସବକୁ ସ୍ଥଗିତ ରଖାଯାଇଛି। କମିଟିର ନିଷ୍ପତି କ୍ରମେ ଲକ୍ଷ୍ମୀ ନାରାୟଣ ପୂଜାକୁ ନିରାଡମ୍ବର ଭାବେ ପାଳନ କରାଯାଇଛି। ଗତ ୨୩ ତାରିଖ ଠାରୁ ଆରମ୍ଭ ହୋଇ ୨୭ ତାରିଖରେ ମୃଣ୍ମୟୀ ମୂର୍ତିଙ୍କ ବିସର୍ଜନ କରାଯାଇଥିଲା। କମିଟିର ସଭାପତି ମନୋରମା ଆଚାର୍ଯ୍ୟ,ସଂପାଦକ ନିଳକଣ୍ଠ ମିଶ୍ର,ସହ ସଂପାଦକ ପଦ୍ମନାଭ ପଣ୍ଡା,କୋଷାଧକ୍ଷ ଅମ୍ବିକା ପ୍ରସାଦ ମିଶ୍ର,ବରିଷ୍ଠ ସଭ୍ୟ ବିନାୟକ ନାୟକ,କାର୍ତିକ ଚନ୍ଦ୍ର ପ୍ରଧାନ,ପ୍ରଫେସର ପ୍ରମୋଦ ସାମଲ,ପ୍ରଫେସର ବସନ୍ତ ନାୟକ,ଡ. ଅଜୟ କୁମାର ଲେଙ୍କା,ତ୍ରିଲୋଚନ ମହାନ୍ତି,ରମାକାନ୍ତ ରାଉତ,ଭାଗ୍ୟଧର ପ୍ରଧାନ,ରବିନ୍ଦ୍ର ପ୍ରଧାନ,ଦିବାକର ପ୍ରଧାନ,ରବିନ୍ଦ୍ର ବେହେରା ଓ ନୃସିଂହ ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ କଟକଣାକୁ ଦୃଷ୍ଟିରେ ରଖି ସାମଜିକ ଦୂରତା ମଧ୍ୟରେ ପଣ୍ଡିତ ଚିତ ରଂଜନ ଦାଶଙ୍କ ଦ୍ୱାରା ଯଥାରୀତି ପୂଜାକାର୍ଯ୍ୟ କରାଯାଇଥିଲା।

## ଦର୍ପଣ ତହସିଲ ପକ୍ଷରୁ ଚଢଉ: ୪ଗାଡି ଜବତ

ଧର୍ମଶାଳା,୨୯।୧ (ନି.ପ୍ର): ଯାଜପୁର ଜିଲା ଦର୍ପଣ ତହସିଲ ଅଧିନସ୍ଥ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି,ମାଙ୍କଡା ଓ ଚିପସ୍ ଗ୍ରେରା ଚାଲାଣ ହେଉଛି। ଆଜି ତହସିଲ ପକ୍ଷରୁ ଜାତୀୟ ରାଜପଥରେ ଚଢଉ କରାଯାଇ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଓ ଟିପର,ମାଙ୍କଡା ବୋଝେଇ ଟ୍ରକ ଏବଂ କଳା ମେଂଟାଲ ବୋଝେଇ ଟ୍ରକକୁ ଜବତ କରି ବଡଚଣା ଥାନାରେ ରଖାଯାଇଛି। ଏହି ଅଂଚଳରେ ଏଭଳି ବେଆଇନ ଭାବେ ଚୋରା ଚାଲାଣ ହେଉଥିଲେ ମଧ୍ୟ ତହସିଲ ପକ୍ଷରୁ ସେଭଳି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉ ନଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ତହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ଉ ରରେ ଆମ ଅଫିସର କର୍ମଚ୍ରରୀ ମାନେ ଚଢଉ କରି ଧରିଥିବା ସୂଚନା ଦେଇଛନ୍ତି। ମୋ ପାଖରେ ସବିଶେଷ ତଥ୍ୟ ନଥିବା କହିଥିଲେ। ଏବଂ କେଉଁ ସ୍ଥାନରୁ ଧରାଗଲା ବୋଲି ପଚାରିବାରୁ ତାହା ମଧ୍ୟ କହିପାରିନଥିଲେ।

# ଭାରତରେ କରୋନାରୁ ସୁସ୍ଥତା ହାର ୯୭%, ବିଶ୍ୱରେ ଅନ୍ୟତମ ସର୍ବାଧିକ

ନୂଆଦିଲ୍ଲୀ,୨୯।୧ (ନି.ପ୍ର): ଦେଶରେ କରୋନାରୁ ସୁସ୍ଥଙ୍କ ସଂଖଖ୍ୟା କ୍ରମାଗତ ବୃଦ୍ଧି ପାଉଥିବାରୁ ଦେଶରେ ସୁସ୍ଥତା ହାର ୯୭% ପାଖାପାଖି ରହିଛି । ଭାରତର ସୁସ୍ଥତା ହାର ଏବେ ବିଶ୍ୱରେ ଅନ୍ୟତମ ସର୍ବାଧିକ ରହିଛି । ୧,୦୩,୭୩,୬୦୬ ଜଣ ଏ ପର୍ଯ୍ୟନ୍ତ ସୁସ୍ଥ ହୋଇଛନ୍ତି । ବିଗତ ୨୪ ଘଂଟା ମଧ୍ୟରେ ୧୪,୩୦୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଭାରତରେ ମୋଟ ସକ୍ରିୟ କରୋନା ମାମଲା ୧.୭୫ ଲକ୍ଷ (୧,୭୩,୭୪୦)କୁ ହ୍ରାସ ପାଇଛି । ଭାରତର ମୋଟ କରୋନା ପଜିଟିଭ୍ ମାମଲାର ମାତ୍ର ୧.୬୨% ରହିଛି ସକ୍ରିୟ ମାମଲା । ଜାତୀୟ ଧାରାକୁ ବଜାୟ ରଖି ସକ୍ରିୟ କରୋନା ମାମଲାରେ ହ୍ରାସ ଜାରି ଥିବାରୁ ୩୧ଟି ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳରେ ଏବେ ସକ୍ରିୟ କରୋନା ମାମଲା ୫୦୦୦ ରୁ କମ୍ ରହିଛି ।ମୋଟ ସକ୍ରିୟ ମାମଲା ମଧ୍ୟରୁ ୭୮% ଅଛନ୍ତି, ପାଂଚଟି ରାଜ୍ୟ; ;କରଳ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗରେ । ୨୦୨୧ ଜାନୁଆରୀ ୨୮ ତାରିଖ ସକାଳ ୭ ଟା ୩୦ ମିନିଟ ସୁଦ୍ଧା ଦେଶବ୍ୟାପୀ ୨୩.୫ ଲକ୍ଷ (୨୩,୫୫,୯୭୯) ଜଣଙ୍କ ଟିକାକରଣ କରାଯାଇଛି । ବିଗତ ୨୪ ଘଂଟା ମଧ୍ୟରେ ୬,୧୦୨ ସେସନେରେ ୩,୨୬,୪୦୯ ଜଣଙ୍କ ଟିକାକରଣ କରାଯାଇଛି । ଏ ପର୍ଯ୍ୟନ୍ତ ମୋଟ ୪୨,୬୭୪ ସେସନ୍ ହୋଇଛି । ନୂଆ ସୁସ୍ଥଙ୍କ ମଧ୍ୟରୁ ୭୭.୮୪% ଆସିଛି ୭ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳରୁ । କେରଳରେ ଗୋଟିଏ ଦିନରେ ସର୍ବାଧିକ ୫୦୦୬ ଜଣ ସୁସ୍ଥ ହୋଇଛନ୍ତି । ଏହା ପଛକୁ ବିଗତ ୨୪ ଘଂଟାରେ ମହାରାଷ୍ଟ୍ରରେ ୨୫୫୬ ଏବଂ କର୍ଣ୍ଣାଟକେରେ ୯୪୪ ଜଣ ସୁସ୍ଥ ହୋଇଛନ୍ତି । ବିଗତ ୨୪ ଘଂଟା ମଧ୍ୟରେ ଦେଶରେ ମୋଟ ୧୧,୬୬୬ ନୂଆ କରୋନା ମାମଲା ଆସିଛି । ଏଥିରୁ ୮୧.୯୬% ଆସିଛି ୬ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳରୁ । କେରଳରେ ଗୋଟିଏ ଦିନରେ ସର୍ବାଧିକ ୫୬୫୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ପଛକୁ ମହାରାଷ୍ଟ୍ରରେ ୨୧୭୧ ଏବଂ ତାମିଲନାଡୁରେ ୫୧୨ ଜଣ ଚିହ୍ନଟ ହୋଇଛନ୍ତି ।ବିଗତ ୨୪ ଘଂଟା ମଧ୍ୟରେ ଦେଶରେ ୧୨୩ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରୁ ୭୫.୬୧% ମୃତ୍ୟୁ କେବଳ ହୋଇଛି ୭ ରାଜ୍ୟ/ କେନ୍ଦ୍ରଶାସିତ ଅଂଚଳରେ । ମହାରାଷ୍ଟ୍ରରେ ସର୍ବାଧିକ ୩୨ ଜଣଙ୍କ ମୃତ୍ୟୁ ହୋଇଛି । ଏହା ପଛକୁ କେରଳରେ ୨୦ ଜଣ ଏବଂ ପଞ୍ଜାବରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି ।

## ପୌରସଂସ୍ଥା ପକ୍ଷରୁ ବେଆଇନ ହୋର୍ଡିଂ ଅପସାରଣ

କେନ୍ଦ୍ରାପଡ଼ା,୨୯।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ମଧ୍ୟରେ ମୁଖ୍ୟ ସଡକ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯାଗାମାନଙ୍କରେ ଲଗାଯାଇ ଥିବା ବେଆଇନ ହୋର୍ଡିଂ ଓ ବ୍ୟାନରକୁ ପୌରସଂସ୍ଥା ପକ୍ଷରୁ ଅପସାରଣ କରାଯାଇଛି । ବହୁ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟକ୍ତି ବିଶେଷ, ରାଜନୈତିକ କର୍ମୀ ବେଆଇନ ଭାବେ ବିନା ଅନୁମତିରେ ବଡ ବଡ ଫ୍ଲେକ୍ସ ବ୍ୟାନର, କପଡା ବ୍ୟାନର ପ୍ରବୃତି ଟାଙ୍ଗି ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ସମୟରେ ଏହାକୁ ନେଇ ଦୁର୍ଘଟଣା ମାନ ଘଟି ଆସୁଥିଲା । ରାସ୍ତା ଉପରେ ଓ ରାସ୍ତା ଉପରକୁ ମଡାଇ ବର୍ଷ ବର୍ଷ ଧରି ଏଗୁଡିକ ଟଙ୍ଗା ହୋଇଥିବାରୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିଲା । ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଡାକବାଜି ଯନ୍ତ୍ର ଦ୍ୱାରା ନିଜ ନିଜର ହୋର୍ଡିଂକୁ ଉଠାଇ ନେବାପାଇଁ ପ୍ରଚାର କରାଯାଇ ଥିଲା । କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ଗୁରୁବାର ସବୁ ହୋର୍ଡିଂ ଗୁଡିକୁ ବାହାର କରି ଦିଆଯାଇଛି । କ୍ଷିରୋଦ ପାତ୍ର, ଅଶୋକ ସାହୁ ପ୍ରମୁଖ ଏହି ହୋର୍ଡିଂ ଅପସାରଣ କାର୍ଯ୍ୟରେ ନେତୃତ୍ୱ ନେଇଥିଲେ ।

# ହରି ଓଁ ରୁରାଲ ପାର୍କ ଉଦ୍‌ଘାଟିତ

ଝାରସୁଗୁଡ଼ା ,୨୯।୧ (ନି.ପ୍ର): ହଂସମୁରା କଟାପାଲିଠାରେ ଆଜି ହରି ଓଁ ରୁରାଲ ପାର୍କ ଉଦଘାଟିତ ହୋଇଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବରଗଡ଼ ସାଂସଦ ସୁରେଶ ପୂଜାରୀ,ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ ସାମଲ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଝାରସୁଗୁଡ଼ା ପଂଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ଭୋଇ , ଜିଲ୍ଲା ପଂଚାୟତ ଅଧିକାରୀ ଅମ୍ବରିଶ ରଥ ,ଏଚ . କଟାପାଲି ସରପଂଚ କାଂଚନ ଖଡ଼ିଆ , ପଂଚାୟତ ସମିତି ସଭ୍ୟା ଯାଜ୍ଞସେନୀ ଅଡ଼ି, ପୂର୍ବତନ ସରପଂଚ ଧନୁର୍ଜୟ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନର ଉଦ୍ୟମ କ୍ରମେ ପଂଚାୟତ ସ୍ତରରେ ଏ ଭଳି ପାର୍କ ନିର୍ମାଣର ପ୍ରଶଂସା କରିବା ସହ ଜିଲ୍ଲାରେ ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଂଚାଇବା ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ । ସେହିପରି ଗମନାଗମନ ପାଇଁ ରାସ୍ତାଗୁଡିକର ଉନ୍ନତିକରଣ କାର୍ଯ୍ୟ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ ।ଏହି ଅବସରରେ ଏଚ . କଟାପାଲି ପଂଚାୟତ ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି କହି ଉନ୍ନୟନ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସାଂସଦ ଶ୍ରୀ ପୂଜାରୀ , ଗ୍ରାମାଂଚଳରେ ଏଭଳି ପାର୍କ ନିର୍ମାଣକୁ ପ୍ରଶଂସା କରିବା ସହ କାର୍ଯ୍ୟର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ , ଗ୍ରାମବାସୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମନରେଗା ଅର୍ଥ ବିନିଯୋଗରେ ଜିଲ୍ଲାରେ ପଂଚାୟତ ସ୍ତରରେ ଏଭଳି ପାର୍କ ନିର୍ମାଣ କରାଯାଇ ଥିବାର ଉଲ୍ଲେଖ କରି ଆଗାମୀ ଦିନରେ ଜିଲ୍ଲାରେ ଏହି ଭଳି ଅଧିକ ପାର୍କ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସାମଲ ପ୍ରକାଶ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ , ଏମ୍ ଜି ଏନ ଆର ଜି ଏ ଯୋଜନାରେ ୪୪ଲକ୍ଷ ଟଙ୍କା ବିନିଯୋଗରେ ଏହି ପାର୍କ ନିର୍ମାଣ କରାଯାଇଛି । କୋଭିଡ଼ ଯୋଦ୍ଧା ରାହାସ ବିହାରୀ ନାଏକ , ପିଙ୍କୁ ପଟେଲ , ଟିକନାଥ ଖର୍ସେଲ , ଦୁଷ୍ମନ୍ତ ପଟେଲ ଓ ରମେଶ ପଟେଲଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା । ଆୟୋଜିତ ଉତ୍ସବରେ ଝାରସୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବି ଏସ ଏସ ଓ ମିତାଲି ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ସଂଗ୍ରାମୀ ଭବନ ନିର୍ମାଣକୁ ନେଇ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୨୯।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାଧିନତା ସଂଗ୍ରାମୀ ସମିତି ଓ ଉତରଦାୟାଦ ମାନେ ଜିଲ୍ଲାରେ ଗୋଟିଏ ସଂଗ୍ରାମୀ ଭବନ ନିର୍ମାଣ ପାଇଁ ଦୀର୍ଘ ୫ବର୍ଷ ହେଲା ଦାବି କରି ଆସୁଛନ୍ତି । ଏଥି ମଧ୍ୟରେ ୩ଜଣ ସ୍ୱାଧିନତା ସଂଗ୍ରାମୀ ସଭାପତିଙ୍କର ଦେହାନ୍ତ ହୋଇଯାଇ ଥିଲେ ମଧ ଏହି ଦାବି ପୁରଣ ହୋଇପାରି ନାହିଁ । ଏନେଇ ବାରମ୍ବାର ପୂର୍ବବର୍ତୀ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଯାଇ ଥିଲେ ମଧ ସ୍ୱାଧିନତା ସଂଗ୍ରାମୀ ଭବନ ନିର୍ମାଣ ହୋଇପାରୁ ନଥିବାରୁ ସଂଗ୍ରାମୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଭାରତ ପ୍ରସ୍ତୁତ କରୋନା ଟିକା ବିଶ୍ୱ ସମୁଦାୟର ଆସ୍ଥାଭାଜନ ହୋଇପାରିଛି: ଡକ୍ଟର ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ,୨୯।୧ (ନି.ପ୍ର): ଭାରତ ନିଜସ୍ୱ ପ୍ରସ୍ତୁତ କରୋନା ଟିକା ଅନ୍ୟ ଦେଶମାନଙ୍କୁ ଯୋଗାଇବା ସହ ସେମାନଙ୍କୁ ଟିକାଦାନ ପ୍ରଣାଳୀ ମଧ ଶିଖାଇ ଥିବାରୁ ବିଶ୍ୱ ସମୁଦାୟର ଆସ୍ଥାଭାଜନ ହୋଇପାରିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ କହିଛନ୍ତି । ଆଜି କୋଭିଡ-୧୯ ସମ୍ପର୍କୀତ ମନ୍ତ୍ରୀ ସମୂହ ସମ୍ମିଳନୀକୁ ଭିଡିଓ କନଫରେନ୍ସିଂ ମାଧମରେ ସମ୍ବୋଧନ କରି କହିଛନ୍ତି ଯେ, ବିଭିନ୍ନ ଦେଶର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକାଦାନ ପ୍ରଣାଳୀ ଶିଖାଇ ଭାରତ ବିଶ୍ୱ ସମୁଦାୟର ମିତ୍ର ମଧ ହୋଇପାରିଛି । ଏହି ସମ୍ମିଳନୀରେ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ କହିଛନ୍ତି ଯେ ଗତ ସାତଦିନ ମଧ୍ୟରେ ଦେଶର ୧୪୬ଟି ଜିଲ୍ଲାରେ ନୂଆ ସଂକ୍ରମଣ ହୋଇନାହିଁ । ସେହିପରି ଗତ ୧୪ଦିନ ମଧ୍ୟରେ ୧୮ଟି ଜିଲ୍ଲାରେ, ୨୧ଦିନ ମଧ୍ୟରେ ୬ଟି ଜିଲ୍ଲାରେ, ଏବଂ ୨୮ଦିନ ମଧ୍ୟରେ ୨୧ ଜିଲ୍ଲାରେ ନୂଆ ସଂକ୍ରମଣ ଘଟିନାହିଁ । ବ୍ୟାପକଭାବେ କରୋନା ଚିହ୍ନଟ ପରୀକ୍ଷା କରାଯିବା ଦ୍ୱାରା ସଂକ୍ରମଣକୁ ପ୍ରତିହତ କରିବା ସମ୍ଭବ ହୋଇପାରିଛି । ଏପର୍ଯ୍ୟନ୍ତ ୧୯କୋଟି ୫୦ଲକ୍ଷ ନମୁନା ପରୀକ୍ଷା କରାଗଲାଣି । ବର୍ତମାନ ଦୈନିକ ନମୁନା ପରୀକ୍ଷା କ୍ଷମତା ୧୨ଲକ୍ଷକୁ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ୦.୪୬ ଶତାଂଶଙ୍କୁ ଭେଣ୍ଟିଲେଟର, ୨.୨୦ଶତାଂଶଙ୍କୁ ଆଇସିୟୁ ଏବଂ ମାତ୍ର ୩.୨ ଶତାଂଶଙ୍କୁ ଅମ୍ଳଜାନ ସହାୟତା ଆବଶ୍ୟକ ପଡୁଛି । ବର୍ତମାନ ପର୍ଯ୍ୟନ୍ତ ୧୬୫ଜଣ ୟୁକେ ପ୍ରକାରର ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯିବା ସହ ତୀକ୍ଷ୍ଣ ପର୍ଯ୍ୟବେକ୍ଷଣରେ ରଖାଯାଇଛି ବୋଲି ଡକ୍ଟର ହର୍ଷବର୍ଦ୍ଧନ କହିଛନ୍ତି । ଏହି ସମ୍ମିଳନୀରେ ରୋଗ ନିୟନ୍ତ୍ରଣ ରାଷ୍ଟ୍ରୀୟ କେନ୍ଦ୍ର (ଏନ.ସି.ଡି.ସି.)ର ନିର୍ଦ୍ଦେଶକ ଡକ୍ଟର ସୁଜିତ କୁମାର ସିଂହ କରୋନା ସଂକ୍ରମଣର ବର୍ତମାନ ସ୍ଥିତି ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଥିଲେ । ଏଥିରେ ଦୈନିକ ତଥ୍ୟ ଭିତିରେ ନୂତନ ରୋଗୀ ଚିହ୍ନଟ, ଆରୋଗ୍ୟ ହାର, ପଜିଟିଭ ଚିହ୍ନଟ, ସକ୍ରିୟ ରୋଗୀ, ମୃତ୍ୟୁହାର, ଜିଲ୍ଲା ଭିତିକ ତଥ୍ୟ, ୟୁକେ ପ୍ରକାରର ଭୂତାଣୁ ସଂକ୍ରମଣ ଆଦି ସମ୍ପର୍କରେ ସୂଚନା ଦେଇଥିଲେ ଆମ ଦେଶ କରୋନା ଟିକା ପ୍ରସ୍ତୁତ କରିବା ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାନୁୟାରୀ ୧୬ତାରିଖରେ ଟିକାଦାନର ଶୁଭାରମ୍ଭ କରିଥିବାରୁ ନୀତି ଆୟୋଗର ଡକ୍ଟର ବିନୋଦ କୁମାର ପାଲ ମନ୍ତ୍ରୀ ସମୂହଙ୍କ ପ୍ରଶଂସା କରିଥିଲେ। ଟିକାଦାନ ପୂର୍ବରୁ ୧୧୨.୪ଲକ୍ଷ ଡୋଜର ଟିକା ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡିକୁ ଦିଆଯାଇଛି । ଆଉ ୧୧୫ଦଶମିକ ୬ଲକ୍ଷ ଅତିରିକ୍ତ ଡୋଜ ଜାନୁୟାରୀ ୨୦ ସୁଦ୍ଧା ଦିଆଯାଇଛି । ଏପର୍ଯ୍ୟନ୍ତ ୬୯ହଜାର ପ୍ରୋଗ୍ରାମ ମ୍ୟାନେଜର, ୨.୫ ଲକ୍ଷ ଟିକାଦାନକାରୀ, ୪.୪ଲକ୍ଷ ଟିକାଦାନକାରୀ ଦଳର ଅନ୍ୟ ସଦସ୍ୟ, ୯୩ଲକ୍ଷ ୭୬ହଜାର ୩୦ ସ୍ୱାସ୍ଥ୍ୟକର୍ମୀ ଏବଂ ୫୩ଲକ୍ଷ ୯୪ହଜାର ୯୮ଜଣ ଆଗଧାଡିର କରୋନା ଯୋଦ୍ଧା ଟିକା ନେଇ ସାରିଲେଣି ବୋଲି ସେ କହିଥିଲେ । କରୋନା ସଂକ୍ରମଣର ପ୍ରଥମ ରୋଗୀ ଗତବର୍ଷ ଜାନୁୟାରୀ ୩୦ତାରିଖରେ ଚିହ୍ନଟ ହୋଇଥିଲେ ଏବଂ ପ୍ରଥମ ମନ୍ତ୍ରୀ ସମୂହ ବୈଠକ ଫେବୃୟାରୀ ୩ତାରିଖରେ ବସିଥିବା ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ସୂଚନା ଦେଇଥିଲେ । ଆଜିର ଏହ ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଶ୍ରୀ ହରଦୀପ ସିଂହପୁରୀ, ଶ୍ରୀ ଅଶ୍ୱିନୀ କୁମାର ଚୌବେ, ଶ୍ରୀ ନିତ୍ୟାନନ୍ଦ ରାୟ, ଶ୍ରୀ ମନସୁଖ ମାଣ୍ଡଭିୟା ପ୍ରମୁଖ ଯୋଗଦେଇଥିଲେ ।

# ବଜରଙ୍ଗବାଲୀ କ୍ରିକେଟ ଟୁର୍ଣ୍ଣାମେଂଟ : ୟୁଏସସିସି ବ୍ରହ୍ମବରଦା ଚମ୍ପିଆନ

ଧର୍ମଶାଳା,୨୯।୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ସେରପୁର ଅମରନାଥ ଖେଳ ପଡିଆରେ ଚାଲିଥିବା ବଜରଙ୍ଗବାଲୀ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଏମଜେସିଟି ଜଳେଶ୍ୱରକୁ ହରାଇ ୟୁଏସସିସି ବ୍ରହ୍ମବରଦା ଚମ୍ପିଆନ ହୋଇଛି । ଏହି ଫାଇନାଲ ମ୍ୟାଚରେ ପ୍ରଥମେ ଜଳେଶ୍ୱର ଟସ୍‌ରେ ଜିତି ପ୍ରଥମେ ବୋଲିଂର ନିଷ୍ପତି ନେଇଥିଲା । ବ୍ରହ୍ମବରଦା ବ୍ୟାଟିଂ କରି ୧୯.୪ ଓଭରରେ୧୪୯ ରନ ସଂଗ୍ରହ କରି ଅଲ ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ସାହିଲ ଖାଁନ ୩୦ବଲରୁ ୪୮ରନ ଓ ମହମ୍ମଦ ଖାଁ ୨୧ ବଲରୁ ୨୫ ରନ ସଂଗ୍ରହ କରିଥିଲେ । ବିପେକ୍ଷ ଦଳର ବୋଲର ଆଶିଷ କୁମାର ୪ ଓଭର ବୋଲିଂ କରି ୨୭ ରନ ଦେଇ ୩ଗୋଟି ଉଇକେଟ ନେଇଥିଲେ । ୧୫୦ରନର ବିଜୟ ଲକ୍ଷ୍ୟ ନେଇ ଜଳେଶ୍ୱର ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ୧୨୧ ରନ ସଂଗ୍ରହ କରି ମ୍ୟାଚ ପରାଜୟ ବରଣ କରିଥିଲା । ଦଳ ପକ୍ଷରୁ ଆରଏସ ରଣା ୧୬ ବଲରୁ ୨୮ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଜାହେସ ଖାଁ ୪ ଓଭର ବୋଲିଂ କରି ୨୧ ରନ ଦେଇ ୩ଟି ଉଇକେଟ ନେଇଥିଲେ । ବ୍ରହ୍ମବରଦାର ବୋଲର ସଇଫୁଲ ଖାଁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ଜାଏସ ଖାଁଙ୍କୁ ମ୍ୟାନ ଅଫ ଦ ସିରିଜ ଘୋଷିତ କରାଯାଇଥିଲା । ଫାଇନାଲ ଖେଳକୁ ଜୟନ୍ତ ପ୍ରଧାନ ଓ ମନୋଜ ନନ୍ଦ ପରିଚାଳନା କରିଥିଲେ। ବଜରଙ୍ଗବାଲୀ କ୍ଲବର ସଭ୍ୟ ପ୍ରକାଶ ପ୍ରଧାନ,ଟୁଲୁ ନନ୍ଦ,ବିକ୍ରମ ପରିଡା,ଝଲକ ପଣ୍ଡା,ସିଲୁ ନନ୍ଦ ଓ ତ୍ରିନାଥ ପରିଡା ପ୍ରମୁଖ ଟୁର୍ଣ୍ଣାମେଂଟକୁ ପରିଚାଳନାରେ ସହଯୋଗ କରିଥିଲେ।

## ଇଣ୍ଡୋ-ଆମେରିକା ସେବକ ଫାଉଣ୍ଡେସନ ପକ୍ଷରୁ ଗୁରୁପ୍ରସାଦ ହାଇସ୍କୁଲକୁ ପୁସ୍ତକ ପ୍ରଦାନ

କୋରେଇ,୨୯।୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ମସୁଦପୁରସ୍ଥିତ ଗୁରୁପ୍ରସାଦ ଉଚ୍ଚ ବିଦ୍ୟାଳୟର ଛାତ୍ର/ ଛାତ୍ରୀ ମାନଙ୍କ ମେଧା ବୃଦ୍ଧି ପାଇଁ ଇଣ୍ଡୋ-ଆମେରିକା ସେବକ ଫାଉଣ୍ଡେସନ ସହଯୋଗର ହାତ ବଢାଇଛି । ସୁଦୂର ଆମେରିକାର କାଲିଫର୍ଣ୍ଣିଆ ସହରରେ ବାସ କରୁଥିବା ମୁଗୁପାଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ମାନଙ୍କ ଦ୍ୱାରା ଗଠିତ ଇଣ୍ଡୋ-ଆମେରିକା ସେବକ ଫାଉଣ୍ଡେସନ ଛାତ୍ର/ ଛାତ୍ରୀ ମାନଙ୍କ ମେଧାଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ବିଦ୍ୟାଳୟରେ ପାଠାଗାରା ମାନ ପ୍ରତିଷ୍ଠା କରୁଛନ୍ତି । ଏହି କ୍ରମରେ ଗୁରୁପ୍ରସାଦ ହାଇସ୍କୁଲରେ ଫାଉଣ୍ଡେସନର ତତ୍ତ୍ୱାବଧାରକ ସେବା ନିବୃତ ସଙ୍ଗୀତ ଶିକ୍ଷକ ପ୍ରମୋଦ କୁମାର ଦାସ ଗୁରୁପ୍ରସାଦ ହାଇସ୍କୁଲରେ ପହଂଚି ପ୍ରଧାନ ଶିକ୍ଷକଙ୍କୁ ୩୫୦ଖଣ୍ଡ ପୁସ୍ତକ ସହିତ ଏକ ଷ୍ଟିଲ ଆଲମିରା ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ପିନାକ ରଂଜନ ଦାସ, ସମ୍ମାନୀତ ଅତିଥିଭାବେ ଫାଉଣ୍ଡେସନର ତତ୍ତ୍ୱାବଧାରକ ପ୍ରମୋଦ କୁମାର ଦାସ ଓ ଅଟଳବିହାରୀ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ପୁସ୍ତକ ପଠନ ଦ୍ୱାରା କିପରି ଛାତ୍ର/ ଛାତ୍ରୀ ମାନଙ୍କର ମେଧାବୃତି ହୋଇପାରିବ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଶିକ୍ଷକ ବିଷ୍ଣୁ ଚରଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରବିନ୍ଦ୍ର ନାୟକ, ମନୋଜ କୁମାର ବେହେରା, ଲକ୍ଷ୍ମୀନାରାୟଣ କର, ମହେନ୍ଦ୍ର ସେନାପତି, ସେବାନାଥ ତ୍ରିପାଠୀ, ବିଜୟ କୁମାର ସ୍ୱାଇଁ, ସୁରେଶ ଚନ୍ଦ୍ର ସାହୁ, କେଶବ ଚନ୍ଦ୍ର ଦଳାଇ, ଅକ୍ଷୟ କୁମାର ସାମଲ ଓ ନାରାୟଣ ନାୟକ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

## ଏନ ଏଲ ସି ତଲାବିରା ଥର୍ମାଲ ପାୱାର ପ୍ଲାଂଟର ୧ମ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା ,୨୯।୧ (ନି.ପ୍ର): ଏନ ଏଲ ସି ତଲାବିରା ଥର୍ମାଲ ପାୱାର ପ୍ଲାଂଟର ପ୍ରଥମ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଉତରାଂଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବକିଶୋର ଦାସ , ବରଗଡ଼ ସାଂସଦ ସୁରେଶ ପୂଜାରୀ , ସମ୍ବଲପୁର ସାଂସଦ ନୀତିଶ ଗଙ୍ଗଦ୍ୱେ, ରେଙ୍ଗାଲି ବିଧାୟକ ନାଉରି ନାୟକ, ଉତରାଂଚଳ ଆଇ ଜି ନରସିଂହ ଭୋଳ , ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ , ସମ୍ବଲପୁର ଜିଲ୍ଲାପାଳ ଶୁଭମ ସକ୍ସେନା , ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ , ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧର , ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ ,ଏନ ଏଲ ସି ଇଣ୍ଡିଆ ପ୍ରକଳ୍ପ ମୁଖ୍ୟ ଓ ନିର୍ଦ୍ଦେଶକ ,ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପ୍ରକଳ୍ପ ପ୍ରଭାବିତ ଅଂଚଳର ପ୍ରତିନିଧି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରକଳ୍ପ ପାଇଁ ୧୯,୪୨୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୧୪୪୭.୧୪ ଏକର ଜମି ମଞ୍ଜୁର ହୋଇଛି । ଏହି ଜମି ମଧ୍ୟରେ ଝାରସୁଗୁଡା ଜିଲ୍ଲାର ହିର୍ମା , କୁମ୍ଭାରି , ତରେଇକେଲା , ତୁମ୍ବକେଲା , ଲୁହୁରରେଙ୍ଗାଛର ଗ୍ରାମ ଅନ୍ତର୍ଭୁକ୍ତ । ଜିଲ୍ଲାପାଳ ଝାରସୁଗୁଡ଼ା ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରକଳ୍ପ ସମ୍ପର୍କିତ ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ । ପ୍ରକଳ୍ପ ପ୍ରଭାବିତ ଅଂଚଳରେ ଗ୍ରାମବାସୀ ଯେପରି ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପାଇବେ ସେଥିପ୍ରତି ଯତ୍ନବାନ ହେବାକୁ ଓ ଯଥା ସମ୍ଭବ ପ୍ରଦୂଷଣ ମାତ୍ରା କମ କରିବା ଦିଗ ପ୍ରତି ଦୃଷ୍ଟି ଦେବାକୁ ଅଧକ୍ଷ ତଥା ଉତାରାଂଚଳ ରାଜସ୍ୱ ଆୟୁକ୍ତ ପ୍ରକଳ୍ପ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନିୟମ ଅନୁଯାୟୀ ଯେପରି ସମସ୍ତଙ୍କୁ କ୍ଷତିପୂରଣ ମିଳିବ ସେଥି ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଭାବିତ ଅଂଚଳରେ ଯେପରି ଜନସାଧାରଣଙ୍କ ଜୀବନ ଜୀବିକା ସୁରକ୍ଷିତ ରହିବ ଓ ସ୍ଥାନୀୟ ନିଯୁକ୍ତି ପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ମନ୍ତ୍ରୀ , ସାଂସଦ ଓ ବିଧାୟକ ପ୍ରକଳ୍ପ କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

## ଅଦାର ଉପକାରିତା

ଅଦାରେ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଆଇରନ୍, କ୍ୟାଲସିୟମ ଓ ଆୟୋଡିନ୍ ଭଳି ଅନେକ ଗୁଣକାରୀ ଉପାଦାନ ପ୍ରଚୁର ପରିମାଣରେ ଥିବା ଯୋଗୁ ଘରେ ଅଦାକୁ ସଭିଏଁ ଖାଇବାରେ ବ୍ୟବହାର କରିବା ସହ ବିଭିନ୍ନ ସାଧାରଣ ରୋଗର ଉପଚାର ପାଇଁ ମଧ୍ୟ ବ୍ୟବହାର କରିଥାଉ । ଅଦା ରୋଗକୁ ଭଲ କରିବା ସହ ଏହା ଆମ ଶରୀରର ଉର୍ଜାକୁ ବଢ଼ାଇବାରେ ସହାୟକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଅଦା ଆମ ଶରୀର ପାଇଁ କେତେ ସାହାଯ୍ୟକାରୀ...



♦ ବର୍ଷା ଦିନ ଥଣ୍ଡାରେ ଶରୀରକୁ ବହୁ ମାତ୍ରାରେ ଉର୍ଜାର ଆବଶ୍ୟକତା ଥାଏ, ସେଥିପାଇଁ ଆପଣ ସକାଳ ସମୟରେ ଚା'ରେ ଅଦା ପକାଇ ପିଇବା ଦ୍ୱାରା ଶରୀରକୁ ଉର୍ଜା ମିଳିଥାଏ ଓ ଆମକୁ ସତେଜ ଲାଗେ ।

♦ ଏହି ଥଣ୍ଡା ସମୟରେ ଆମ ଶରୀରର ପାଚନ କ୍ରିୟାରେ ସାମାନ୍ୟ ଅନୀୟମିତତା ଦେଖାଯାଏ ଯାହା ଅଦା ଖାଇବା ଦ୍ୱାରା ପାଚନ ବ୍ୟତିକ୍ରମ ଦୂର ହୋଇଯାଏ ।

♦ ଏହି ସମୟରେ ଜର ଥଣ୍ଡା ଲାଗିରହୁଥିବାରୁ କାଶ ଛିଙ୍କ ହେବା ସାମାନ୍ୟ କଥା ଯାହାକୁ ଦୂର କରିବାରେ ସକ୍ଷମ ହୁଏ ତା ହେଲା ଅଦା, ଅଦା ରସରେ ମହୁ ମିଶାଇ ପିଡ଼ିତଙ୍କୁ ଖାଇବାକୁ ଦେଲେ ଚୁଟକିରେ ଦୂର ହୁଏ କାଶ ।

♦ ଖାଇବା ପରେ ଅଦା ମିଶା ଚା' ପିଇବା ଦ୍ୱାରା ଆମ ଗ୍ୟାସ ସମସ୍ୟା ଦୂର ହୋଇଥାଏ, ଯାହା ଫଳରେ ଆମକୁ ଅଳ୍ପ ସମୟ ମଧ୍ୟରେ ଉପଶମ ମିଳିଥାଏ ।




## ପରିବେଶକୁ ସୁହାଇଲା ପରି ଘର




ଶବ୍ଦ ପ୍ରଦୂଷଣ କାରଣରୁ ସମସ୍ତେ ବର୍ତ୍ତମାନ ଚିନ୍ତିତ । ରୋବ୍ୟାଧି ବଢ଼ିବା ସହ ପରିବେଶରେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏଣୁ ପ୍ରଦୂଷଣକୁ ଯଥାସମ୍ଭବ ରୋକିବା ନିମନ୍ତେ ସଂଖ୍ୟାଧିକ ପଦକ୍ଷେପ ନିଆଯାଉଛି । ଏଇ ୨ବର୍ଷ ତଳେ ଚୀନର ଏକ କମ୍ପାନୀ 'ଇକୋ - ଫ୍ରେଣ୍ଡଲି ଇଣ୍ଟେରିୟର' ପ୍ରଚଳନ କରାଇଛି । ସମସ୍ତ ପ୍ରକାର ବର୍ଜ୍ୟ ବସ୍ତୁର ବ୍ୟବହାର କରାଯାଇ ପରିବେଶକୁ ସୁହାଇଲା ଭଳି ସମାଗ୍ରୀମାନ କମ୍ପାନୀ ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ତିଆରି କରୁଛି । ଯେପରି ଘର ସାଜସଜ୍ଜା ଉପକରଣ, ଆଭ୍ୟନ୍ତରୀଣ ଓ ବାହାର ରଙ୍ଗ, ଆସବାପତ୍ର ଇତ୍ୟାଦି ଇତ୍ୟାଦି । ପ୍ରାରମ୍ଭରୁ ଲୋକେ ଏହା ପ୍ରତି ସେଭଳି ଆଗ୍ରହ ପ୍ରକାଶ କରିନଥିଲେ । ତେବେ ଅଭିଜ୍ଞ ଲୋକେ ଏସବୁ ବ୍ୟବହାର କରିବା ପରେ ସେମାନଙ୍କ ମତାମତକୁ ବିଭିନ୍ନ ସୋସିଆଲ ସାଇଟରେ ଉଲ୍ଲେଖ କରିଥିଲେ । ପରେ ଅନ୍ୟ ବର୍ଗର ଲୋକେ ମଧ୍ୟ ଏଇ ଇକୋ- ଫ୍ରେଣ୍ଡଲି ସମଗ୍ରୀ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । କମ୍ପାନୀର ମୁଖ୍ୟଙ୍କ ମତରେ, ବିଭିନ୍ନ ଘରରର ଇକୋ- ଫ୍ରେଣ୍ଡଲି ସାଜସଜ୍ଜାର ଭିନ୍ନଭିନ୍ନ ବଜେଟ୍ ରହିଛି । ଏବେ ଚୀନର ଏହି କମ୍ପାନୀ ଆମେରିକା କାନାଡାରେ ବ୍ୟବସାୟ ଆରମ୍ଭ କରିବା ସହ ଦିଲ୍ଲୀର କେତେକ ପ୍ରାନ୍ତରେ ମଧ୍ୟ କାମ ଆରମ୍ଭ କରିଛି ।









## ଫେସିଆଲ୍ କରୁଥିଲେ....

ଆଜିର ସମୟରେ କେବଳ ମହିଳାମାନେ ନୁହେଁ, ବରଂ ପୁରୁଷମାନେ ମଧ୍ୟ ମାସକୁ ଥରେ କିମ୍ୱା ଦୁଇଥର ଫେସିଆଲ୍ କରାଉଛନ୍ତି । ଚେହେରାର ଥକାପଣ ଦୂର କରାଇବା ନିମନ୍ତେ ଏହା ଏକ ଉ  ମ ଉପଚାର ବୋଲି ଅଧିକାଂଶ ମତ । ସୌନ୍ଦର୍ଯ୍ୟ ବିଶେଷଜ୍ଞ ପ୍ରକାଶ କରିଛନ୍ତି, ଅଧିକ ଥର ଫେସିଆଲ୍ କରାଇଲେ ଯେ ଆପଣ ଖୁବ୍ ସୁନ୍ଦର ଦେଖାଯିବେ,ଏଇ ଧାରଣା ମନରୁ ବାହାର କରନ୍ତୁ ।

♦ ଅତିବେଶୀରେ ମାସରେ ଥରେ କିମ୍ୱା ଦୁଇ ମାସରେ ଥରେ ଫେସିଆଲ୍ କରାଇବା ଉଚିତ । ତାଲିମପ୍ରାପ୍ତ ବ୍ୟୁଟିସିଆନ୍‌ଙ୍କ ପାଖରେ ମଧ୍ୟ ଏହା କରାଇବା ଖୁବ୍ ଜରୁରୀ ।

♦ ବାରମ୍ୱାର ଫେସିଆଲ୍ କରାଇଲେ, ଆପଣଙ୍କ ତ୍ୱଚାର ପ୍ରାକୃତିକ ଚମକ ଦିନ କେଇଟାରେ କମ୍ ହୋଇଥାଏ । ଏପରିକି ଅଧିକ ଥର ଫେସିଆଲ୍ କରାଇବା ଦ୍ୱାରା ତ୍ୱଚା ଆଲର୍ଜି ସମସ୍ୟା ମଧ୍ୟ ଉପୁଜେ ।

♦ ଭଲ କମ୍ପାନୀର ସାମଗ୍ରୀ ବ୍ୟବହାର କରିବା ସ ୍ବ କେତେଜଣ ପ୍ରକାଶ କରିଛନ୍ତି ଯେ ସେମାନଙ୍କ ତ୍ୱଚାରେ ଲାଲ ଦାଗ ମଧ୍ୟ ହେଉଛି । ବାରମ୍ୱାର ଫେସିଆଲ୍ କରାଇବାର ଏହା କୁପରିଣାମ ବୋଲି ଜଣାପଡିଛି ।

♦ ଅଧିକ ଥର ଫେସିଆଲ୍ କରାଇଲେ ବ୍ରଣ ସମସ୍ୟା ହେଉଥିବାର ପ୍ରକାଶ । ଏବେ ଠାରୁ ଏ ବାବଦରେ ସଚେତନ ହୋଇଯିବା ଜରୁରୀ ।



## ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ


ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିୱେକର୍‌ଙ୍କ ଲେକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।

♦ ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।

♦ ପରଟା, ଉପମା, ଚୁଡା ସନ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ୱା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।

♦ ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ୱ କିମ୍ୱା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।

♦ ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ୍ୟ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।



♦ କାରୀନା ଦୈନିକ ୍ସକାଳ ଜଳଖିଆରେ ଘିଅ ପରଟା ଖାଇଥାନ୍ତି । ଏହା ସ ୍ବ ସେ ନିଜକୁ ଫିଟ୍ ରଖିଛନ୍ତି । କାରଣ ଯୋଗ, ପ୍ରାଣାୟମର ଅଭ୍ୟାସ ମଧ୍ୟ ସେ ନିୟମିତ କରିବାରେ ଆଦୌ ହେଳା କରନ୍ତି ନାହିଁ ।

## ଟିପ୍ସ: ମୁଡ୍ ବନାଇବା ପାଇଁ

ରିଲେସନ୍‌ସିପ୍‌ରେ ସେକ୍ସ ଏକ ପ୍ରମୁଖ ଭୂମିକା ନେଇଥାଏ । ପ୍ରାରମ୍ଭିକ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଥାଏ ବଡ଼ ଉତ୍ସାହ । ହେଲେ ସମୟ କ୍ରମେ ବିଭିନ୍ନ ଦାୟିତ୍ୱ, କର୍ମ ବ୍ୟସ୍ତତା କାରଣରୁ ଶାରୀରିକ ସମ୍ପର୍କ ପ୍ରଭାବିତ ହୋଇଥାଏ । ଆଉ ଏହା ସମ୍ପର୍କ କ୍ଷେତ୍ରରେ ଠିକ୍ ନୁହେଁ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ରିଲେସନ୍‌ସିପ୍ ଏହି ସମୟ ଦେଇ ଗତି କରୁଛି, ତେବେ ଏହାକୁ ଦୂର କରିବା ପାଇଁ, ଜୀବନକୁ ଉପଭୋଗ କରିବା ପାଇଁ ନିମ୍ନଲିଖିତ ଟିପ୍ସକୁ ଅନସରଣ କରିବା ନିହାତି ଆବଶ୍ୟକ ।

♦ ଆପଣ ଉଭୟେ କେତେ ବି କର୍ମଚାପରେ ରୁହନ୍ତୁ ନା କାହିଁକି, ଅତିକମ୍‌ରେ ଗୋଟିଏ ଦିନ ବାହାର କରି ଉଭୟେ ଏକତ୍ର ବିତାଇବା ଦରକାର । କିଛି ସ୍ଥାନ ବୁଲିବାର ଯୋଜନା ରଖିବା, ଖୋଲାଖୋଲି କଥାବାର୍ତ୍ତା ହେବା ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ ।

♦ ଆପଣଙ୍କ ରିଲେସନ୍‌ସିପ୍ ଦୀର୍ଘଦୀନ ହୋଇଯିବା ଅର୍ଥ ଆପଣ ରୋମାଣ୍ଟିକ୍ କଥାବାର୍ତ୍ତା କରିବା ଛାଡ଼ିଦେବା ଠିକ୍ ନୁହେଁ । ରୋମାନ୍ସ ସବୁବେଳେ ରହିବା ଦରକାର । ପରସ୍ପର ମଧ୍ୟରେ ରୋମାଣ୍ଟିକ୍ କଥାବାର୍ତ୍ତା ଆପଣଙ୍କୁ ଆଗାମୀ ପଦକ୍ଷେପ ନେବାକୁ ଆହୁରି ସହଜ କରିବ ।

♦ ରୋମାଣ୍ଟିକ୍ ଡିନର୍ ଡେଟ୍ ମଧ୍ୟ ପ୍ରେମକୁ ମଜଭୁତ କରିବା ଓ ଆଗକୁ ନେବାରେ ବଡ଼ ସହଯୋଗ କରିଥାଏ । ଯଦି ଆପଣ କ୍ୟାଣ୍ଡେଲ୍ ଲାଇଟ୍ ଡିନର୍ କରୁଛନ୍ତି, ତେବେ ବହୁତ ଭଲ । ନଚେତ୍ ଖାଇବା ଦରକାର । ଏହା ଉଭୟେଙ୍କୁ ଆହୁରି ହୃଦୟର ପାଖକୁ ଆଣିଥାଏ ।

♦ ଉଭୟ ପତି-ପତ୍ନୀ ପରସ୍ପରକୁ ସେକ୍ସି ଗିଫ୍ଟ ଦେବାକୁ ଅସହଜ ମନେକରିଥାନ୍ତି । ହେଲେ ମନେ ରଖିବା ଦରକାର ଯେ, ଏହି ଉପହାର ମାଧମରେ ଆପଣ ନିଜର ମନର କଥା ଏବଂ ଶାରୀରିକ ସମ୍ପର୍କ ରକ୍ଷା କରିବାର ବିଷୟକୁ ଅବଗତ କରାଇ ପାରିବେ ।

♦ ସମ୍ପର୍କ ସମୟରେ ସବୁବେଳେ ମନେ ରଖିବା ଦରକାର ଯେ, ଆପଣ ରୋମାନ୍ସକୁ ଭୁଲି ନାହାନ୍ତି । ଯେତେ ବିଳମ୍ୱ ହେଲେ ମଧ୍ୟ ରୋମାନ୍ସ କରିବା ଛାଡନ୍ତୁ ନାହିଁ । କାରଣ ଏହା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତି ଜରୁରୀ ।









## ଏ ପ୍ରବୃତ୍ତିରୁ ଦୂରେଇ ରହନ୍ତୁ

କେତେକ ବର୍ଗର ଲୋକଙ୍କ ସଂସ୍ପର୍ଶରେ ଆମ ଭିତରୁ ଅନେକ ଆସିଥିବେ, ଯେଉଁମାନେ କଥାକଥାରେ ଭୁଲ ମାଗିଥାନ୍ତି । ଏଭଳି କହିବା ପୂର୍ବରୁ ପ୍ରତି ନିଜ ଦୃଷ୍ଟି ଦେଇ ଚିନ୍ତା କରନ୍ତୁ ଯେ ଏପରି କି ଭୁଲ କଲେ ଯେ ସେଥିପାଇଁ ସାମାନ୍ୟସାମାନ୍ୟ କଥାରେ ମଧ୍ୟ ଭୁଲ ମାଗିବାକୁ ପଡୁଛି । ଦିଲ୍ଲୀର ନାମୀ ମନସ୍ତତ୍ତ୍ୱବିତ ଡାକ୍ତର ଆରତି ଆନନ୍ଦଙ୍କ ମତରେ, ପ୍ରାୟ ପ୍ରତି ୨୦ଜଣରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ୯ଜଣ । କିଛି ମାସ ତଳେ ଭାରତର ମହାନଗରୀ ଲୋକଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା । ଦେଢ଼ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇଥିଲେ । ପରୀକ୍ଷାରୁ ଏହା ମଧ୍ୟ ସ୍ପଷ୍ଟ ହୋଇଥିଲା ଯେ ସାମାନ୍ୟ କଥାରେ ଭୁଲ୍ ମାଗୁଥିବା ବ୍ୟକ୍ତିଙ୍କ ବ୍ୟବହାର ଅତ୍ୟନ୍ତ ଅମାୟିକ ଓ ଭଦ୍ର, କିନ୍ତୁ ସେମାନଙ୍କର ଏଇ ପ୍ରକୃତିକୁ ଦେଖି ଅନ୍ୟମାନେ ଖୁବ୍ ଫାଇଦା ନେବାକୁ ଚେଷ୍ଟା କରନ୍ତି । ସେହି ବର୍ଗର ଲୋକଙ୍କ ଏଭଳି ପ୍ରକୃତି ପଛର କାରଣ ମଧ୍ୟ ସ୍ପଷ୍ଟ ହୋଇଥିଲା । ପିଲାଦିନୁ ଘରଲୋକଙ୍କ ଶକ୍ତ କଟକଣା ସହ ଖୁବ୍ ଆଦବକାଇଦାରେ ବଢ଼ିଥିବା କାରଣରୁ ବଡ଼ ହେବା ପରେ ପ୍ରତି କାମ କରିବା ପୂର୍ବରୁ ସେମାନେ ସଚେତନ ହୋଇଯାନ୍ତି । ଫଳସ୍ୱରୂପ, କାର୍ଯ୍ୟାଳୟ ହେଉ ଅବା ଅନ୍ୟ ସ୍ଥାନ, ଯେ କୌଣସି କାମ କଲାବେଳେ ଏମାନଙ୍କ ଆତ୍ମବିଶ୍ୱାସ ଦୃଢ଼ ନଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ଜାନୁଆରୀ ୨୦୨୧ ,ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ରାଜନୈତିକ ସମୀକରଣ...

ଆମ ଦେଶର ପ୍ରତିବେଶୀ ରାଷ୍ଟ୍ରଗୁଡ଼ିକରେ କେତେବେଳେ କ'ଣ ଘଟୁଛି, ତାହା ଉପରେ ବିଶ୍ୱବାସୀଙ୍କ ଉତ୍ସୁକ ନଜର ଲାଖି ରହୁଛି। ତାହା ପାକିସ୍ତାନ, ଶ୍ରୀଲଙ୍କା ହେଉ କି' ନେପାଳ ଓ ଭୁଟାନ; କୌଣସି ପ୍ରାନ୍ତରେ କି' ପ୍ରକାର ଉତ୍ଥାନ-ପତନ ପ୍ରକ୍ରିୟା ପ୍ରକଟିତ ହେଲେ, ତାହାର ପ୍ରଭାବ ଅନ୍ୟତ୍ର ଅବଶ୍ୟ ଦେଖାଦେବ। କିଛିକାଳ ହେଲା ପଡ଼ୋଶୀ ନେପାଳରେ ଚାଲିଛି ରାଜନୈତିକ ଉଦ୍‌ବେଳନ। ସେ ଦେଶର କ୍ଷମତାସୀନ ଦଳ ନେପାଳ କମ୍ୟୁନିଷ୍ଟ ପାର୍ଟିରେ ଦେଖାଦେଇଥିବା ବିବାଦ ଏବେ ପଦାକୁ ଫୁଟି ବାହାରିଲାଣି। ରବିବାର ଦେଶର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ପାର୍ଟିରୁ ସାଧାରଣ ସଦସ୍ୟତାରୁ ନିକାଲି ଦିଆଯାଇଛି। ଏନସିପିର ପୁଷ୍ପକ କୁମାର ଦହଲ 'ପ୍ରଚଣ୍ଡ' ନେତୃତ୍ୱାଧୀନ ଗୋଷ୍ଠୀ ଓଲିଙ୍କୁ ବହିଷ୍କାର କରିଦେବା ପରେ ନେପାଳ ରାଜନୀତି ଅସ୍ୱାଭାବିକ୍ ସ୍ଥିତି ଉତ୍ପନ୍ନ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ ଓ ମାଧବ କୁମାର ନେପାଳଙ୍କ ଗୋଷ୍ଠୀ ଯେଉଁ କାରଣରୁ ଓଲିଙ୍କୁ ପାର୍ଟିର ପ୍ରାଥମିକ ସଦସ୍ୟତାରୁ ନିକାଲି ଦେଇଛନ୍ତି, ତାହା ବିଭିନ୍ନ ମହଲରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଓଲିଙ୍କୁ ଯେଉଁ ପ୍ରସଙ୍ଗ ନେଇ କୈଫିୟତ ତଲବ କରାଯାଇଥିଲା, ତାହାର ସନ୍ତୋଷଜନକ ଉତ୍ତର ସେ ରଖିପାରିନଥିଲେ। ତେଣୁ ପାର୍ଟିର ନେତୃତ୍ୱ ବହିଷ୍କାର କରିଦେଲା। ଏଭଳି କାର୍ଯ୍ୟାନୁଷ୍ଠାନର ପୃଷ୍ଠଭୂମି ଉପରେ ନଜର ପକାଇଲେ ଜାଣିହେବ କ'ଣ ପାଇଁ କ୍ଷମତାସୀନ ଦଳରେ ଏତେ ଘିଂଟିଚକଟ ଲାଗିଛି। ପାର୍ଟିର ନୀତି ତଥା ବିଚାରର ପରିପନ୍ଥୀ ଅନେକ କାର୍ଯ୍ୟରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଲିପ୍ତ ଥିଲେ। ଗତ ଡିସେମ୍ବରରେ ବିଭାଜିତ ଗୋଷ୍ଠୀ ସେଥିପାଇଁ ଓଲିଙ୍କୁ ଶାସନ ଦଳର ଦୁଇଜଣ ଅଧ୍ୟକ୍ଷ ମଧ୍ୟରୁ ଅନ୍ୟତମ ଅଧ୍ୟକ୍ଷ ପଦରୁ ବାହାର କରିଦେଇଥିଲେ। ମାଧବ ନେପାଳଙ୍କୁ ପାର୍ଟିର ଦ୍ୱିତୀୟ ଚେୟାରମ୍ୟାନ ରୂପେ ନିଯୁକ୍ତି ଦିଆଗଲା। ପ୍ରଥମ ଅଧ୍ୟକ୍ଷ ରହିଲେ ନିଜେ ପ୍ରଚଣ୍ଡ। ପ୍ରଚଣ୍ଡଙ୍କ ଗୋଷ୍ଠୀ ଗତ୧୫ ତାରିଖରେ ଓଲିଙ୍କଠାରୁ କୈଫିୟତ ତଲବ କରିଥିଲେ। କ'ଣ ପାଇଁ ସେ ଦଳ-ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି, ସେ ନେଇ ତାଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବା ସତ୍ତ୍ୱେ ସେ ଆଦୌ ଚଳ୍କିନଥିଲେ। ସବିଶେଷ ସ୍ଥିତିରୁ ଜଣାଯାଏ, ନେପାଳ କମ୍ୟୁନିଷ୍ଟ ପାର୍ଟିର ବିଭାଜିତ ଗୋଷ୍ଠୀ ଏହା ମଧ୍ୟରେ ସରକାର ବିରୋଧୀ ସମାବେଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଲିଙ୍କ ଦ୍ୱାରା ସଂସଦ ଭଙ୍ଗ ନିଷ୍ପତ୍ତିକୁ 'ଅଣ-ସାମ୍ବିଧାନିକ' ବୋଲି ଅଭିହିତ କରିଛନ୍ତି ପ୍ରଚଣ୍ଡ ଗୋଷ୍ଠୀ। ବହୁ କଷ୍ଟଲବ୍ଧ ସଂଘୀୟ ଗଣତାନ୍ତ୍ରିକ ଜନରାଜ୍ୟ ବ୍ୟବସ୍ଥା ପାଇଁ ଏହା ଗୁରୁତର ଧକ୍କା ବୋଲି ବର୍ଣ୍ଣନା କରାଯାଇଛି। ସଂସଦ ଭଙ୍ଗ ନିଷ୍ପତ୍ତି ଦ୍ୱାରା ଓଲି ନେପାଳର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଗୁରୁତର ଆଘାତ ଆଣିଛନ୍ତି ବୋଲି କହୁଥିବା ଗୋଷ୍ଠୀର କହିବା କଥା, ସଂସଦ ଭଙ୍ଗ ଭଳି ନିଷ୍ପତ୍ତି ନେବାର ଅଧିକାର ପ୍ରଧାନମନ୍ତ୍ରୀଙ୍କର ନାହିଁ। ସମସ୍ତେ ଜାଣନ୍ତି, ପ୍ରଧାନମନ୍ତ୍ରୀ ଓଲିଙ୍କ ଉପରେ ଚୀନର ପ୍ରଭାବ ରହିଛି। ଚୀନ୍ ପକ୍ଷରୁ ଲଗାତାର ନେପାଳ ରାଜନୈତିକ ଗତିବିଧି ଉପରେ ନଜର ରହୁଥିବା ଭିତରେ ନିଜ ଦେଶର ପ୍ରତିନିଧି ଦଳକୁ ପଠାଇ ବିବାଦ ତୁଟିବା ସକାଶେ ଉଦ୍ୟମ କରିଛି ଚୀନ। ୨୭୫ ଆସନ ବିଶିଷ୍ଟ ସଂସଦକୁ ଭଙ୍ଗ କରିବା ପାଇଁ ଓଲିଙ୍କ ନିଷ୍ପତ୍ତିକୁ ପ୍ରଚଣ୍ଡଙ୍କ ଗୋଷ୍ଠୀ ପରିଚାଳିତ ପାର୍ଟି ଦ୍ୱାରା ଦୃଢ଼ ବିରୋଧ କରାଗଲା। ଓଲିଙ୍କ ଯୁକ୍ତି ହେଲା : ପ୍ରଚଣ୍ଡଙ୍କ ଗୋଷ୍ଠୀ ପକ୍ଷରୁ ତାଙ୍କ ବିରୋଧରେ ଏକ ଅନାସ୍ଥା ପ୍ରସ୍ତାବ ଅଣାଯିବା ଲାଗି ଚେଷ୍ଟା ଚାଲିଥିବାର ସୂଚନା ପାଇବା ହେତୁ ସେ ସଂସଦ ଭଙ୍ଗ ପାଇଁ ବାଧ୍ୟ ହେଲେ। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ ନାମରେ ମହାଭିଯୋଗ ଆଣିବା ଲାଗି ମଧ୍ୟ ଉଦ୍ୟମ ହେଉଥିବାର ସେ ଜାଣିପାରିଥିଲେ ବୋଲି କହିଥିଲେ। ଚୀନ ପକ୍ଷରୁ ନେପାଳ କମ୍ୟୁନିଷ୍ଟ ପାର୍ଟିରେ ସୃଷ୍ଟି ହୋଇଥିବା ବିଭେଦ ଓ ବିଭାଜନର ସମାଧାନ ସକାଶେ ହୋଇଥିବା ଉଦ୍ୟମରୁ କିଛି ଆଖିଦୃଶିଆ ସୁଫଳ ମିଳିନଥିଲେ ସୁଦ୍ଧା ଆପାତତଃ ବେଶ୍ କିଛିକାଳ ଜଟିଳତା ଲାଗି ରହିବ। ତାହା ଏସିଆ କ୍ଷେତ୍ର ପାଇଁ ନିଶ୍ଚିତ ରୂପେ ଅସ୍ୱାଭାବିକ ଘଟଣା ଭାବେ ଗ୍ରହଣ କରାଯିବ। ଭାରତ ସହ ନେପାଳର ପୁରୁଣା ସମ୍ପର୍କ ନେଇ ନିକଟ ଭବିଷ୍ୟତରେ ପୁନର୍ବିଚାର ପାଇଁ ଏକାଧିକ ଅବକାଶ ସୃଷ୍ଟି ହେବାର ସୂଚନା ରହିଛି। ପ୍ରତିବେଶୀ ଦେଶର ଆଭ୍ୟନ୍ତରୀଣ ଘଟଣା ବୋଲି ସୂଚାଇ କେବେ ଭାରତ ସରକାର ଚୁପ୍ ହୋଇ ବସିନପାରନ୍ତି। ସଂସଦ ଭଙ୍ଗ ପରେ ଉତ୍ପନ୍ନ ସ୍ଥିତି କେଉଁଆଡ଼କୁ ଯାଉଛି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିବ।

## ଭାରତର ଟିକା କୂଟନୀତି

ପୃଥିବୀ ସାରା କୋରୋନା ରୋଗର ସଂକ୍ରମଣ ସମସ୍ତଙ୍କୁ ଚିନ୍ତିତ କରିଛି । ଇଉରୋପର ଅନେକଗୁଡିଏ ଦେଶରେ ଏହା ଦ୍ୱିତୀୟ କିମ୍ବା ତୃତୀୟଥର ପାଇଁ ମଧ ଫେରିଛି । ଆମେରିକାରେ ଦୈନିକ ଚ୍ଚରିହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡିବାରେ ଲାଗିଛନ୍ତି । ବ୍ରିଟେନରେ କର୍ଫ୍ୟୁ ଜାରି କରିବାକୁ ହୋଇଛି । ହଂକଂରେ ଲକ୍‌ଡାଉନ୍ ଚ୍ଚଲିଛି । ସଂକ୍ରମଣର ତାଣ୍ଡବ ଛୋଟ ବଡ ଅନେକ ଦେଶରେ ଜାରି ରହିଛି । ବ୍ରାଜିଲରେ ସ୍ଥିତି ଅସମ୍ଭାଳ ହୋଇପଡିଛି । ଲୋକମାନେ ବାଧ ହୋଇ ରାଷ୍ଟ୍ରପତି ବୋଲ୍‌ସେନାରୋଙ୍କ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି,ଯେଉଁଥିପାଇଁ ତାଙ୍କୁ ଭାରତରୁ ଟିକାନେବାକୁ ସ୍ୱତନ୍ତ୍ର ବିମାନ ପଠାଇବାକୁ ପଡିଛି ।


ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀ ମୋଦିଙ୍କ ଏଭଳି ପଦକ୍ଷେପକୁ ସହଯୋଗୀ ରାଷ୍ଟ୍ର ନେପାଳ, ବଙ୍ଗଳାଦେଶ, ମରିସସ୍ ପକ୍ଷରୁ ଖୁବ୍ ପ୍ରଶଂସା କରାଯାଇଛି । ନେପାଳର ପ୍ରଧାନମନ୍ତ୍ରୀ କେପିଶର୍ମା ଓଲି, ସ୍ୱାସ୍ଥ୍ୟମନ୍ତ୍ରୀ ହୃଦୟେଶ ତ୍ରିପାଠୀ, ବଙ୍ଗଳା ଦେଶ ବିଦେଶମନ୍ତ୍ରୀ ଡକ୍ଟର ଏକେ ଅବଦୁଲ ମୋମେନ ପ୍ରମୁଖ ଏଥିପାଇଁ ଭାରତ ସରକାରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି । ମୋମେନ କହିଛନ୍ତି ବଙ୍ଗଳାଦେଶ ମୁକ୍ତିଯୁଦ୍ଧ (୧୯୭୧) ବେଳେ ଭାରତ ବଙ୍ଗଳାଦେଶ ସହ ଛିଡା ହୋଇଥିବା ବେଳେ ଆଜିର ମହାମାରୀ କାଳରେ ମଧ ଉପହାର ସ୍ୱରୂପ ଟିକା ନେଇ ଆସିଛି । ମାଳଦ୍ୱୀପର ବାଚସ୍ପତି ମହମ୍ମଦ ନସିଦ କହିଛନ୍ତି ଯେ ନୂଆଦିଲ୍ଲୀ ସବୁବେଳେ ମାଲେର ପ୍ରଥମ ସାହାଯ୍ୟକାରୀ ଏବଂ ବିଶ୍ୱାସୀ ବନ୍ଧୁ ହୋଇ ରହିଆସିଛି । ବ୍ରାଜିଲର ରାଷ୍ଟ୍ରପତି ବୋଲସେନାରୋ ଚମତ୍କାର ମନ୍ତବ୍ୟ ଦେଇଛନ୍ତି । ବ୍ରାଜିଲରେ ଟିକା ପହଞ୍ଚିବା ପରେ ହନୁମାନ ଭାରତରୁ ଟିକାନେଇ ଆକାଶ ପଥରେ ବ୍ରାଜିଲକୁ ଆସିଥିବାର ଏକ ଛବି ସେ ତାଙ୍କ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି । ବ୍ରାଜିଲବାସୀଙ୍କ ପାଇଁ ଅଧିକ ପରିମାଣର ଏହି ଟିକା କିଣିବା ଯୋଜନା ରହିଥିବା ସଂପର୍କରେ ଉଲ୍ଲେଖ କରି ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ବଙ୍ଗଳାଦେଶ କର୍ତ୍ତୃପକ୍ଷ ଚୀନର ସିନୋଭାକ ବାଇଓଟେକ୍‌ଠାରୁ ୧,୧୦୦୦୦ଟିକା ମାଗଣାରେ ପାଇଥାନ୍ତେ । କିନ୍ତୁ ଟିକା ପ୍ରସ୍ତୁତିର ଖର୍ଚ୍ଚ ସଂପୃକ୍ତ କମ୍ପାନୀ ବଙ୍ଗଳାଦେଶ କର୍ତ୍ତୃପକ୍ଷଙ୍କୁ ମାଗିବାପରେ ଅସୁବିଧା.ସୃଷ୍ଟି ହୋଇଥିଲା । ତେଣୁ ବଙ୍ଗଳାଦେଶ ଭାରତ ସରକାରଙ୍କ ସହ ଯୋଗାଯୋଗ କରିବା ପରେ ଶସ୍ତା ଓ ସୁବିଧାରେ ଟିକା ପାଇବାର ପ୍ରତିଶ୍ରୁତି ପାଇଲେ । ଆଗାମୀ ଦିନରେ ବଙ୍ଗଳାଦେଶ ଅଧିକ ତିନିକୋଟି ଟିକା ମାସିକ ୫୦ଲକ୍ଷ ହିସାବରେ ଭାରତରୁ କିଣିବାକୁ ପ୍ରସ୍ତାବ ଦେଇଛି । ଭାରତର ଏହି କୂଟନୀତିକୁ ଆନ୍ତର୍ଜାତିକ ସ୍ତରରେ ଚୀନର ପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରଦର୍ଶିତ କରାଯାଉଥିଲେ ମଧ ନରେନ୍ଦ୍ର ମୋଦି ପ୍ରଥମଥର ପାଇଁ ସାର୍କ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ କୋରୋନା ନିୟନ୍ତ୍ରଣ ପାଇଁ ଓ୍ୱେବିନାର ବୈଠକରେ ସମସ୍ତ ପ୍ରକାର ସହଯୋଗ କରିବାକୁ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ବେଶ ଉଲ୍ଲେଖନୀୟ । ସେତେବେଳେ ସେ ପଡୋଶୀ ରାଷ୍ଟ୍ରଗୁଡିକୁ ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ମଧ କହିଥିଲେ । ଏବେ ସେହି ପ୍ରତିଶ୍ରୁତିକୁ ସେ ରକ୍ଷା କରିଛନ୍ତି । ସହଯୋଗୀ ରାଷ୍ଟ୍ରଗୁଡିକ ମଧରେ ବନ୍ଧୁତା ସ୍ଥାପନ ଲାଗି ଯଦି ଟିକା ମାଧମ ହୁଏ ସେଥିରେ କ୍ଷତି ବା କଣ ଅଛି ।

ଟିକାର ବ୍ୟାପକ ଉତ୍ପାଦନ ଓ ଯୋଗାଣ ପାଇଁ ଶୀତଳୀକରଣ ବ୍ୟବସ୍ଥା ଭାରତରେ ନଥିବା ହେତୁ ଏବେ ଲକ୍ସେମ୍ବର୍ଗର ଏକ କମ୍ପାନୀ ସହ ଏଥିପାଇଁ ବୁଝାମଣା ହୋଇଛି । ଉକ୍ତ କମ୍ପାନୀ ଟିକାକୁ ସୁରକ୍ଷିତ ରଖିବାଲାଗି ସ୍ୱତନ୍ତ୍ର ବକ୍ସ ପ୍ରଦାନ କରୁଛି । ଆଗାମୀ ଦିନରେ ଏହାର ଉତ୍ପାଦନ ଗୁଜୁରାଟରେ ହେବ । ଆବଶ୍ୟକତାକୁ ସୁଯୋଗ ମନେକରି ଟାଟା କମ୍ପାନୀ ମଧ ସ୍ୱତନ୍ତ୍ର ଭାବେ ଟିକା ପରିବହନକାରୀ ଫ୍ରିଜର ଟ୍ରକ୍ ବଜାରକୁ ଛାଡିଛି । ଏହାକୁ ରାଜ୍ୟମାନଙ୍କର ସରକାର ଏବଂ କମ୍ପାନୀମାନେ ବ୍ୟବହାର କରିପାରିବେ । ଏକଥା ସତ ଯେ ବିଶ୍ୱରେ କୋରୋନାର ସଫଳ ନିୟନ୍ତ୍ରଣ ଓ ପରିଚ୍ଚଳନା କ୍ଷେତ୍ରରେ ନରେନ୍ଦ୍ର ମୋଦି ବିଶ୍ୱବାସୀଙ୍କ ଦୃଷ୍ଟିରେ ସବୁଠୁ ଆଗରେ ରହିଛନ୍ତି । ଯେଉଁ କାର୍ଯ୍ୟ ଅନ୍ୟ ବଡ ବଡ ରାଷ୍ଟ୍ର କରିପାରିନାହାନ୍ତି ସେଭଳି କାର୍ଯ୍ୟ କରି ଶ୍ରୀ ମୋଦି ତାଙ୍କ ଦକ୍ଷତାର ପରିଚୟ ଦେବା ସହ ଭାରତର ପ୍ରଶଂସନୀୟ ଭୂମିକାକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଛନ୍ତି । ଏହି ପଦକ୍ଷେପ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧିରେ ଆଗାମୀ ଦିନରେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ । ଭାରତର ଟିକା ମିତ୍ରତା ବା ଭାକସିନ୍ ମୈତ୍ରୀ କାର୍ଯ୍ୟକ୍ରମକୁ ଦେଖି ଚୀନର ପ୍ରବଳ ଗାତ୍ରଦାହ ବଢିଛି । ଫଳରେ ଚୀନର ସରକାରୀ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ସିରମ୍ ଇନ୍‌ଷ୍ଟିଚ୍ୟୁଟରେ ଅଗ୍ନିକାଣ୍ଡ ଏବଂ କେତେକ ସ୍ଥାନରେ ରାଜନୀତି ଯୋଗୁ କୋଭାକ୍ସିନକୁ ବିରୋଧ କରାଯିବାକୁ ନେଇ ପ୍ରଶ୍ନ ଉଠାଇ ଏହା ଭାରତୀୟ ଟିକା ପ୍ରସ୍ତୁତି ଓ ଗୁଣମାନ ଉପରେ ସନ୍ଦେହ ସୃଷ୍ଟି କରିଛି ବୋଲି ଲେଖିଛି । କୋରୋନା ଭୂତାଣୁର ଉତ୍ପତ୍ତି ଆମେରିକାରୁ ହୋଇଛି ବୋଲି ନିଜର ଲୋକମାନଙ୍କୁ ବୁଝାଉଥିବା ଚୀନର ଏହି ଗଣମାଧମ କେତେ ଆଉ ଲଙ୍ଗଳାହେବ କହିହେଉନାହିଁ । ଲୁଚିଛି ନା ଗୋଡ ଦୁଇଟି ଦିଶୁଛି ନ୍ୟାୟରେ ବିଚ୍ଚରକଲେ ନିଜର ଅପକର୍ମକୁ ଲୁଚ୍ଚଇବାରେ ଓସ୍ତାଦ ଚୀନା ଗଣମାଧମ ନିଜ ଲୋକଙ୍କୁ ମୂର୍ଖ କରି ଗଢିପାରେ, ସମଗ୍ର ବିଶ୍ୱବାସୀଙ୍କୁ ନୁହେଁ । କିନ୍ତୁ ଏହି କୂଟନୀତି ୬୦ବର୍ଷ ହେବ ବିଶ୍ୱରେ ଚ୍ଚଲିଆସିଛି । ଅତୀତରେ ରୁଷିଆର ଟୀକା ଆମେରିକାର ଲୋକଙ୍କୁ ୧୯୫୫ରେ ଆଶ୍ୱସ୍ତ କରିଥିଲା । ଯେତେବେଳେ ଟୀକା ମାଧମରେ ବହୁରାଷ୍ଟ୍ରୀୟ ସଂପର୍କକୁ ସୁଦୃଢ କରାଯାଏ ତାକୁ ଟୀକା କୂଟନୀତି କୁହାଯାଏ । ଭାରତ ସେହି କାର୍ଯ୍ୟ କରୁଛି, ଯାହା ଅତୀତରେ ମହାଶକ୍ତିମାନେ କରିଆସିଛନ୍ତି ।

(ସମାପ୍ତ)

## ଭାରତୀୟ ନିର୍ବାଚନ - ଜଘନ୍ୟ କ୍ଷମତା ଯୁଦ୍ଧ



ମାୟାଧର ନାୟକ

ନିର୍ବାଚନ-ଧର୍ମଯୁଦ୍ଧ ନୁହେଁ - ଜଘନ୍ୟ କ୍ଷମତା ଯୁଦ୍ଧ । ସଂକଟର ସନ୍ଧିକ୍ଷଣରେ ଆଜି ଭୂଆଁବୁଲୁଛି ସମଗ୍ର ଭାରତବର୍ଷ। ଗଣତନ୍ତ୍ର ଆଜି ରକ୍ତାକ୍ତ। ସାଂପ୍ରଦାୟିକ ଦଙ୍ଗା, ଦୁର୍ନିତୀ ପରେ ଦୁର୍ନୀତି, ଶୋଷଣ, କଷଣ, ଅନ୍ୟାୟ ଅତ୍ୟାଚାର ଧର୍ଷଣ ଗଣହତ୍ୟା ଓ ବିକୃତିର ବର୍ବରତାରେ ଅତିଷ୍ଠ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟଆଡକୁ ନେଇଯିବା ପାଇଁ ଉନ୍ମାଦନା, ଉତେଜନା ସୃଷ୍ଟିକରିବା ସଂଗେ ସଂଗେ ଜନଗଣଙ୍କ ଅଧିକାରକୁ ପଣ୍ୟକରିବା ପାଇଁ କଦର୍ଯ୍ୟ କୁତ୍ସିତ ଚରିତ୍ର ସଂହାର ବାକ୍‌ଚାତୁରୀ ଉଦଣ୍ଡ ନାଚ ଗଣମାଧମରେ ନକଲି ଚେହେରା ପ୍ରଦର୍ଶନ ଓ ମିଥ୍ୟା ପ୍ରଚାର କରି କୋଟି କୋଟି ଜନଗଣଙ୍କ ମଧରେ ବିଭ୍ରାନ୍ତି ବିଦ୍ୱେଷ ସୃଷ୍ଟି କରାଯାଉଛି ।

୫୦୦୦ ବର୍ଷର ପୁରୁଣା ଧର୍ମଯୁଦ୍ଧରେ କିଛି ନିୟମ କାନୁନ୍ ଥିଲା - ଏବେ ନିର୍ବାଚନ କ୍ଷମତା ଯୁଦ୍ଧରେ ସ୍ୱାର୍ଥପାଇଁ ଯିଏ ଯାହା କଲା - ସେଇଟା ନୀତି ବୋଲି ଜବରଦସ୍ତ ଢୋଲ ବଜାଇବାରେ ଲାଗିଛନ୍ତି । ଫମ୍ପା ଓ ମିଛ ପ୍ରଚାର ପାଇଁ ଜନଗଣଙ୍କ ଝାଳବୁହାଧନ କାହିଁକି ଖର୍ଚ୍ଚ ହେବ ! ଏ ପ୍ରଶ୍ନ ପଚାରିବା କାହାକୁ।

ଜର୍ମାନୀର ହିଟ୍‌ଲର - ଆର୍ଯ୍ୟଜାତି ଶ୍ରେଷ୍ଠ ଜାତି, ସମାଜବାଦର ଧ୍ୱନୀଦେଇ ପୁଁବାଦ ସାମ୍ରାଜ୍ୟବାଦର ଶେଷ ଅସ୍ତ୍ର ଫାସିବାଦ ଆଣିଥିଲେ । ଇତିହାସ ତାଙ୍କୁ କ୍ଷମାଦେଲାନି - ସେ ଆତ୍ମହତ୍ୟା କଲେ। ଆଜି ଫାସିବାଦ ଏକ ନୂଆରୂପ, ନୂଆଢାଂଚା, ନୂଆ କୌଶଳରେ ପ୍ରବେଶ କରିସାରିଛି । ଧର୍ମ ଜାତି ସଂପ୍ରଦାୟ ନାଁରେ ଶାନ୍ତି-ପ୍ରଗତି-ବିକାଶ ନାଁରେ ସାଂପ୍ରଦାୟିକ ଫାସିବାଦର ବିଷାକ୍ତ ବିଷମି ବୁଣାଯାଇ ଛୋଟଛୋଟ ଗଛ ଉଠିଲାଣି । ଧର୍ମ ନାଁରେ ଦଙ୍ଗା-ଯୁଦ୍ଧ-ଅଧର୍ମ ବଢି ଚାଲିଛି - ଦେଶ ତମାମ୍ ଜାଲିଆତିର ଜାଲ ବିଛାଯାଇଛି । ଜନଗଣ ଜଳକା ହୋଇ ଅନେଇଛନ୍ତି । କ୍ଷମତା ଓ ଅର୍ଥ ନେତାମାନଙ୍କୁ ପାଗଳ କରିଦେଇଛି । ଶେଷକୁ ଈଶ୍ୱର-ଆଲ୍ଲା-ଯୀଶୁ-ବୁଦ୍ଧକୁ ମଧ ବ୍ୟବହାର କରି ସାରିଲେଣି । ଛଦ୍ମବେଶୀର ମୁଖା ସବୁଠୁ ଭୟଙ୍କର ।

ଭାରତବର୍ଷ - ସମ୍ବିଧାନରେ ଯାହାର ପରିଚୟ 'ଭାରତ ଦ୍ୟାଟ୍ ଇଜ୍ ଇଣ୍ଡିଆ' ଏକ ବିଭକ୍ତ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି । ଏକ ଆତ୍ମବିଭକ୍ତ ରାଷ୍ଟ୍ର - ରାଜନୈତିକ, ଆର୍ଥନୈତିକ, ସାମାଜିକ, ସାଂସ୍କୃତିକ ଧର୍ମୀୟ ଏପରିକି ମାନସିକ - ସବୁ ଦୃଷ୍ଟିରୁ । ଯାହା ମନେହୁଏ, ଭାରତବର୍ଷକୁ ବୁଝି ବୁଝାଇବା ପାରି ରାଜନୈତିକ ଦୃଷ୍ଟିଭଙ୍ଗୀଟିଏ ଏପର୍ଯ୍ୟନ୍ତ କୌଣସି ରାଜନୀତିକ ଦଳ ଆଶାନୁରୂପ ଭାବେ ହାସଲ କରିପାରି ନାହାଁନ୍ତି । ସେଥିପାଇଁ ନିର୍ବାଚନ ପରେ ନିର୍ବାଚନ, ଭାଷଣପରେ ଭାଷଣ, ଶାସନପରେ ଶାସନ, ଯୋଜନା ପରେ ଯୋଜନା, ସବୁ କେବଳ ପ୍ରବଂଚନା ପରେ ପ୍ରବଂଚନା ଏବଂ ଏ କ୍ରମାଗତ କରାଳ ପ୍ରବଂଚନାର ଦୟନୀୟ ଶିକାର ହୋଇଆସୁଛି ଦୁର୍ଗତ ଭାରତୀୟ ମହାଜାତି ।

ସ୍ୱାଧୀନତା - ଯାହାକୁ ବହୁ ବର୍ଷର ସଂଗ୍ରାମଲବ୍ଧ ମହାର୍ଘ ମୁକ୍ତିରୂପେ ବିଜ୍ଞପ୍ତି କରାଯାଇ ଆସୁଛି, ତାର କୌଣସି ପ୍ରକୃଷ୍ଟ ପ୍ରଭାବ ଜନଜୀବନରେ ରେଖାପାତ କରିଥିବାଭଳି ମନେହେଉନାହିଁ । ଦେଶରେ ମୁକ୍ତି - ଅଥଚ ଜାତୀୟ ଜୀବନରେ ଚରମ ଅଧୋଗତି ! ଏହା କ'ଣ ସ୍ୱାଧୀନତାର ସ୍ୱାଦ ? ବରଂ ଗୋଟେ ବିଡମ୍ବନାମୟ ବିଭାଜନର ନିର୍ଲଜ୍ଜ ନାମାନ୍ତର ଏ ସ୍ୱାଧୀନତା । ସ୍ୱାଧୀନତା ଆସିଛି କେବଳ ପାଠ୍ୟପୁସ୍ତକରେ, ପୋଷ୍ଟରରେ, ପତାକାରେ - ସାଧାରଣ ସ୍ତରରେ ସଂଘର୍ଷରତ ଜନଜୀବନରେ ନୁହେଁ, ବରଂ ଭାରତବର୍ଷର ଭଙ୍ଗା ଭୂଗୋଳ ଭଳି ଭାରତୀୟ ଜନଜୀବନ ମଧ ବିଭାଜିତ । ଜାତି ଧର୍ମ ବର୍ଣ୍ଣ ଠାରୁ ଆରମ୍ଭ କରି ସାଂପ୍ରଦାୟିକ ସଂକୀର୍ଣ୍ଣତାର ଛୋଟ ଛୋଟ ହିଡରେ ଏ ଭାରତବର୍ଷ ଗୋଟାଏ ବନ୍ଦୀ ଚକବନ୍ଦୀର ଚକଡା... ବିଭିନ୍ନ ମୁଖାପିନ୍ଧା ମତଲବର ବିଚିତ୍ର ଆଖଡା ! ଭାରତବର୍ଷର ରାଜନୀତି ରୁଗ୍‌ଣ, ଅର୍ଥନୀତି ଋଣୀ, ଧର୍ମର ରଙ୍ଗ ଧୂସ୍ସର । ଏହି ଅବସ୍ଥା ଏକ ଅରାଜକତା ଓ ଅସୁସ୍ଥ ଅବ୍ୟବସ୍ଥା ଛଡା ଆଉ କ'ଣ ?

ଏହି ଅବାଂଛନୀୟ ଅବସ୍ଥାରୁ ହିଁ ଜନ୍ମ ନିଏ ଆତଙ୍କବାଦ, ଅବିଶ୍ୱାସ, ଅନ୍ଧାକାନୁନର ବିଷାକ୍ତ ବାତାବରଣ । ବିଷମି ଆଜି ବିଶାଳ ବିଷବୃକ୍ଷ । ସେ ବୃକ୍ଷର ଫଳାହାର ଏକ ପ୍ରାତ୍ୟହିକ ପ୍ରାତଃରାଶରେ ପରିଣତ ହୋଇଛି ଆମ ସମସ୍ତଙ୍କ ପକ୍ଷରେ ।

ଭାରତବର୍ଷର ପ୍ରତ୍ୟେକ ପ୍ରଦେଶ - ଗୋଟିଏ ଭାତହାଣ୍ଡିର ଚାଉଳ । ସବୁଠି ସେଇ ସ୍ଥାଣୁତ୍ୱ ସ୍ଥବିରତା ଓ ଶୀତଳ ଶୂନ୍ୟତା । ଏହା ନିଶ୍ଚିତ ପକ୍ଷରେ ଯେ କୌଣସି ରାଜନୈତିକ ଦଳ ଯିଏ ଶାସନ ଓ କ୍ଷମତା ବଂଟାବଂଟି ଖେଳରେ ଜର୍ସି ପିନ୍ଧିବାକୁ ଆଗେଇ ଆସୁଛି - ତା ପାଇଁ ମସ୍ତବଡ ଚ୍ୟାଲେଂଜ । ମାତ୍ର ଏ ଚାଲେକୁ ସାମ୍ନା କରିବାର ଯୋଗ୍ୟତା ଆଜି କେତୋଟି ଦଳ ନିକଟରେ ରହିଛି ?

ବର୍ତ୍ତମାନର ପରିପ୍ରେକ୍ଷୀରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ କ୍ଷମତାର ଗୋଟି ଚଳାଇବାକୁ ଛାଡି ଦେଇ ଦେଶବାସୀ ଚୁପ୍‌ଚାପ ବସିରହିବା ଆଦୌ ନିରାପଦ ନୁହେଁ । ପ୍ରତ୍ୟେକ ରାଜନୈତିକ ଦଳରୁ ପରିଛନ୍ନ ଭାବମୂର୍ତୀ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କୁ ଚିହ୍ନଟ କରାଯାଇ ଦେଶ ଓ ଜନଗଣଙ୍କ ଉଜ୍ୱଳ ଭବିଷ୍ୟତ ଦୃଷ୍ଟିରୁ ଯଦି ଏକ ସଂକଳ୍ପବଦ୍ଧ ସମ୍ମିଳିତ ରାଜନୈତିକ ମହାଶକ୍ତି ଠିଆ ହୋଇ ପାରନ୍ତା, ତା'ହେଲେ ଭାରତବର୍ଷ ପାଇଁ ପ୍ରସ୍ତୁତ ହୋଇପାରନ୍ତ । ପ୍ରକୃତ ମୁକ୍ତିମାର୍ଗ ।

ଜନଗଣଙ୍କୁ ପରାଧୀନ ରଖି, ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ପଦାନତ କରି, କୌଣସି ରାଜନୀତିକ ଦଳକୁ ଗଣତନ୍ତ୍ର ନାଁରେ ଗାଦିରେ ଠାକୁର କରି ବସାଇ ଦେଉଥିବା ଯାଏଁ ଆମେ କେବଳ ଏକ ସୁବିଧାବାଦିର ସଡକର ମୋରମ୍ ବିଛାଇ ଚାଲୁଥିବୁ । ରାଜନୈତିକ ଦଳମାନେ ଦଳୀୟ ସ୍ୱାର୍ଥ ନୁହେଁ, ଜାତୀୟ ସ୍ୱାର୍ଥ ଓ ରାଷ୍ଟ୍ରୀୟ ସୁରକ୍ଷାର ଗୁରୁଦାୟିତ୍ୱ ବହନ କରିବାର ଚିନ୍ତନ ଓ କାର୍ଯ୍ୟ ଆରମ୍ଭ କରନ୍ତି ଲୋକମାନଙ୍କ ଭିତରେ ପୁଣି ଫେରାଇ ଆଣନ୍ତା ଏକ ସକରାତ୍ମକ ନେତୃତ୍ୱର ବର୍ତମାନ ନକରାତ୍ମକ ନେତୃତ୍ୱ ଅଧିକାଂଶ ରାଜନୈତିକ ଦଳର ସାଧାରଣ ବ୍ୟାଧି - ଏବଂ ଏ ବ୍ୟାଧି ଉକ୍‌ଟ ଭାବରେ ସଂକ୍ରାମକ ହୋଇ ପୁରା ଦେଶଟାକୁ ଦଳର ଜଳଖିଆ ଥାଳିରେ ପରଷି ଦେବାପାଇଁ ସୁଦ୍ଧା ତୟାର - ଏହାଠାରୁ ବଳି ଦୁର୍ଭାଗ୍ୟଜନକ ଘଟଣା ଆଉ କ'ଣ ଥାଇପାରେ । ଏବେ ଗାଁ ଗାଁରେ ଗରଳ - ସହର ସାରା ଅନଳ - ରାଜନୀତିଆଙ୍କ ଆଖିରେ ପରଳ । ବାରବାଟୀ ଚଷେ ଗାଲୁଆ - ବାଉଆରେ ହେବ ହାଲୁଆ - ବରଷ ବରଷ କଥାନୁହେଁ ଶେଷ । ଲୋକେ ଶୁଣି ଶୁଣି ହେଲେଣି ହାଲିଆ ।

ସାଂପ୍ରଦାୟିକତାବାଦୀ ସଂକୀର୍ଣ୍ଣ ରାଜନୀତିର ଅତଳ ଅନ୍ଧକୂପ ମଧକୁ ଦେଶ ଓ ଜାତିକୁ ଟାଣି ଦେଇଥିବା କ୍ଷମତା ସର୍ବସ୍ୱ ରାଜନୈତିକ ତସ୍କରମାନଙ୍କ କବଳରୁ ଏବେ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିବାର ପ୍ରକୃତ ପର୍ଯ୍ୟାୟ ଆସି ପହଂଚି ଯାଇଛି । ଏହା ହେଉଛି ଶେଷ ଯୁଦ୍ଧର ବିଶେଷ ପର୍ଯ୍ୟାୟ । ଏଠି ବିଷାଦ ଯୋଗରେ ବସିରହି ବୈରାଗ୍ୟର ବର୍ଣ୍ଣମାଳା ଉଚ୍ଚାରଣ କରି ଚାଲିଲେ ଏବଂ ଜନଦରବାରରେ ନିଜକୁ ଧର୍ମନିରପେକ୍ଷ ବାମ ଗଣତାନ୍ତ୍ରିକ ଓ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବରେ ଯେତେ ନିଜର ଡିଣ୍ଡିମ ପିଟି ଚାଲିଲେ କିଛି ଲାଭନାହିଁ । ଯଦି ପ୍ରକୃତରେ ଜନଗଣଙ୍କ ପାଇଁ ମରଣପଣ ସଂଗ୍ରାମର ସଂକଳ୍ପ ନେଇ ଆମେ ମୈଦାନ ଉପରକୁ ଉତୁରୀ ନ ଆସିଛେ । ଆଉ ଶସ୍ତା ସୁନ୍ଦର ସ୍ଲୋଗାନ୍ ଦେଇ ପ୍ରବଂଚନାର ପଦ୍ମତୋଳା ଶୁଣାଇ ରାଜନୀତିକୁ ଆତ୍ମସ୍ୱାର୍ଥର ଆୟୁଧ କଲେ ଭବିଷ୍ୟତ କ୍ଷମା ଦେବନାହିଁ ।

ଯେତେବେଳେ ଏହାହିଁ ଅବସ୍ଥା, ସେତେବେଳେ ନିର୍ବାଚନ ମଂଚରେ ବ୍ୟବସ୍ଥାକୁ ବଦଳାଇବାର ଘୋଷଣା କେବଳ ତୁମ୍ବିତୋଫାନ । ଦେଶର ସମସ୍ତ ରାଜନୈତିକଦଳ ନେତୃତ୍ୱ ଓ ବ୍ୟକ୍ତିତ୍ୱ ବର୍ତମାନ ସଠିକ୍ ବିଚାରଣା ଓ ବିଶ୍ଳେଷଣର ପର୍ଯ୍ୟାୟ ଆରମ୍ଭ କରନ୍ତି - ପରସ୍ପରକୁ ବିରୋଧ କରିବାରେ ସମୟ ନଷ୍ଟ ନକରି ସେଇ ସମୟ ସୀମା ମଧରେ ବରଂ ନିଜ ନିଜର ସ୍ୱବିରୋଧ, ଦ୍ୱନ୍ଦ ଓ ଆତ୍ମବିଭକ୍ତ ମାନସିକତାରୁ ମୁକ୍ତି ପାଇବାର ବାଟ ଖୋଜନ୍ତି । ଏହାହିଁ ଆଜିର ଆତ୍ମିକ ଆହ୍ୱାନ ।


+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩





## ମନେ ମନେ ଭାବଇ ମୁଁ...

ପ୍ରଦୀପ୍ତ ଆଚାର୍ଯ୍ୟ



ମନେ ମନେ ଭାବଇ ମୁଁ,
ମନେ ମନେ ଭାବଇ ମୁଁ,
ଗଢିଲା କେ ସୁରୁଯ ?
ପ୍ରଭାତ ହୋଇଲେ ବୁଣି,
ଦିଏ ନାଲି ମୁରୁଜ।

ପବନର ସୃଷ୍ଟିକର୍ତା,
କିଏ ବସି ଭାବଇ,
ତା ବିନା ମୁହୂର୍ତେ ଚଳି,
ପାରିବାକି କେହି ?

ଜଳର ବିହୁନେ ସୃଷ୍ଟି,
ତିଷ୍ଠି ପାରି ନଥାନ୍ତା,
ପଶୁ ପକ୍ଷୀ ବୃକ୍ଷ ଲତା,
କିଏ ବଂଚି ଥାଆନ୍ତା ?

ଫଳ ଫୁଲ ଧରଣୀରେ,
କିଏ ସୃଷ୍ଟି କରିଛି ?
ଆମରି ସୁବିଧା ପାଇଁ,
ସବୁ ଖଞ୍ଜି ଦେଇଛି।

ଗଗନେ ଚନ୍ଦ୍ରମା ଦିଏ,
ସୁଶୀତଳ ଜୋଛନା,
ଟକି ଟିକି ତାରା ସବୁ,
କିଏ କଲା ସର୍ଜନା ?

ପାହାଡ ପର୍ବତ ଆଉ,
କୁଳୁକୁଳୁ ଝରଣା,
ସ୍ରଷ୍ଟାର ବିଚିତ୍ର ସୃଷ୍ଟି,
ନାହିଁ ତାର ଉପମା।

ମନେମନେ ସବୁବେଳେ,
ଏକଥା ମୁଁ ଭାବୁଛି,
ଫୁଲର ସୁଗନ୍ଧ ଆଉ,
ରଙ୍ଗ କିଏ ଭରିଛି ?

ଟିକି ଚଢେଇର ପକ୍ଷ,
ସୁମଧୁର କାକଳୀ,
ଦର୍ଶନ ଶ୍ରବଣ ମାତ୍ରେ,
ମନ ଉଠେ ଉଚ୍ଛୁଳି।

ଆମ ସୁଖ ପାଇଁ ସ୍ରଷ୍ଟା,
ସବୁ ଖଞ୍ଜି ଦେଇଛି,
ମୁରୁଖ ମଣିଷ ଏହା,
ପାଶୋରି ତ ଯାଉଛି।

ପରିବେଶ ପ୍ରକୃତିକୁ,
ନଷ୍ଟ କରି ଚାଲିଛି,
ନିଜ ଗୋଡେ ନିଜେ ସିଏ,
କୁରାଢୀଟା ମାରୁଛି।

କିଏ ସେ ଅଦୃଶ୍ୟ ସ୍ରଷ୍ଟା,
ବିଶ୍ୱ କାରିଗର ?
ପଦେ ତାର ଜଣାଇବା,
କୋଟି ନମସ୍କାର।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


## ବାଟ ଭାଙ୍ଗି କିଆଁ ଗଲ

ଭାସ୍କର ଚନ୍ଦ୍ର ସେଠୀ

ନୂଆ ନୂଆ ଯେବେ କଥା କଉଥିଲି
କରୁଥିଲ ଭାରି ଗେହ୍ଲ
ଶାଢ଼ୀପିନ୍ଧି ତୁମେ ଯେବେଠୁ ଶିଖିଲ
ବାଟ ଭାଙ୍ଗି କିଆଁ ଗଲ
ସେ ବାଟେ ବାଟୋଇ ଥିଲି ଏକା ମୁହିଁ
ନଥିଲା କା ପାଦ ଚିହ୍ନ
ନୂଆ ପାଦ ଚିହ୍ନ କାହାର ପଡ଼ିଲା
ତାପାଇଁ ପୂନେଇଁ ଜହ୍ନ
ବାଟା ଭାଙ୍ଗି ଦେଇ ଚାଲିଗଲ ବୋଲି
ଏଯାଏଁ କରିନି ପର।

ତୁମେ ବି ଲୁଚୁଛ ମୁଁ ବି ଖୋଜୁଛି
ହୋଇ କେତେ କଲବଲ
ତଥାପି ତୁମକୁ ଖୋଜି ପାଉନାହିଁ
ଡେଇଁ କେତେ ବନ ବିଲ
ଆଶା ଫୁଲ ଗଛ ମରିଗଲା ସିନା
ଅଧୁରା ଜୀବନ ପାଇଁ
ଲୁହ ଝରା ଆଖି ଲୁହରେ ଭିଜୁଛି
ଲୁହ କିନ୍ତୁ ସରୁନାହିଁ
ତଥାପି ଚାହିଛି ସେ ମରୁବାଲିରେ
ତୋଳିବାକୁ ଗୋଟେ ଘର।

ତୁମେ ଯେଉଁଦିନ ଧରାଦେବ ଆସି
ତାପାଖେ ନଥିବ ଫାଙ୍କା
ଆହତ ମନର ଅଗଣାକୁ ତୁ ସେ
ଆସିବନି ଏକା ଏକା
କାହାକୁ ଯେ ତୁମେ ସପନ ସେଜରେ
କରିବନି ଆଉ ଗେହ୍ଲ
ତମ ପରକ୍ରିୟା ଜାଣି ଗଲାପରେ
ଖୋଲିଲା ଗୁମର ତୋର
କୁହୁକ ଦେଶର ରାଜଜେମା ତୁମେ
ବୁଝିଲନି ତାର ମୂଲ।


+ମଙ୍ଗଳପୁର, ତିହିଡ଼ି, ଭଦ୍ରକ
ମୋ: ୯୨୩୮୫୭୯୬୦୪







## ରାମରାଜ୍ୟ ପଥ ଚାହିଁ...

ସୁଦର୍ଶନ ମହାପାତ୍ର

ଶୋଷଣର ଶୋଷ ବଢି ବଢି ଚାଲେ
ସର୍ବଗ୍ରାସୀ ଲକ୍ଷ୍ୟ ନେଇ
ଭୋକର ଭୂଗୋଳ ତରାଟି ଚାହିଁଛି
ନୂଆ ପୃଷ୍ଠା ଯୋଡ଼ି ଦେଇ
ସତ୍ୟ ହୁଏ ହାଇଁ ପାଇଁ
ପ୍ରତିଶୃତି ଆଉ ପ୍ରତିବଦ୍ଧତାର
ମୂଲ୍ୟବୋଧ କିଛି ନାହିଁ ।।

ଆଶା ସାଜେ ଏଠି ମରୀଚିକା ପୁଣି
ସ୍ୱପ୍ନ ବୁଢୀଆଣୀ ବସା
ଲୋଭର ପ୍ରାଚୁର୍ଯ୍ୟେ ବନ୍ଧକ ପଡିଛି
ବଞ୍ଚି ରହିବାର ନିଶା
ରାଜନୀତି ପ୍ରତିହିଂସା
ଭାଷଣରେ ଖାଲି ସୀମିତ ରହିଛି
ପ୍ରଗତିର ପରିଭାଷା ।

ଶାନ୍ତି ଉପଲବ୍ଧ ନାଲି ଆଖି ତଳେ
ଅହିଂସା ଯେ ପ୍ରଶ୍ନବାଚୀ
କଷଣ କାଗଜେ ଲେଖା ହୁଏ ଆଜି
ଗରିବର ଭାଗ୍ୟ ସୂଚୀ
ସତ୍ୟପଥେ ନାହିଁ ରୁଚି
ରାମ ରାଜ୍ୟ ଆଜି ଲକ୍ଷ୍ୟଭ୍ରଷ୍ଟ ସ୍ୱପ୍ନ
ଅନୀତି ନୀତି ହୋଇଛି ।

ହସର ଫୁଲରେ ସାଇତା ଗରଳ
ହୃଦୟ ଘୃଣାରେ ଭରା
ସହଯୋଗ ଏବେ ସ୍ୱାର୍ଥ ସର୍ବସ୍ୱ
ଛଳନାର ମୃଗ ପରା
ସହଜେ ନଦିଏ ଧରା
ବିଶ୍ୱାସ ବସିଛି ରାଜରାସ୍ତା ପରେ
ଭରସା ଯେ ଦିଗହରା ।

ସ୍ନେହ ମମତାର ରୂପକଳ୍ପ ଆଜି
ଖୋଜେ ସଂପର୍କର ଛାଇ
ବୃଦ୍ଧାଶ୍ରମେ କଟେ ଅଲୋଡା ଜୀବନ
ଦୀର୍ଘଶ୍ୱାସ ଟିଏ ନେଇ
ଆତ୍ମୀୟତା ଏଠି କାହିଁ
ତଥାପି ସମୟ ଆତୁରେ ବସିଛି
ରାମରାଜ୍ୟ ପଥ ଚାହିଁ ।


+କୁଞ୍ଜବିହାରୀ ଲେନ, କଟକ





# ରାଜର୍ଷି ଜନକଙ୍କ ପରୀକ୍ଷା



ମୂଳ ରଚନା: ଦୌଲତ ପାଣ୍ଡେ
ଅନୁବାଦ: ଡ. ସନାତନ ମହାନ୍ତି

ବିଖ୍ୟାତ ରାଜା ଜନକଙ୍କ ରାଜତ୍ୱ କାଳରେ ଯାଜ୍ଞବଲ୍କ୍ୟ ନାମରେ ଜଣେ ଋଷି ଥିଲେ। ସେ ଯେପରି ଧର୍ମପରାୟଣ ଥିଲେ, ବିଜ୍ଞତା ପାଇଁ ମଧ୍ୟ ସେହିଭଳି ତାଙ୍କର ବିଶେଷ ଖ୍ୟାତି ଥିଲା। ପ୍ରତିଦିନ ପ୍ରଭାତରେ ଯେତେବେଳେ ପ୍ରାଚୀ-ଦିଗ୍‌ବଳୟରେ ସୂର୍ଯ୍ୟଙ୍କ ସୁନେଲି ଆଭା ଧୀରେ ଧୀରେ ପ୍ରକଟ ହୁଏ, ପକ୍ଷୀମାନେ ଯେତେବେଳେ ମଧୁର ସଂଗୀତ ପରିବେଷଣ କରିବା ଆରମ୍ଭ କରିଦିଅନ୍ତି, ଋଷି ଯାଜ୍ଞବଲ୍କ୍ୟ ଆଶ୍ରମ ନିକଟସ୍ଥ ଝରଣାର ଶୀତଳ ଜଳରେ ସ୍ନାନ ଆଦି ସମାପ୍ତ କରି ଶିଷ୍ୟମାନଙ୍କୁ ପ୍ରବଚନ ଦେବା ଉଦ୍ଦେଶ୍ୟରେ ମଣ୍ଡପରେ ବସିଯା'ନ୍ତି। ସବୁଦିନ ଭଳି ଦିନେ ପ୍ରଭାତରେ ଋଷି ଶିଷ୍ୟମାନଙ୍କୁ ପ୍ରବଚନ ଦେବା ଆରମ୍ଭ କଲେ। ଶିଷ୍ୟମାନଙ୍କ ଭିତରେ ଥିଲେ ପ୍ରାଜ୍ଞ ପଣ୍ଡିତ ଗଣ, ଆଧ୍ୟାତ୍ମିକ ମାର୍ଗ ଗ୍ରହଣ କରିଥିବା ସଂସାରତ୍ୟାଗୀ ସାଧୁ ସନ୍ନ୍ୟାସୀଗଣ ଏବଂ ଅନ୍ୟ ବହୁ ଆଗ୍ରହୀ ବ୍ୟକ୍ତି। ଶ୍ରୋତାମାନେ ଲକ୍ଷ୍ୟ କଲେ ଯେ ସେମାନଙ୍କ ଗୁରୁ ଯାଜ୍ଞବଲ୍କ୍ୟ ବରାବର ଦ୍ୱାର ଆଡ଼କୁ ନଜର ରଖୁଛନ୍ତି, ଯେପରି କି ସେ କୌଣସି ବ୍ୟକ୍ତିର ଆଗମନକୁ ଅପେକ୍ଷା କରୁଛନ୍ତି। ସେମାନଙ୍କ ଅନୁମାନ ଭୁଲ୍ ନଥିଲା। ପ୍ରକୃତରେ ପ୍ରତିଦିନ ପ୍ରବଚନ ଶୁଣୁଥିବା ତାଙ୍କ ରାଜାଙ୍କୁ ହିଁ ଯାଜ୍ଞବଲ୍କ୍ୟ ଅପେକ୍ଷା କରୁଥିଲେ।

ରାଜାଙ୍କ ପ୍ରତି ଗୁରୁଙ୍କର ଏ ପ୍ରକାର ସ୍ୱତନ୍ତ୍ର ବ୍ୟବହାର ଦେଖି ଶିଷ୍ୟମାନେ ଈର୍ଷାପରାୟଣ ହେଲେ। ସେମାନଙ୍କ ଭାବନା ଥିଲା, ଜଣେ ଆଧ୍ୟାତ୍ମବାଦୀ ବ୍ୟକ୍ତି ରାଜା ଓ ସାଧାରଣ ବ୍ୟକ୍ତିଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ୍। ଋଷି ଯାଜ୍ଞବଲ୍କ୍ୟ କାହିଁକି ରାଜା ଜନକଙ୍କ ପ୍ରତି ଏପରି ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କଲେ ତାହା ସେମାନେ ବୁଝିପାରିଲେ ନାହିଁ। ଗୁରୁ କାହିଁକି ଏଭଳି ପକ୍ଷପାତ ବ୍ୟବହାର କଲେ ତାହାର କାରଣ ଗୁରୁଙ୍କୁ ପଚାରିବାକୁ ଶିଷ୍ୟମାନେ ଶେଷରେ ସ୍ଥିର କଲେ। ସେମାନଙ୍କ ଭିତରୁ ଜଣେ କହିଲେ, "ମହାଭାଗ! ଆମ୍ଭମାନଙ୍କ ତୁଳନାରେ ରାଜାଙ୍କୁ ଉଚ୍ଚ ସ୍ଥାନ ଦେବା ଆପଣଙ୍କ ପକ୍ଷେ ଅନ୍ୟାୟ ବିଚାର। ଆପଣଙ୍କ ତୁଲ୍ୟ ପରମେଶ୍ୱରଙ୍କର ଜଣେ ସୁଯୋଗ୍ୟ ସନ୍ତାନ ପକ୍ଷେ କୌଣସି ବ୍ୟକ୍ତି ପ୍ରତି ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କରିବା ଉଚିତ ନୁହେଁ। ଜନକଙ୍କ ପ୍ରତି ଆପଣଙ୍କର ଏପରି ସ୍ୱତନ୍ତ୍ର ସମ୍ମାନର କାରଣ କ'ଣ? ସେ ଆମର ରାଜା, କେବଳ ଏଇଥିପାଇଁ କ'ଣ ଆପଣ ତାଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଲେ?"


ଏଭଳି ପ୍ରଶ୍ନରେ ଯାଜ୍ଞବଲ୍କ୍ୟ ଆଶ୍ଚର୍ଯ୍ୟାନ୍ୱିତ ଏବଂ କ୍ଷୁବ୍ଧ ହେଲେ। ପ୍ରଶ୍ନଟି ତାଙ୍କୁ ହାସ୍ୟାସ୍ପଦ ମନେ ହେଲା। ସେ କହିଲେ, "ହେ ମୋର ଭାଇମାନେ, ଆପଣମାନେ ଯଦି ଭାବୁଥା'ନ୍ତି ଯେ ଜନକ କେବଳ ଆମର ରାଜା ଥିବା ହେତୁ ମୁଁ ତାଙ୍କୁ ଆପଣମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦିଏଁ ତେବେ ଆପଣଙ୍କ ବିଚାର ଭୁଲ। ଆପଣମାନେ ମୋ ସହିତ ଏକମତ ହେବେ ଯେ ସେ ଆମର ରାଜା ଥିବାରୁ ତାଙ୍କୁ ସମ୍ମାନ କରିବା ଆମର କର୍ତ୍ତବ୍ୟ। ମାତ୍ର ଜନକ କେବଳ ପାର୍ଥିବ ଦୃଷ୍ଟିରୁ ରାଜା ନୁହନ୍ତି, ଆଧ୍ୟାତ୍ମିକ ବିଚାରରେ ମଧ୍ୟ ସେ ଜଣେ ଶ୍ରେଷ୍ଠ ବ୍ୟକ୍ତି। ସେ ଜଣେ ସିଦ୍ଧ ପୁରୁଷ। ମୋର ଏହି ଉକ୍ତି କେତେଦୂର ସତ୍ୟ ଦିନେ ନା ଦିନେ ଆପଣମାନେ ତାହା ପ୍ରତ୍ୟକ୍ଷ କରିବେ।"

ଏହି ଘଟଣାର କିଛିଦିନ ପରେ ମହାନ୍ ଯୋଗୀ ଯାଜ୍ଞବଲ୍କ୍ୟ ରାଜା ଜନକଙ୍କ ଉପସ୍ଥିତିରେ ଶିଷ୍ୟମାନଙ୍କୁ ପ୍ରବଚନ ଦେଉଥିଲେ। ହଠାତ୍ ଜଣେ ବ୍ୟକ୍ତି ବ୍ୟସ୍ତ ବିବ୍ରତ ଭାବେ ଦୌଡ଼ି ଦୌଡ଼ି ଆସି ଆଶ୍ରମରେ ପ୍ରବେଶ କଲା ଏବଂ ରାଜାଙ୍କ ଉଆସ ଜଳିଯାଉଛି ବୋଲି ଉଚ୍ଚ ସ୍ୱରରେ ଚିତ୍କାର କଲା। ବ୍ୟକ୍ତିଟି ରାଜକୀୟ ରକ୍ଷୀର ପୋଷାକ ପିନ୍ଧିଥିଲା ଏବଂ ସେ ଅତ୍ୟନ୍ତ ଭୟଭୀତ ମନେ ହେଉଥିଲା। ଏହି ଦୁଃସମ୍ବାଦ ଶୁଣିବା ମାତ୍ରେ ସମଗ୍ର ବାତାବରଣରେ ହଇଚଇ ସୃଷ୍ଟି ହୋଇଗଲା। ପ୍ରାୟ ସମସ୍ତେ ପ୍ରବଚନ ସ୍ଥଳରୁ ଉଠି ରାଜାଙ୍କ ନଅର ଆଡ଼କୁ ଦୌଡ଼ିବାରେ ଲାଗିଲେ। କେତେକ ବ୍ୟକ୍ତି ସେମାନଙ୍କ ଜ୍ଞାତି କୁଟୁମ୍ବ ରାଜପ୍ରସାଦରେ କାମ କରନ୍ତି ବୋଲି ବ୍ୟସ୍ତ ହୋଇପଡ଼ିଲେ। ଅନ୍ୟ କେତେକ ବ୍ୟକ୍ତି ରାଜପ୍ରସାଦରେ ଅଗ୍ନିକାଣ୍ଡ ଭଳି ଏକ ଅପୂର୍ବ ଦୃଶ୍ୟ ଦେଖିବାର ସୁଯୋଗ ହାତଛଡ଼ା କରିବାକୁ ଚାହିଁଲେ ନାହିଁ। ରାଜପ୍ରସାଦ ନିକଟରେ ଥିବା ସେମାନଙ୍କ ଚାଷଜମିର ଫସଲ ନଷ୍ଟ ହୋଇଯିବାର ଆଶଙ୍କାରେ ଅନ୍ୟ କେତେକ ଆତଙ୍କିତ ହୋଇପଡ଼ିଲେ। ମାତ୍ର ରାଜା ଜନକ ଧୀର ସ୍ଥିର ଭାବ ବସି ରହି ହଇଗୋଳ ଶାନ୍ତ ହେବା ପରେ ପୁଣି ଥରେ ଗୁରୁଙ୍କଠାରୁ ପ୍ରବଚନ ଶୁଣିବାପାଇଁ ଅପେକ୍ଷା କରି ରହିଲେ।

ଯେଉଁ ପ୍ରାସାଦରକ୍ଷୀ ରାଜାଙ୍କୁ ଏହି ଦୁଃସମ୍ବାଦ ଜଣାଇବାକୁ ଆସିଥିଲା, ରାଜାଙ୍କ ଅଦ୍ଭୁତ ବ୍ୟବହାରରେ ଚକିତ ହୋଇ ଭାବିଲା, ବୋଧହୁଏ ରାଜା ତା' କଥା ଠିକ୍‌ଭାବେ ଶୁଣିପାରି ନାହାଁନ୍ତି। ସେ ପୁଣି ଥରେ ଅଧିକ ଉଚ୍ଚ ସ୍ୱରରେ ଅଗ୍ନିକାଣ୍ଡ ସଂପର୍କୀୟ ଦୁଃସମ୍ବାଦ ଜଣାଇଲା। ରକ୍ଷୀର ବ୍ୟବହାରରେ ରାଜା ଅତ୍ୟନ୍ତ ବିରକ୍ତ ହୋଇ କହିଲେ, "ରେ ନିର୍ବୋଧ ରକ୍ଷୀ, ତୁ ମନେକର ନାହିଁ ଯେ ତୋ କଥଣ ମୁଁ ଶୁଣିପାରି ନାହିଁ। ତୁ କ'ଣ ଭାବିଛୁ ରାଜପ୍ରାସାଦ ଓ ସେଥିରେ ଥିବା ମୋର ପ୍ରାର୍ଥିକ ସଂପଦ ସବୁକୁ ରକ୍ଷା କରିବା ପାଇଁ ମୁଁ ମୋର ଗୁରୁଙ୍କ ପାଦପଦ୍ମର ସ୍ଥାନ ଛାଡ଼ି ଚାଲିଯିବି? ତୁ' କଣ କଳ୍ପନା କରିପାରୁଛଉ ଯେ, ଗୁରୁଙ୍କ ମୁଖନିଃସୃତ ବିଚାରସିଦ୍ଧ ଅମୂଲ୍ୟ ବାଣୀ ଅପେକ୍ଷା ମୁଁ ସେସବୁ ସଂପଦକୁ ଅଧିକ ମୂଲ୍ୟବାନ ମନେ କରେ? ଯଦି ମୋ ପ୍ରାସାଦରେ ନିଆଁ ଲାଗିଛି ତେବେ ତାହା ଜଳି ଭସ୍ମ ହୋଇଯାଉ। ହୁଏତ ତାହା ପ୍ରଭୁଙ୍କ ଇଚ୍ଛା ହୋଇଥିବ। ଯଦି ପ୍ରଭୁ ପ୍ରାସାଦକୁ ରକ୍ଷା କରିବାକୁ ଚାହୁଁଥାନ୍ତି ତେବେ ସେ କାର୍ଯ୍ୟ କରିବା ପାଇଁ ସେଠାରେ ମୋ ଅପେକ୍ଷା ଅଧିକ ପାରଙ୍ଗମ ବ୍ୟକ୍ତି ଅଛନ୍ତି। ସେମାନେ ପ୍ରାସାଦକୁ ରକ୍ଷା କରିପାରିବେ।"

ରାଜାଙ୍କର ଏପରି ମନ୍ତବ୍ୟରେ ଋଷି ଯାଜ୍ଞବଲ୍କ୍ୟ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହେଲେ। ସେ ଅତ୍ୟନ୍ତ ପ୍ରୀତ ହୋଇ ପ୍ରବଚନ ଦେବାରେ ଲାଗିଲେ, ଯେପରିକି କୌଣସି ଅଘଟଣ ଘଟିନାହିଁ। କିଛିକ୍ଷଣ ପରେ ଶିଷ୍ୟମାନେ ଜଣକ ପରେ ଜଣେ ଋଷିଙ୍କ ଆଶ୍ରମକୁ ଫେରିବାକୁ ଲାଗିଲେ। ସେମାନଙ୍କ ରାଜା ଅବଳଚିତ ଭାବେ ପ୍ରବଚନ ଶୁଣୁଥିବାର ଦେଖି ସେମାନଙ୍କ ମନରେ ଗଭୀର ଆଘାତ ଲାଗିଲା। ରାଜାଙ୍କ ସଂପର୍କରେ ଗୁରୁଙ୍କ ମନ୍ତବ୍ୟ ମନେ ପକାଇ ସେମାନେ ଲଜ୍ଜିତ ହେଲେ। ଗୁରୁଙ୍କ ପାଦ ଛୁଇଁ ପ୍ରଣାମ ଜଣାଇ କ୍ଷମା ମାଗିଲେ। ସେହିଦିନଠାରୁ ସେମାନେ କେବେ ହେଲେ ଗୁରୁଙ୍କ ବିଚାରର ଯଥାର୍ଥତା ସଂପର୍କରେ ସନ୍ଦେହ ପ୍ରକଟ କଲେ ନାହିଁ। ସେହି ସୁଦୂର ଅତୀତରେ ଜନକଙ୍କ ଭଳି ଜଣେ ମହାନ୍ ରାଜା ରାଜୁତି କରୁଥିଲେ, ଏହା ଯେ ଏଯାବତ୍ ଲୋକେ ମନେ ରଖିଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

+ଜାନୁଗଂଜ, ମାଧବନଗର, ଭଦ୍ରକ



କାର୍ତ୍ତିକ ସାଇଁ

## ବିଜ୍ଞାନ ଟୁଙ୍ଗି - ୨୯

# ଆପୋଲୋ-(୧)



ଚନ୍ଦ୍ରଯାନ-୨ର ଆଂଶିକ ବିଫଳତା ସତ୍ତ୍ୱେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ତାର ଭବିଷ୍ୟତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି । ବର୍ତ୍ତମାନ ସାରା ଦେଶର ବୈଜ୍ଞାନିକ, କ୍ରେତା, ବୁଦ୍ଧିଜୀବୀ ଗଗନଯାନର କଥା କହୁଛନ୍ତି । ଡିସେମ୍ବର ୨୦୨୦ରେ ଏକ ମାନବହୀନ ଉଡ଼ାଣର କଥା ବିଭିନ୍ନ ମାଧ୍ୟମରେ ପ୍ରକାଶ ପାଇଛି ।

ଗଲା ଜାନୁଆରୀ ମାସ (ଜାନୁଆରୀ ୨୦୨୦) ରେ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂଗଠକ ଏକ ହ୍ୟୁମାନୋଏଡ୍ ରୋବୋଟ୍‌ର (ମଣିଷ ପରି ଦିଶୁଥିବା ଓ କାମ କରୁଥିବା ରୋବୋଟ୍) ଆବରଣ ବା ମୂର୍ତ୍ତିର ଆବରଣ ଉନ୍ମୋଚନ କରିଥିଲା ଯାହାର ନାଁ ରଖାଯାଇଛି "ବ୍ୟୋମ ମିତ୍ର" । ଏହି ମହିଳା ରୋବୋଟ୍ ଜଣେ ମହାକାଶ ଯାତ୍ରୀ ପରି କଥା କହିପାରିବ ଓ ମହାକାଶ ଯାତ୍ରୀଙ୍କ କିଛି କାମ ମଧ କରିପାରିବ । ଆଗାମୀ ଦିନ ମାନଙ୍କରେ ଭାରତର ଏହି ପ୍ରୋଗ୍ରାମ ନିଶ୍ଚିତ ଭାବରେ ସାରା ଦେଶର ଦୃଷ୍ଟି ଆକର୍ଷଣ କରିବ ।

ପ୍ରଫେସର ଚନ୍ଦ୍ରଶେଖର ଆମେରିକାର ଆପୋଲୋ ପ୍ରୋଗ୍ରାମ କଥା କହୁଥିଲେ । କଳିଙ୍ଗ ନଗରୀରେ ଥିବା କଳିଙ୍ଗ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏ ସଂପର୍କରେ ବହୁତ ଆଗ୍ରହ ରଖୁଥିଲେ । ସେମାନେ ଅନେକ ପ୍ରଶ୍ନ ପଚାରୁଥିଲେ ଯାହାର ଉତ୍ତର ପ୍ରଫେସର ଚନ୍ଦ୍ରଶେଖର ସରଳ ଭାଷାରେ ଦେଉଥିଲେ ।

ରାଷ୍ଟ୍ରପତି କେନେଡ଼ିଙ୍କ ଅଭିଭାଷଣ ପରେ "ଆମେରିକାର ମହାକାଶ ସଂସ୍ଥା ନାସା ନେବା ତତ୍ପର ହୋଇ ଉଠିଥିଲା । ଚନ୍ଦ୍ରପୃଷ୍ଠକୁ ମଣିଷ ପଠାଇବାକୁ ତିନୋଟି ବିକଳ୍ପ କଥା ଚିନ୍ତା କରାଯାଇଥିଲା । ସେ ବିକଳ୍ପ ଗୁଡ଼ିକ ଏହିପରି ଥିଲେ ।

(କ) ଗୋଟିଏ ଶକ୍ତିଶାଳୀ ରକେଟ୍ ମଣିଷକୁ ନେଇ ପୃଥିବୀରୁ ଯାଇ ସିଧା ଚନ୍ଦ୍ର ପୃଷ୍ଠରେ ପଂହଚାଇବ । ମାତ୍ର ଏପରି ଏକ ଶକ୍ତିଶାଳୀ ରକେଟ୍ ତିଆରି ସମ୍ଭବ କି? ଏ ପ୍ରଶ୍ନଟି ବୈଜ୍ଞାନିକଙ୍କ ମନରେ ଥିଲା । ମହାକାଶ ଯାତ୍ରୀଙ୍କୁ ନେଇ ଚନ୍ଦ୍ର ପୃଷ୍ଠରେ ପହଂଚାଇବା ଓ ପୁଣି ସେମାନଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣିବା ନିଶ୍ଚିତ ଭାବରେ ସବୁ ବୈଜ୍ଞାନିକ, ଇଂଜିନିୟର ଓ ପ୍ରଶାସକଙ୍କ ମନରେ ଥିଲା ।

(ଖ) ଦ୍ୱିତୀୟ ବିକଳ୍ପଟି ଥିଲା- ପୃଥିବୀ କକ୍ଷରେ (ଏକ ପାର୍କିଂ କକ୍ଷରେ) ମହାକାଶ ଯାନଙ୍କ ମିଳନ ହେବ ଓ ସେଠାରେ ସମସ୍ତ ପ୍ରସ୍ତୁତି ପରେ ଗୋଟିଏ ଯାନ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ । ଏହି ପ୍ରକ୍ରିୟାରେ ଗୋଟେ ସୁବିଧା ଥିଲା- ଗୋଟେ ଅତ୍ୟଧିକ କ୍ଷମତା ସଂପନ୍ନ ରକେଟ୍‌ରେ ଗୋଟେ ବଡ଼ ମହାକାଶଯାନକୁ ନପଠାଇ ଦୁଇଟି ରକେଟ୍‌ରେ ଆବଶ୍ୟକ ଯାନର ଭାଗକୁ ପଠାଇ ପୃଥିବୀର ପାର୍କିଂ ପକ୍ଷରେ ସେମାନଙ୍କୁ ଏକାଠି କରିବା ସୁବିଧା ଜନକ ହେବା ଆମେରିକା ଜେମିନି ଓ ମର୍କ୍ୟୁରୀ ପ୍ରୋଗ୍ରାମରେ ଅନେକ ପରୀକ୍ଷଣ କରିଥିଲେ ଓ ସଫଳତା ମଧ ପାଇଥିଲେ। ଏଥିରେ ବିଶ୍ୱାସନୀୟତା ଯଥେଷ୍ଟ ଅଧିକ ଥିଲା ।

(ଗ) ତୃତୀୟ ବିକଳ୍ପଟି ଥିଲା ଦ୍ୱିତୀୟ ପରି । ମାତ୍ର ଏହାକୁ ପୃଥିବୀ କକ୍ଷରେ ନକରି ଚନ୍ଦ୍ର କକ୍ଷରେ କରିବାର ଥିଲା । ମହାକାଶ ଯାନଙ୍କ ଅଲଗା ହେବା ଓ ମିଳିତ ହେବା ପ୍ରକ୍ରିୟାକୁ ଚନ୍ଦ୍ର କକ୍ଷରେ କରିବା ଲାଗି ଯଥେଷ୍ଟ ଅନୁଭବ ଓ ପରୀକ୍ଷଣର ଆବଶ୍ୟକତା ଥିଲା ।

ଜୁନ୍ ମାସ ୧୯୬୨ର ଅନେକ ଆଲୋଚନା ଓ ବିଶ୍ଳେଷଣ ପରେ ତୃତୀୟ ବିକଳ୍ପଟିକୁ ଗ୍ରହଣ କରାଯାଇଥିଲା ।

ମଣିଷର ମହାକାଶ ଯାତ୍ରା ହେଉ କିମ୍ବା କୌଣସି ଉପଗ୍ରହକୁ ମହାକାଶକୁ ଛଡ଼ା ଯାଉ, ସବୁଥିରେ କିଛିନା କିଛି ଅନିୟମିତତା ଥାଏ । ସେ ସବୁ ଅନିଶ୍ଚିତତାକୁ କମ୍ କରିବା ହେଉଛି ବୈଜ୍ଞାନିକ ଓ ଇଂଜିନିୟରଙ୍କ କାମ । ମହାକାଶଯାତ୍ରୀଙ୍କ ସୁରକ୍ଷା ସଦାସର୍ବଦା ସବୁ କଥାର ଆଗରେ ଥାଏ । ନାସାର ବୈଜ୍ଞାନିକମାନେ ସେ କଥା ମନରେ ରଖିଥିଲେ ।

(କ୍ରମଶଃ)

(ମୋ):୯୯୮୦୩୦୦୭୫୧

ଡ.ଜ୍ୟୋତିର୍ମୟୀ ମହାନ୍ତି

# ଗାଁ ମାଟିର ଡାକ



ମାଘ ମାସର ଦେହଥରା ଶୀତ ସାଙ୍ଗକୁ କାକର ବର୍ଷା। ଶାନ୍ତିଦେବୀ ଆଉ ପୂର୍ବପରି ସକାଳୁ ଉଠି ଘରକାମ କରିପାରୁ ନାହାଁନ୍ତି। ଭଲଭାବେ ଖରା ପଡ଼ିଲେ ସେହି ଖରାରେ ସେ କାମ କରନ୍ତି। ସବୁଦିନ ପରି ବିଛାଡ଼ି ହୋଇ ପଡ଼ିଥିବା ସୁନା ଶୋରିଷିଆ ଖରାକୁ ପିଠିକରି ଦାଣ୍ଡ ଓଳାଉ ଥିଲେ ଶାନ୍ତି। ହଠାତ୍ କାହାର ମା, ମା... ଡାକରେ ଚମକି ଉଠି ପଛକୁ ଅନେଇଲେ। ଆରେ ଖବର ନାହିଁ, ଅନ୍ତ ନାହିଁ ଏ କ'ଣ? ପୁଅ, ବୋହୂ ଓ ନାତି ଗୋଟିଏ ଅଟୋରୁ ଓହ୍ଲାଉଛନ୍ତି। ସେମାନେ ଦିଲ୍ଲୀରେ ରହନ୍ତି। ତାଙ୍କ ଗାଁ ପାଖ ଷ୍ଟେସନରେ ରେଳଗାଡ଼ି ଭୋଅରୁ ଭୋଅରୁ ଲାଗେ। ପୁଅ ଦିଲ୍ଲୀରେ ଚାକିରି କରେ। ବାହାଘର ପରେ ବୋହୂ ଅସୀମା ପାଣି, କାଦୁଅ ଗାଁରେ ରହିବାକୁ ଚାହିଁଲା ନାହିଁ। ସେ ପୁଅ ସହ ଦିଲ୍ଲୀ ଚାଲିଗଲା। ଦଶ, ବାର ବର୍ଷ ହେବ ସେମାନେ ସିଆଡ଼େ ରୁହନ୍ତି। ବର୍ଷେ, ଦି'ବର୍ଷକେ ଥରେ ଗାଁକୁ ଆସନ୍ତି। ହେଲେ କୁନି ନାତି ପିକୁନୁ ପାଇଁ ତାଙ୍କ ମନଟା ସବୁବେଳେ ଗୋଳେଇ ହୁଏ। ନାତିକୁ କୁଣ୍ଢାଇ ଘର ଭିତରକୁ ଗଲେ। ହସିହସି ପୁଅ ସୁମନ୍ତ କହିଲେ, ବୋଉ ଆମେ ସବୁଦିନ ପାଇଁ ଦିଲ୍ଲୀ ଛାଡ଼ି ଆମ ଗାଁକୁ ଫେରି ଆସିଲୁ। ସବୁଦିନ ପାଇଁ ଚାଲି ଆସିଲେ? ବିଶ୍ୱାସ କଲେ ନାହିଁ ଶାନ୍ତି। ସମୟ ଥିଲା ଗାଁର ପାଣି, କାଦୁଅ, ନୁଆଁଣିଆ ଚାଳଘରେ ଭଲ ଲାଗୁ ନଥିଲା। ସହର ଚାକିରି ପାଇଁ ଚେଷ୍ଟାକରି ସୁମନ୍ତ ଦିଲ୍ଲୀରେ ପାଇଗଲେ ଚାକିରି। ଦିଲ୍ଲୀ ନଗରୀର ଚାକଚକ୍ୟ ତାକୁ ବାନ୍ଧି ରଖିଲା। କେତେ ସୁନ୍ଦର ରାସ୍ତା, କୋଠାଘର, କେତେ ଦେଖିବାର ଜିନିଷ। ବିବାହ ପରେ ପରିବାର ସହ ସବୁଦିନେ ରହିବାର ସ୍ଥିର କଲେ। ପୁଅଟିଏ ହେଲା। ପାଠ ପଢ଼ିବାକୁ ସ୍କୁଲ ଗଲା। ଭଲ ସ୍କୁଲରେ ତା' ନାଁ ଲେଖାଇ ଦେଲେ। କେବେ କେମିତି ଗାଁ, ବାପା, ମା' କଥା ମନେପଡ଼ିଲେ ବର୍ଷେ କି ଦି' ବର୍ଷରେ ଥରେ ଅଧେ ଯାଆନ୍ତି। ସବୁ ଠିକ୍ ଚାଲିଥିଲା। ନ ହେଲେ ଏଇ କେତେଦିନ ହେଲା ଦିଲ୍ଲୀରେ ଜୀବନ ବାୟୁ ପ୍ରଦୂଷଣ ଯୋଗୁଁ ଦୁର୍ବିସହ ହୋଇ ଉଠିଛି। ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଛି ଯେ ମନେହେଉଛି ଯେପରି ବିଷବଳୟ ମଧ୍ୟରେ ମଣିଷ ବାସ କରୁଛି। ପ୍ରଦୂଷିତ ଯେମିତି ଧୂଆଁ ଓ କୁହୁଡ଼ିର ଧୂସର ଆସ୍ତରଣ ଘୋଟି ରହିଛି। ଏପରିକି ବାହାରେ ନିଶ୍ୱାସ, ପ୍ରଶ୍ୱାସ ନେବା କଷ୍ଟ। ଘର ଭିତରେ ବି ଅସହ୍ୟ ଅବସ୍ଥା। ପ୍ରତ୍ୟେହ ସ୍ଥିତି ସମୀକ୍ଷା ଚାଲିଛି। ଏପରି ଅବସ୍ଥା ପହଂଚିଲାଣି ଯେ ଏଠାରେ ଦିବସରେ ଥିବା ବିମାନର ଗତିପଥ ପରିବର୍ତ୍ତିତ କରାଯାଉଛି। ଡାକ୍ତରଖାନାରେ ଅସ୍ତ୍ରୋପ୍ରଚାର ମଧ୍ୟ ବନ୍ଦ ରଖାଯାଉଛି। ଶେଷକୁ ଯେତେବେଳେ ଶିକ୍ଷାନୁଷ୍ଠାନ ବନ୍ଦ କରାଗଲା ସୁମନ୍ତଙ୍କ ଧୈର୍ଯ୍ୟ ଚ୍ୟୁତି ଘଟିଲା। ସେ ଦେଖିଲେ ଯେ ତାଙ୍କର କିଛି ବନ୍ଧୁ ଓଡ଼ିଶା ଫେରିବାକୁ ପ୍ରସ୍ତୁତ ହେଲେଣି। ସେ ତାଙ୍କ ସ୍ତ୍ରୀ ଲିସାଙ୍କୁ ସବୁକଥା କହିଲେ ଓ ଦୁହେଁ ମିଶି ମନସ୍ଥ କଲେ ଯେ ଗାଁକୁ ଫେରିଯିବେ। କିଛିଦିନ ପାଇଁ ନୁହେଁ, ସବୁଦିନ ପାଇଁ। ଚାକିରି ଅନେକ ଦିନ ଥିଲେ ହେଁ ଛାଡ଼ି ଯିବାର ବ୍ୟବସ୍ଥା କଲେ। ଏଠି ରହିଲେ ଯନ୍ତ୍ରଣା ପାଇବେ କେବଳ। ପ୍ରଦୂଷିତ ବାୟୁରେ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେବ।

ଗାଁରେ ତାଙ୍କ ବାପାଙ୍କର ପ୍ରଚୁର ଭୂ-ସମ୍ପତ୍ତି ଅଛି। ଚିରସ୍ରୋତା ମହାନଦୀର ନୀଳ ଜଳରାଶି ବହିଯାଉଛି ତା'ର ପାଦଛୁଇଁ। ବାପା ସେ ସବୁ ଭାଗରେ ଦେଇଛନ୍ତି। ନଈକୂଳିଆ ଜମି ହେତୁ ବେଶ ଭଲ ଫସଲ ହୁଏ। ଧାନ,ମୁଗ, ବିରି ବିଭିନ୍ନ ଫସଲ ଆମଦାନୀ ହୁଏ। ସେ ଠିକ୍ କଲେ ନିଜେ ଏସବୁ ଦେଖିବେ। ଯାହା ଆୟ ହେବ ତାଙ୍କ ଚଳିବାରେ ଅସୁବିଧା ହେବନାହିଁ। ବିଶେଷ ଭାବେ ଗାଁର ସବୁଜିମାଭରା ପରିବେଶରେ ସେମାନେ ସୁସ୍ଥ ରହିବେତ। ଶେଷରେ ଗାଁ ମାଟିର ସେହି ଧୂଳି ଧୂସରିତ କୋଳକୁ ଫେରିଆସିଲେ ମହାନଗରୀ ଦିଲ୍ଲୀର ମାୟାକୁ ତ୍ୟାଗକରି।

ସେମାନଙ୍କୁ ଡବଡବ ଆଖିରେ ଚାହିଁଥିବା ବାପା, ମା' ସବୁ ଶୁଣି ବହୁତ ଖୁସି ହେଲେ। ବାପା କହିଲେ, ଆରେ ତୁମକୁ ଛାଡ଼ି ଆମର କିଏ ଅଛି। ଏ ବୁଢ଼ା ବୟସରେ ତୁମେମାନେ ପାଖରେ ରହିଲେ କେତେ ଯେ ଖୁସି ଲାଗିବରେ ଆମକୁ। ଗାଁ ଗୁଡ଼ିକ ପରା ଆମ ଭାରତବର୍ଷର ଆତ୍ମା। ତୋ ଭଳି ଅନେକ ସହର ଛାଡ଼ି ଗାଁକୁ ଆସି ଚାଷକୁ ଆଦରି ନେଲେ ପ୍ରଦୂଷଣ ସମସ୍ୟା ଅନେକଟା ଦୂର ହେବ, ପରିବେଶ ସୁସ୍ଥ ରହିବ।

+ବାଗସାହି, ଜଗତସିଂହପୁର

## ଚୁଇଁ ଚଢେଇ

### ଶରତ କୁମାର ଦାସ

ଦେଖିଲା କୁନି ଝରକା ଫାଙ୍କେ
ଖୋଲା ଆକାଶେ ଚାହିଁ ,
ବସିଛି ଏକ ଚୁଇଁ ଚଢେଇ
ଗଛ ଡାଳରେ ଯାଇ ।

ବରଷା ଟୋପା ପଡୁଛି ଦେହେ
ଓଦାରେ ସର ସର,
ପତ୍ର ଗହଳେ କଅଁଳ ଡେଣା
ଥରୁଛି ଥର ଥର ।

କୁନି ମନରେ ଆସିଲା ଦୟା
ଭାବିଲା ଟିକେ ବସି,
ଦେଖିଲା ସିଏ ଚୁଇଁ ଆଖିରୁ
ପଡୁଛି ଲୁହ ଖସି ।

ଡାକିଲା କୁନି ସେନହ ଭରେ
'ଆ' ରେ ଚୁଇଁ ଆ',
ଭୋକ ହେବଣି ଲାଗୁଛି ମୋତେ
ଖାଇ କି ଗଣ୍ଡେ ଯା' ।

ପୋଛି ଦେବି ମୁଁ ତୋ ଦେହୁ ପାଣି
ଗାମୁଛା ଗୋଟେ ଆଣି,
ଲାଗିବ ନାହିଁ ତୋ ଦେହେ ଥଣ୍ଡା
ଫୁଟାଇ ଦେବି ପାଣି ।

ପାଖରେ ମୋର ଶୁଆଇ ଦେବି
କହିବି ଗପ କେତେ,
ସାଙ୍ଗ ହୋଇକି ଖେଳିବା ଖେଳ
ବୁଲିବା ଇଚ୍ଛା ଯେତେ ।

ଆଣିଲା କୁନି ମୁଠାଏ ଖୁଦ
ଦେଲା ତା' ଆଗେ ବୁଣି,
କହିଲା ଚୁଇଁ 'ଆ' ଖାଇଦେ
ପିଇ ଦେ ଟିକେ ପାଣି ।

ଚୁଇଁ ଚଢେଇ ଶୁଣିଲା ସବୁ
କହିଲା ନାଇଁ ନାଇଁ,
'ମା' ଆସିଲେ ଖୋଜିବ ମୋତେ
ତୋ ପାଖେ ଯିବି ନାହିଁ ।

ଖୋଲା ଆକାଶ ତଳେ ମୁଁ ନିତି
ଖୁସିରେ ଉଡି ବୁଲେ,
ଖୋଲା ପବନ ଦେହେ ମୋ ବାଜେ
ଖୋଲା ଡାଳରେ ଝୁଲେ ।

ଏତିକି ବେଳେ ମା' ଚଢେଇ
ଆସିଲା ଉଡି ଉଡି,
ଥଣ୍ଟରେ ତାର ଦେଲା ଅଧାର
ଚୁଇଁ ଧରିଲା ଭିଡି ।

ମା ସାଙ୍ଗରେ ଖୁସି ମନରେ
ଆକାଶେ ଉଡିଗଲା,
ମନ ଦୁଃଖରେ ପଛରୁ କୁନି
ଚୁଇଁକୁ ଚାହିଁ ଥିଲା ।

+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କୁନି ଶିଳ୍ପୀଙ୍କ ତୂଳୀରୁ....



Name: Samrudhi Sriya, std-2, age-7
School: St.Vn. Convent School

## କବିତା
ତୁମ ପାଇଁ

## ଜାତୀୟ ପତାକା ଆକାଶେ ଉଡ଼େ

### ଅରୁଣ କୁମାର ପଣ୍ଡା

ଜାତୀୟ ପତାକା ଜାତିର ଗୌରବ
ଡାକୁଛି ସେ ହାତ ଠାରି
ଜାତି ହିତ ପାଇଁ ଆଗେଇ ଆସରେ
କାମ କର ବୀର ପରି।

ଦେହରେ ତାହାର ତିନି ଗୋଟି ରଂଗ
ତିନି ଗୋଟି ଗୁଣ ଧରେ
ସେହି ଗୁଣ ଆମେ ଗୁଣବାନ ହେବା
ବିଭେଦ ରଖିବା ଦୂରେ।

ସବୁରି କଣ୍ଠରେ କଣ୍ଠ ମିଳାଇ
ଗାଇବା ଜାତୀୟ ଗୀତ
ଏକତା ଡୋରିରେ ବାନ୍ଧି ହୋଇଯିବା
କରିବା ସଭିଙ୍କ ହିତ।

ଏଇ ପତାକାକୁ ରଖିବାକୁ ଯାଇ
କେତେ ବୀର ଦେଲେ ପ୍ରାଣ
ଆମରି ମାଟିରୁ ଇଂରେଜ ହଟିଲେ
ଭାଙ୍ଗି ଗଲା ଟାଣ ପଣ।

ତାଙ୍କରି ଆଦର୍ଶେ ଚାଲୁଥିବା ସଦା
ନଭାବି ଆପଣା ପର
ଆମ ଆଖି ଆଗେ
ଦେଶ ପରା ବଡ଼
ତା' ଆଗେ ଜୀବନ ଛାର।

ଭାରତ ଆମର ଜନମ ମାଟି ତ
ତା' ପାଖେ ପ୍ରଣତି ବାଢ଼େ
ଜାତୀୟ ପତାକା
ତାହାରି ଗୌରବ
ଦେଖରେ ଆକାଶେ ଉଡ଼େ।

+ତୋଟାପଡ଼ା,
ଘଂଟେଶ୍ୱର, ଭଦ୍ରକ
ମୋ: ୯୯୩୭୬୭୨୭୦୮

# ଏଣିକି ଝାରସୁଗୁଡାରେ ହେବ ଏମାରାଇ, ସିଟିସ୍କାନ ଭଳି ବ୍ୟୟବହୁଳ ସ୍ୱାସ୍ଥ୍ୟ ପରୀକ୍ଷା

ଝାରସୁଗୁଡା,୨୯।୧ (ନି.ପ୍ର): ଏଣିକି ଝାରସୁଗୁଡାରେ ହେବ ଏମାଅରାଇ,ସିଟିସ୍କାନ ଭଳି ବ୍ୟୟବହୁଳ ସ୍ୱାସ୍ଥ୍ୟ ପରୀକ୍ଷା ।କଟକ କିମ୍ବା ବୁର୍ଲା ଯିବାକୁ ପଡିବନି ଝାରସୁଗୁଡା ଜନସାଧାରଣଙ୍କୁ ।ଶରୀର ରେ ଥିବା ବିଭିନ୍ନ ରୋଗର ଚିହ୍ନଟ ପାଇଁ କରାଯିବ ୫ଶହ ପ୍ରକାରର ପରୀକ୍ଷା ।ଏଥିପାଇଁ ବେଦାନ୍ତର ସହଭାଗୀତାରେ ୨୮ କୋଟୀ ଟଙ୍କା ବ୍ୟୟରେ ଝାରସୁଗୁଡାରେ ଆରମ୍ଭ ହେବ ଏକ ସୁପରସ୍ପେସିଆଲିଟି ପାଥୋଲାବ୍ ଓ ଡାଇଗୋନେଷ୍ଟିକ ସେଂଟର ସହ ଲଇକେରା ଠାରେ ଏକ ପାଥୋଲ୍ୟାବ୍ ।ଆଜି ଅମଲିପାଲି ଠାରେ ଏହି ପାଥୋଲ୍ୟାବର ଭୁମିପୁଜନ କରାଯାଇଥିଲା ।ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ ବିଧାୟକ ନବଦସ ଏହି ଭୁମିପୁଜା କରିଥିବା ବେଳେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି,ସାଂସଦ ସୁରେଶ ପୁଜାରୀ,ଜିଲ୍ଲାପାଳ ସରୋଜ ସାମଲଙ୍କ ସହ ବେଦାନ୍ତର ସି ଇ ଓ ସି.ଏନ.ସିଂହ ଯୋଗଦେଇଥିଲେ ।ଭୁମିପୁଜା ଅବସରରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ଥିବା ବିପିଏଲ କାର୍ଡଧାରୀଙ୍କୁ ମାଅଗନାରେ ସ୍ୱାସ୍ଥ୍ୟ ପରିକ୍ଷା ସୁବିଧା ମିଳି୮ବ ବୋଲି ଘୋଷଣା କରି ଅନ୍ୟ ଲୋକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଥିଲେ । ବେଦାନ୍ତ ପକ୍ଷରୁ ଓଡ଼ିଶାର ସାମାଜିକ-ଅର୍ଥନୀତିକ ପ୍ରଗତିରେ ବେଦାନ୍ତ ଏକ ଦୀର୍ଘ ସମୟର ଅଂଶୀଦାର ହୋଇଆସିଛି, ବିଶେଷ କରି ଝାରସୁଗୁଡ଼ା, ଯେଉଁଠାରେ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଗୋଟିଏ କାର୍ଯ୍ୟ କରୁଛି ସେ ଅଂଚଳରେ ଓଡିଶା ସରକାର ସହ ମିଶି କାମ କରିବାର ସୁଯୋଗ ପାଇଥିବାରୁ ସରକାରଙ୍କୁ ଧନ୍ୟବାଦ ଦେଇ ବେଦାଅନ୍ତ ସି ଇ ଓ ଆଗମୀ ୧୦ ବର୍ଷ ପର୍ଯ୍ୟନ୍ତ ଫ୍ଲାଗସିପ୍ ପ୍ରୋଜେକ୍ଟ ବେଦାନ୍ତ ପାଥୋଲୋଜି ଲ୍ୟାବ୍ ଏବଂ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର, ଝାରସୁଗୁଡାର ପାଖାପାଖି ୫ ଲକ୍ଷ ନାଗରିକ ତଥା ନିକଟବର୍ତ୍ତୀ ଅଂଚଳ ବାସୀଙ୍କୁ ଏହି ସେବା ଯୋଗାଇବ ଏବଂ ଏହି ଅଂଚଳର ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ ବୋଲି କହିଥିଲେ ।

# ଦରଡାରେ ମଦ ବାର୍ ଖୋଲାଗଲେ ଆନ୍ଦୋଳନ ତୀବ୍ରତର ହେବ



ବସ୍ତା,୨୯।୧ (ନି.ପ୍ର): ଦରଡାରେ ସରକାରୀ ମଦ ବାର୍ ଖୋଲାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ ପରେ, ପଂଚାୟତବାସୀଙ୍କ ଭିତରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ।ଏଥିପାଇଁ ଦରଡା ଗ୍ରାମବାସୀଙ୍କ ତରଫରୁ ଗତ ଶୁକ୍ରବାର ଦିନ ଅପରାହ୍ନରେ ବସ୍ତା ଡାକ ବଂଗଳାଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ଦରଡା ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ କରି କହିଥିଲେ ଯେ, ଦରଡା ବାର୍ ନିକଟରେ ସ୍କୁଲ, କଲେଜ, ମନ୍ଦିର, ୨ଟି ପେଟ୍ରୋଲ ଟାଙ୍କି ଓ ମସଜିଦ୍ ରହିଛି ।ସ୍ଥାନୀୟ ଅଂଚଳରେ ମଧ୍ୟ ଆଦିବାସୀ ଲୋକଙ୍କର ଘର ମଧ୍ୟ ରହିଛି ।ତେଣୁ ଏଠାରେ ମଦ ଦୋକାନ ଖୋଲାଯିବାର ନିୟମ ନାହିଁ ।ଉକ୍ତ ନିୟମକୁ ଉଲଂଘନ କରିବା ସହିତ ରାଜନୈତିକ ଦଳର ସଦିଚ୍ଛା ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ମତବ୍ୟକ୍ତ କରିଥିଲେ ।ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଯେଉଁ ସ୍ଥାନରେ ମଦବାର୍ ହେବାର ରହିଛି, ସେଠାରେ ଏକ ଶୀତଳ ଭଣ୍ଡାର କରିବା ପାଇଁ ବସ୍ତା ଉଦ୍ୟାନ ବିଭାଗ ତରଫରୁ ୮ଲକ୍ଷ ୨୦ହଜାର ଟଂକାରେ ଉକ୍ତ ମାଲିକ ସବସିଡ୍ ନେଇଛି ।କିନ୍ତୁ ଏଠାରେ ଶୀତଳ ଭଣ୍ଡାର କରାନଯାଇ ମଦବାର୍ ଖୋଲିବାକୁ କିପରି ପ୍ରଶୟ ଦିଆଗଲା ବୋଲି ଗ୍ରାମବାସୀମାନେ ବିସ୍ମୟ ପ୍ରକାଶ କରିଛନ୍ତି ।ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀଙ୍କ ତରଫରୁ ଘୋଷଣା କରାଯାଇଛି କି, ଭବିଷ୍ୟତରେ ଉକ୍ତ ସ୍ଥାନରେ ମଦବାର୍ ଖୋଲା ହେଲେ ବ୍ୟାପକ ଭାବରେ ଆନ୍ଦୋଳନ କରାଯିବା ସହିତ ରାସ୍ତାରୋକ ମଧ୍ୟ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ମଦ ବାର୍ ନ ଖୋଲିବାକୁ ଚେତାବନୀ ଦେଇଥିଲେ ।ଉକ୍ତ ସମ୍ମିଳନୀରେ ପୂର୍ବତନ ସମିତି ସଭ୍ୟ ଜୟନ୍ତ ଭମହାପାତ୍ର,ସରୋଜ କୁମାର ଭକ୍ତା,ଜ୍ଞାନେନ୍ଦ୍ର କୁମାର ନାୟକ, ପଦ୍ମଲୋଚନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ମାନବିକତାକୁ ପ୍ରଶଂସା କଲେ ଲୋକେ

କନ୍ଧମାଳ,୨୮ ଜାନୁୟାରୀ (ହି.ସ.)- ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ମାନବିକତା ପ୍ରଦର୍ଶନ ନେଇ ସମଗ୍ର ଫୁଲବାଣୀ ସହରରେ ଚର୍ଚ୍ଚା ଚାଲିଛି । ବିଧାୟକ କହିଲେ ଜନତାଙ୍କ ପ୍ରତିନିଧି ଜନତାଙ୍କ ସେବା କରିବା ବିଧାୟକର ପ୍ରଥମ କର୍ତବ୍ୟ । ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଜନତାଙ୍କ ସେବାରୁ ନିବୃତ ରହିବା ମାନବିକତାର ପରିଚୟ ନୁହେଁ। ସେ ଦୁର୍ଘଟଣା ହେଉ କି ଜନତାଙ୍କ ସରକାରୀ ସେବା ପ୍ରଦାନ ଉଭୟରେ ମାନବିକତା ଦେଖେଇବା ବିଧାୟକର କର୍ତବ୍ୟ । ଯେପରି ଆମ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଜନା ବୋର୍ଡ ମିଟିଙ୍ଗରେ ଯୋଗ ଦେଇ ଫିରିଙ୍ଗିଆ ପଟକୁ ଜରୁରୀ କାମରେ ନିଜ ଗାଡିରେ ଯାଉଥିବାବେଳେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଏକ ସାଇକେଲ ଆରୋହୀକୁ ଧୋକା ଦେବା ଫଳରେ ୨ଜଣ ଗୁରୁତର ଭାବରେ ଆହାତ ହୋଇଥିଲେ । ଫଳରେ ସେହି ବାଟଦେଇ ଯାଉଥିବା ବିଧାୟକ ଅଙ୍ଗଦ କହଁର ଦେଖି ସଙ୍ଗେ ସଙ୍ଗେ ଗାଡିରୁ ଓହ୍ଲାଇ ଆହତ ଦୁଇ ଜଣକୁ ନିଜ ଗାଡିରେ ବସାଇ ଫୁଲବାଣୀ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଇଥିଲେ ।କେବଳ ସେତିକି ନୁହେଁ ଡାକ୍ତରଙ୍କ ସହ ଆଲୋଚନା କରି ସେମାନଙ୍କ ଚିକିତ୍ସା କଥା ମଧ୍ୟ ବୁଝାବୁଝି କରିଥିଲେ ।ଫଳରେ ଦୁଇଟି ଅମୁଲ୍ୟ ଜୀବନ ନିଶ୍ଚିତ ମୃତ୍ୟୁ ମୁଖରୁ ବଂଚି ଯାଇଥିଲା । ବିଧାୟକଙ୍କ ଏଭଳି ସେବାମୁଳକ ମନୋଭାବକୁ ସର୍ବସାଧାରଣରେ ବେଶ ଚର୍ଚ୍ଚା ଯୋର ଧରିବା ସହ ପ୍ରଶଂସା କରାଯାଇଛି । ବିଧାୟକଙ୍କ କହିବାନୁସାରେ ସମସ୍ତ ବ୍ୟାକ୍ତି ଦୁର୍ଘଟଣାରେ ଆହାତମାନଙ୍କୁ ଅଣଦେଖା ନକରି ସହଯୋଗର ହାତ ବଢ଼ାଇବା ଉଚିତ ।ଫଳରେ ବହୁ ଅମୁଲ୍ୟ ଜୀବନ ରକ୍ଷା ହୋଇପାରିବ ବୋଲି ସେ କହିଛନ୍ତି। ଏନେଇ ବରିଷ୍ଠ ନାଗରିକ ମହଲରେ ମଧ୍ୟ ପ୍ରଶଂସାର ପାତ୍ର ହୋଇପାରିଛନ୍ତି ସେମାନେ ପରସ୍ପର କଥାହୁଅନ୍ତି ବିଧାୟକ ହେବ ତ ଏମିତି ।

# କେନ୍ଦ୍ରାପଡ଼ାରେ ମେଡ଼ିକାଲ୍ କଲେଜ ଓ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଅପରିହାର୍ଯ୍ୟ: ପୁରାତନ ଛାତ୍ର ସଂଘ

କେନ୍ଦ୍ରାପଡ଼ା,୨୯।୧ (ନି.ପ୍ର): କେନ୍ଦ୍ରାକଡ଼ା ସଦରମହକୁମାଠାରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ବହୁ ଦିନରୁ ଦାବି ହୋଇ ଆସୁଥିବାବେଳେ ରାଜ୍ୟସରକାର ଏହାକୁ ଅଣଦେଖା କରି ଚାଲିଛନ୍ତି । ନିକଟରେ ରାଜ୍ୟରେ ତିନିଗୋଟି ମେଡ଼ିକାଲ କଲେଜ ପ୍ରତିଷ୍ଠାପାଇଁ ରାଜ୍ୟସରକାର ଘୋଷଣା କରିଥିଲେ ମଧ କେନ୍ଦ୍ରାପଡ଼ା ଏଥିରୁ ବାଦ ପଡ଼ିଛି । କେନ୍ଦ୍ରପାଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବାପାଇଁ ସମସ୍ତ ଯୋଗ୍ୟତା ହାସଲ କରିଥିଲେ ହେଁ ରାଜ୍ୟ ସରକାରଙ୍କ ଟାଳଟୁଳନୀତି ପାଇଁ ଏହା ବିଳମ୍ବିତ ହେଉଛି ବୋଲି କେନ୍ଦ୍ରାପଡ଼ା କଲେଜର ୧୯୮୦-୮୪ ବର୍ଷର ପୁରାତନ ଛାତ୍ରଛାତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । କେନ୍ଦ୍ରାପଡ଼ା ଗାଇଡ୍ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପୁରାତନ ଛାତ୍ରଛାତ୍ରୀ ମାନଙ୍କ ବାର୍ଷିକ ଉତ୍ସବରେ ଯୋଗଦେଇ ବକ୍ତାମାନେ ଉପରୋକ୍ତ ଦାବି ଗୁଡ଼ିକପ୍ରତି ରାଜ୍ୟସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଶିକ୍ଷାବିତ୍ ତଥା କେନ୍ଦ୍ରାପଡ଼ା କଲେଜର ପ୍ରତିଷ୍ଠାତା ଅଧକ୍ଷ ସ୍ୱର୍ଗତ ବେଣୁଧର ପ୍ରଧାନଙ୍କ ପ୍ରତିମୂର୍ତୀ କଲେଜ ପରିସରରେ ଛାତ୍ରସଂଘ ତରଫରୁ ପ୍ରତିଷ୍ଠା କରାଯିବାକୁ ଏହି ସଭାରେ ନିଷ୍ପତି ଗ୍ରହଣ କରାଯାଇଥିଲା । ସ୍ମୃତି ଓ ସଂପର୍କର ଏହି ସମାବେଶ ଛାତ୍ରସଂଘର ସଭାପତି ଭୂବନମୋହନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ସଂପାଦିକା ଅନିମା ବେହେରା ଏହାର ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟାନଙ୍କ ମଧ୍ୟରେ ଶରତକୁମାର ବେଉରା, ଜ୍ଞାନଦେବ ବେଉରା, ଦେବେନ୍ଦ୍ର ସୁଆର, ରାଜେନ୍ଦ୍ର ସୁଆର, ଅତୁଳ ବଳ, ଗୋବିନ୍ଦ ନାୟକ, ଗଙ୍ଗାଧର ସାହୁ, କୃପାସିନ୍ଧୁ ସାହୁ, ନୃସିଂହ ତ୍ରିପାଠୀ, ବାଙ୍କବିହାରୀ ରାଉତ, ସୁଜୟ ବେଉରା, ବିଚିତ୍ର କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୁବାସ ପରିଡ଼ା, ରମେଶ ଲେଙ୍କା, ତୁହିନାଂଶୁ ରଥ ପ୍ରମୁଖ ଛାତ୍ରଛାତ୍ରୀମାନେ କୋଭିଡ଼-୧୯ ନିୟମ ପାଳନ କରି ସମାବେଶରେ ଯୋଗଦାନ କରିଥିଲେ।

# ନାବାଳିକାକୁ ଅପହରଣ ନେଇ ଥାନାରେ ଅଭିଯୋଗ : ପୁଲିସର ତଦନ୍ତ ଜାରି

ଧର୍ମଶାଳା,୨୯।୧ (ନି.ପ୍ର): ନାବାଳିକାକୁ କେହି ଦୃବୃତ ଅପରହଣ କରି ନେଇଥିବା ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି । ଏ ଭଳି ଅଘଟଣ ଘଟିଛି ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ । ଅଭିଯୋଗ ପାଇ ପାଇ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଅଭିଯୋଗ ମୁତାବକ ୨ ଦିନ ତଳେ ବ୍ରହ୍ମବରଦା ଗ୍ରାମ ଓଝା ସାହିର ସୁବାସ ଚନ୍ଦ୍ର ଓଝାଙ୍କ ନାବାଳିକା (୧୭)ବର୍ଷୀୟ ଝିଅ ନିଖୋଜ ହୋଇ ଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଧର୍ମଶାଳା ଥାନାରେ ନାବାଳିକାର କକା କ୍ଷେତ୍ରବାସୀ ଏକ ଅଭିଯୋଗ କରିଛନ୍ତି । ସନ୍ଦେହରେ ଏହି ବ୍ରହ୍ମବରଦା ରାଉତ ସାହି ୧୨ ନମ୍ବର ୱାର୍ଡର କ୍ଷିରୋଦ ଦାସଙ୍କ ପୁଅ ସମୀୟଙ୍କ ନାମରେ ଏଭିଯୋଗ କରିଛନ୍ତି । ଏନେଇ ପୁଲିସ ୩୭୨।୨୦ରେ ଏକ ମାଲଲା ରୁଜୁ କରି ଘଟଣାର ତଦନ୍ତ କରାଯାଉଥିବା ନେଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି । ଏଭଳି ଘଟଣାକୁ ନେଇ ବ୍ରହ୍ମବରଦାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ପାବୁରିଆରେ କନ୍ଧମାଳରେ କଳାକାର ସମାବେଶ

କନ୍ଧମାଳ,୨୯।୧ (ନି.ପ୍ର): କନ୍ଧମାଳ ଜିଲ୍ଲା ପାବୁରିଆ ସାରଡମାହା ଗ୍ରାମରେ ସାଂସ୍କୃତିକ କଳାପରିଷଦ ଜିଲ୍ଲା ପାରମ୍ପରିକ ଲୋକ କଳାକାର ସଂଘ ଓ କ୍ରାଉନ ଇଣ୍ଡିଆ ପକ୍ଷରୁ ଲୋକ କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଟିକାବାଲି ବ୍ଲକ ଅଧକ୍ଷା ସୁଚିତ୍ରା ପ୍ରଧାନ,ସାଂସ୍କୃତିକ କଳାପରିଷଦର ରାଜ୍ୟ ଅଧକ୍ଷ ଲକ୍ଷ୍ମୀ ଧର ସାହୁ,ମୁଖ୍ୟ ଉପଦେଷ୍ଟା ଦିନକୃଷ୍ଣ ପଣ୍ଡା,ନାଟ୍ୟକାର ପ୍ରଫୁଲ ବେହେରା, ପାରମ୍ପରିକ ଲୋକ କଳାକାର ସଂଘର ଜିଲ୍ଲା ସଭାପତି ଅକ୍ଷୟ କର୍ଣ୍ଣ,କ୍ରାଉନ ଇଣ୍ଡିଆ ଟ୍ରଷ୍ଟର ମୁଖ୍ୟ ବିଜୁ ପ୍ରଧାନ,ସୁପ୍ରିୟା ଡିଗଲ,ବୀରେନ୍ଦ୍ର କହଁର ଓ ବାରଟି ବ୍ଲକର କଳା ସଂସ୍କୃତି ସଂଘର ଉପସଭାପତି ମଂଚାସୀନ ଥିଲେ । ମୁଖ୍ୟ ବକ୍ତା ଭାବେ ଦକ୍ଷିଣ ଓଡିଶା ମଂଚକଳା ସଂଘର ମହାସଚିବ ସୁବାଷ ସାହୁ ଯୋଗ ଦେଇ କଳାକାରଙ୍କ ସମସ୍ୟା ଭୁମିକା ଓ ଆଭିମୁଖ୍ୟ ସମ୍ପର୍କରେ ଆଲେକପାତ କରିଥିଲେ ଓ ସବୁ କାଳାକାର ଏକ ବୋଲି କହିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଗଣ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ଜଳନ କରିଥିଲେ । ଖଜୁରୀପଡ଼ା ବ୍ଲକ କଳାସଂସ୍କୃତି ସଂଘର ଉପସଭାପତି ସରୋଜ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।କୋଣ ଅନୁକୋଣରୁ ବହୁ କଳା ସଂଗଠନ କଳାକାର ଯୋଗଦେଇ ନିଜନିଜର କଳା ପ୍ରତିଭା ପ୍ରଦର୍ଶନ କରି ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଏବଂ ମାନପତ୍ର ଗ୍ରହଣ କରିଥିଲେ ।

# ହଳଦୀପଦା ନୂଆପଡା ନେତାଜୀ ଯୁଥକ୍ଲବରେ ସମ୍ବର୍ଦ୍ଧନା ଉତ୍ସବରେ ଶବର ସାଥି କାର୍ତ୍ତିକଙ୍କୁ ସମ୍ବର୍ଦ୍ଧନା



ବସ୍ତା,୨୯।୧ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ହଳଦୀପଦା ନୂଆପଡା ନେତାଜୀଯୁଥ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି ସମ୍ବୋର୍ଦ୍ଧନା ଉତ୍ସବ । କିଛିଦିନ ତଳେ କରୋନା ରେ ଭୟଭିତ ହୋଇ ଥିଲେ ରାଜ୍ୟବାସୀ । କେହିକାହାରି ସହିତ ମିଳାମିଶା କରିବାକୁ ଡରୁଥିବା ବେଳେ ମୃତ ଡେଡ ବଡି କୁ କିଏପଚାରେ ହେଲେ କାହା କଥା ବା ପରିବାର ଲୋକ ମନାକରିବା ସତ୍ତ୍ୱେବି ମୃତ ମଣିଷକୁ ନିଜ ଗାଡିରେ ବୋହି ନେଇ ଠିକଣା ଯାଗାରେ ପହଞ୍ଚାଇ ଦେଉଥିଲେ । ଏହିଘଟଣା ଖବରକାଗଜ ରେ ବାହାରିବା ପରେ ବସ୍ତା ବାଲିଆପାଳ ଜଳେଶ୍ୱର ବାଲେଶ୍ୱରଜିଲ୍ଲା ସମେତ ଓଡିଶା ସାରା ଚର୍ଚ୍ଚା ଯୋର ଧରିଥିଲା । ଡାକ୍ତର ଠାରୁ ଆରମ୍ଭକରି ସମସ୍ତେ ଏହିକାର୍ଯ୍ୟ ପାଇଁତାଙ୍କୁ ଶୁଭେଚ୍ଛା ଦେଇଥିଲେ । ନେତାଜୀ ଯୁଥକ୍ଲବ ସମ୍ବର୍ଦ୍ଧନା ଉତ୍ସବରେ ମୂଖ୍ୟଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାଷିନୀଜେନା ଯୋଗଦେଇ ଗ୍ରାମାଞ୍ଚଳର ପ୍ରତିଭା ଓ ଲୋକାୟୀତ ଘଟଣାକୁ ଗଣମାଧ୍ୟମରେ ପ୍ରଚାର କରି ଥିବା ବସ୍ତା ଅଞ୍ଚଳର ସାମ୍ବାଦିକ ବିଜୟକୁମାର ଭୂୟାଁଙ୍କୁ ଭୂୟିଅସି ପ୍ରସଂଶା କରିଥିଲେ । ମୂଖ୍ୟବକ୍ତା ସମାଜସେବୀ ଧର୍ମେନ୍ଦ୍ର ନାଥ ପଣ୍ଡା ସମୟଚକ୍ର ସମ୍ପାଦକ ସର୍ବେଶ୍ୱରଯେନା ଅବସରପ୍ରାପ୍ତ ଗୋଷ୍ଠି ଅଧିକାରୀ ଜୟନ୍ତ ପାଣିଗ୍ରାହୀ ଯୋଗଦେଇ 'ଶବର ମଣିଷ କାର୍ତ୍ତିକ କୁମାର ବାରିକ ଙ୍କୁ କରୋନା ଯୋଦ୍ଧା ଅଞ୍ଚଳ ବାସୀଙ୍କର ପ୍ରିୟଭାଜନ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କର ଏହି ମହତ୍ୱ କାର୍ଯ୍ୟ ଖବର କାଗଜ ରେ ପ୍ରସାରଣ ୧୯ଶହ୯୬ମସିହାଠାରୁ ୨ ହଜାର ୨୦।୨୧ ପର୍ଯ୍ୟନ୍ତ ୫ହଜାର ୧୧୪ ଟି ମୃତଦେହ ନିଜର ଟେମ୍ପୁରେ ବୋହି ନେଇ ଅଞ୍ଚଳ ବାସୀଙ୍କପାଇଁ ଏକ ଉଦାହରଣ ସାଜିଥିବାରୁ ତାଙ୍କୁ ଯୁଥକ୍ଲବ ପକ୍ଷରୁ ଶବର ସାଥି ସଭିଙ୍କସାଥି ନାମରେ ଘୋଷଣା କରିବାସହିତ ଉତ୍ତରିୟ ମାନପତ୍ର ଓ ଉପଢୌକନ ଅତିଥି ମାନେ ପ୍ରଦାନ କରିଥିଲେ ।ଏହି ଉତ୍ସବରେ ବୈରାଗିଚରଣଜେନା ସଭାପତିତ୍ୱ କରିଥିବାବେଳେ ଆଇନଜିବି ସ୍ନେହଲତାଜେନା ସରପଞ୍ଚ ଜୟନ୍ତିପ୍ରଧାନ ସୁଦାମଚରଣଲେଙ୍କା ଉପଦେଷ୍ଟା ଜଗନ୍ନାଥଜେନା ସଂପାଦକ ବଂଶୀଧରସାହୁ ଶିବସୁନ୍ଦର ବେହେରା ସପୁର୍ଣ୍ଣାସାହୁ ବାଦଲ ଲିପୁ ଦୀପକ ପ୍ରମୂଖ କ୍ଲବର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଦିର୍ଘ ୨୫ବର୍ଷ ଧରି କାର୍ତ୍ତିକ ବାରିକ ଏହି ମହତ୍ୱ କାମ କରି ତିଳେ ହେଲେ ଥକିପଡିନାହାନ୍ତି । ଝଡ ବର୍ଷାକୁ ଖାତିର ନ କରୀ ସମାଜପାଇଁ ଏକ ଉଦାହରଣ ସାଜିଥିବା ମଣିଷ ସିଂଲାଥାନା ସାର୍ଥା ଗ୍ରାମର କୈଳାଶ ବାରିକଙ୍କପୁତ୍ର କାର୍ତ୍ତିକ ବାରିକ । ନିପଟ ମଫସଲ ଅଞ୍ଚଳ ଦାରିଦ୍ରର ସିମାରେଖା ତଳେଥାଇ ବାପାଙ୍କମୃତ୍ୟୁ ପରେ ବଦ୍ଧମା ସମେତ ୬ପ୍ରାଣୀ କୁଟୁମ୍ବ ଙ୍କପାଇଁ ଦୁଇଓଳି ଖାଦ୍ୟ ଯୋଗାଇବା ପାଇଁ ଛୋଟ ବେଲୁ ପରଘରେ କାର୍ଯ୍ୟକରି ଥିଲେ । ପୁଣି ଯୈନିକ ଏକଗାଡି ମାଲିକଙ୍କ କୃପାଦୃଷ୍ଟିରୁ ଗାଡି ଚାଳକ ହୋଇ ମନଭିତରେ କୁ ଭୃକ୍ଷେପ ନ କରି ଏହି ଶବ ବୋହିବା ପାଇଁ ଅଣ୍ଟା ଭିଡିଥିଲେ ଶ୍ରୀବାରିକ । ତାଙ୍କର ଏହି ସାମାଜିକ କୁ ସଂସ୍କାରକୁ ଭୃକ୍ଷେପନକରି ଆଜି ସମସ୍ତଙ୍କପାଇଁ ଉଦାହରଣ ସାଜିବା ସହିତ ପ୍ରମେୟ ନ୍ୟୁଜ ଆଜି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ସମ୍ବର୍ଦ୍ଧନା ଉତ୍ସବରେ କାର୍ତ୍ତିକ ପ୍ରକାଶକରିଛନ୍ତି ।

# ହିମାଳୟର ୧୨,୫୦୦ ଫୁଟ ବୁଗୀୟାଲ ଶୀର୍ଷରେ ଜାତୀୟ ପତାକା ଉଡାଇଲେ ୨୩ ଜଣ ଓଡିଆ ଯୁବକ: ଦଳରେ ଅଛନ୍ତି କନ୍ଧମାଳ ସିଦ୍ଧାର୍ଥ

କନ୍ଧମାଳ,୨୯।୧ (ନି.ପ୍ର): ହିମାଳୟ ପର୍ବତମାଳାର ବୁଗୀୟାଲ ପର୍ବତର ଶୀର୍ଷ ୧୨,୫୦୦ ଫୁଟ ଉଚ୍ଚରେ ଥିବା ପର୍ବତ ଉପରେ ପହଂଚିଛି ୨୩ ଜଣିଆ ଓଡିଶାର ଡେୟାରଡେଭିଲ ନାମକ ଏକ ପର୍ବତାରୋହୀ ଦଳ । କନ୍ଧମାଳ ପାଇଁ ଏହା ଏକ ଗର୍ବ ଓ ଗୌରବର କଥା କାରଣ ଏହି ଦଳରେ ରହିଛନ୍ତି କନ୍ଧମାଳ ଜିଲ୍ଲା ରାଇକିଆ ବେରେଡାକିଆର ଜଣେ ଯୁବକ ସିଦ୍ଧାର୍ଥ କେଶରୀ ପ୍ରଧାନ । ସେ ଜଣେ ଇଂଜିନିୟରିଙ୍ଗ ଛାତ୍ର ହେଲେ କିଛି ନୂଆ କରିଦେଖାଇବାକୁ ତାଙ୍କର ପୁରୁଣା ନିଶା ରହିଛି । ସେଥିପାଇଁ ସେ କଣ୍ଟାବାଞ୍ଜି ଅଂଚଳର ଗୋଟିଏ ପର୍ବତାରୋହୀ ଡେୟାରଡେଭିଲ ନାମକ ଦଳରେ ସାମିଲ ହୋଇଛନ୍ତି । ଏହି ଦଳ ହିମାଳୟର ବୁଗୀୟାଲର ଶୀଖରରେ ମାଇନସ ୫ରୁ ୧୦ ଡିଗ୍ରୀ ତାପମାତ୍ରାରେ ଏହି ଦଳ ସେଠାରେ ପହଂଚି ଜାତୀୟ ପତାକା ଉଡାଇବାର ଗୌରବ ହାସଲ କରିଛନ୍ତି । ସେଥିପାଇଁ ସିଦ୍ଧାର୍ଥ ନିଜକୁ ଗର୍ବିତ ମନେକରୁଥିବା ସହିତ ଏହି ଅଭିଯାନରେ ତାଙ୍କୁ ସାମିଲ କରିଥିବାରୁ ଡେୟାରଡେଭିଲ ଦଳକୁ ଏହାର ଶ୍ରେୟ ପ୍ରଦାନ କରିଛନ୍ତି । ସେ କନ୍ଧମାଳ ଜିଲ୍ଲାର ରାଇକିଆ ଅଂଚଳର ବେରେଡାକିଆରୁ ଯାଇ ହିମାଳୟ ପର୍ବତ ଶିଖରରେ ପହଂଚିଥିବାରୁ ନିଜକୁ ଭାଗ୍ୟବାନ ମନେ କରିଛନ୍ତି । ଗତ ୨୦ ତାରିଖରେ ଏହି ଦଳର ସଭାପତି ସତ୍ୟପିର ପ୍ରଧାନଙ୍କ ନେତୃତ୍ୱରେ ଏହି ଦଳ ଏହାର ଅଭିଯାନ ଆରମ୍ଭ କରିଥିଲା ଜାନୁୟାରୀ ମାସ ୨୪ ତାରିଖ ଅପରାହ୍ନ ୧୨ ଟା ୫୧ ମିନିଟରେ ସେମାନେ ବୁଗୀୟାଲ ଶୀଖରରେ ପହଂଚି ସେଠାରେ ଜାତୀୟ ପତାକା ଉଡାଇଥିଲେ । ସିଦ୍ଧାର୍ଥ ଭବାନୀପାଟଣା ସରକାରୀ ଇଂଞ୍ଜିନିୟରିଙ୍ଗ କଲରଜରେ ସିଭିଲ ଇଂଜିନିଅଁନିୟରିଙ୍ଗର ଫାନାଲଇୟର ଛାତ୍ର ଅଟନ୍ତି । ପାଠପଢା ସହିତ ସେ ଆଡଭେଂଚର,ମଡେଲିଙ୍ଗ ଏବଂ ଫିଟନେସ ଭଳି ଅନେକ କାର୍ଯ୍ୟରେ ରୂଚି ରଖିଥିବା କହିଛନ୍ତି । ତେବେ ତାଙ୍କ ସହିତ ଏହି ଦଳରକୁ ଭୁବନେଶ୍ୱରରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି ।

# ନଟାକଟା ପଞ୍ଚାୟତରେ ବଡଦାଣ୍ଡ ସ୍ମଶାନ ପ୍ରକଳ୍ପ ଦୀର୍ଘ ୪ବର୍ଷ ଧରି କାର୍ଯ୍ୟକ୍ଷମ ନହେବାରୁ ଅଂଚଳବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ

## ଶ୍ମଶାନରେ ଶବ ରଖି ଆନ୍ଦୋଳନ ଆନ୍ଦୋଳନ କଲେ ଗ୍ରାମବାସୀ

ବସ୍ତା,୨୯।୧ (ନି.ପ୍ର): ରାଜ୍ୟ ସରକାର ପ୍ରତ୍ୟେକ ଗାଁ ପାଇଁ ବଡଦାଣ୍ଡ ବସ୍ତା ସ୍ମଶାନ ପ୍ରକଳ୍ପ ଯୋଗାଇଦେଉଥିବା ବେଳେ ବସ୍ତାବ୍ଲକ ନଟାକଟା ପଞ୍ଚାୟତ ରେ ୨୦୧୮ମସିହାରୁ ଆସିଥିବା ସ୍ମଶାନ ଗୃହ ଅର୍ଥ କାର୍ଯ୍ୟକ୍ଷମ ନହୋଇ ପଞ୍ଚାୟତ ସ୍ତରରେ ବନ୍ଦ ହୋଇ ରହିଅଛି । ଯାହାଫଳରେ ଶବ ଦାହ କରିବାପାଇଁ ଅଞ୍ଚଳ ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ତେବେ ପ୍ରଶାସନିକ ସ୍ତରରେ କାର୍ଯ୍ୟରତ ସରପଞ୍ଚ ଙ୍କ ଅପାରଗତା ବା ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଆଜିପର୍ଯ୍ୟନ୍ତ ଗୃହ ନିର୍ମାଣ ହୋଇପାରିନାହିଁ ବୋଲି ବୁଦ୍ଧିଯିବି ମହଲରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ନଟାକଟା ଗ୍ରାମ ପଂଚାୟତର ବିଶେଷ କରି ପଞ୍ଚୁଦେଶୀ ଏବଂ ଚାଷୀପଡା, ଭାନ୍ଦିପୁର, ହଦମୌଦ, ପାଣିନଗର ଅଞ୍ଚଳବାସୀ ନିର୍ଭର କରୁଥିବା ବେଳେ କେଉଁ ସ୍ୱାର୍ଥ ପାଇଁ ସ୍ମଶାନ ଗୃହ କାର୍ଯ୍ୟକ୍ଷମ ନହେବା ଦ୍ୱାରା ଝଡିବର୍ଷା ଓ ପବନ ହେତୁ ଶବ ଦାହ କରିବାକୁ ଆସିଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।ଏଣୁ ଉକ୍ତ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ସକାଶେ ସ୍ଥାନୀୟ ଅଂଚଳବାସୀଙ୍କ ତରଫରୁ ଶ୍ରୀ ଜନାର୍ଦ୍ଦନ ଦାସ,ସମାଜସେବୀ ତଥା ଆଇନଜୀବି ଶ୍ରିନିବାସ ଜେନା, ବିନୋଦ ଦାସ, ଆଇନଜୀବି ହରିଶଂକର ଜେନା, ଜଗଦୀଶ ସେନାପତି ସମେତ ବହୁ ଲୋକ ଦାବି କରିଛନ୍ତି । ଖୁବ୍ ଶୀଘ୍ର ଉକ୍ତ ପ୍ରକଳ୍ପକୁ ଯଦି କାର୍ଯ୍ୟକ୍ଷମ କରା ନଯାଏ, ତେବେ ଭବିଷ୍ୟତରେ ପ୍ରବଳ ଜନ ଅସନ୍ତୋଷ ପାଇଁ ସ୍ଥାନୀୟ ପ୍ରଶାସନ ଠୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ଉତ୍ତରଦାୟୀ ରହିବେ ବୋଲି ଅଂଚଳବାସୀ ପ୍ରକାଶ କରିଛନ୍ତି ।

# ଫେବୃଆରୀ ୭ରେ ମେଡିକାଲ କଲେଜ ସ୍ଥାପନା ଦାବିରେ ସର୍ବଦଳୀୟ ବୈଠକ

କେନ୍ଦ୍ରାପଡ଼ା,୨୯।୧ (ନି.ପ୍ର): କୃଷି ପ୍ରଧାନ ଜିଲ୍ଲା କେନ୍ଦ୍ରାପଡାରେ ସ୍ୱାସ୍ଥ୍ୟସେବା ର ବିକାଶ ଓ ଜନ ସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାପାଇଁ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ସ୍ଥାପନା ଦାବିନେଇ ଜିଲ୍ଲାର ସଚେତନ ନାଗରିକ ବୁଦ୍ଧିଜୀବି ବିଭିନ୍ନ ରାଜନୈତିକ ନେତା ଓ ଯୁବଛାତ୍ର ଗୋଷ୍ଠୀ ପକ୍ଷରୁ ଆନ୍ଦୋଳନ ତେଜିବାରେ ଲାଗିଛି । ପ୍ରାୟ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଜନ ସାଧାରଣଙ୍କ ପାଇଁ ଆସୁ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରାଇବା ଉପଲକ୍ଷେ ମେଡିକାଲ କଲେଜ ସ୍ଥାପନା ଦାବି ଦିନକୁ ଦିନ ବଳବତର ହେବାରେ ଲାଗିଛି । ଆସନ୍ତା ୭ ତାରିଖରେ ଏହି ଦାବିକୁ କ୍ରିୟାଶୀଳ କରିବା ପାଇଁ ଓ ବ୍ୟାପକ ଜନ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ପାଇଁ ଗୁରୁବାର ଦିନ ଏହି ବୈଠକର ପ୍ରସ୍ତୁତି କମିଟି ତରଫରୁ ଏକ ଆଲୋଚନା ଚକ୍ର ରମଣୀ ରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠିତ ହୋଇଥିଲା । ଏଥିରେ ୭ତାରିଖରେ ସର୍ବ ଦଳୀୟ ସମ୍ମିଳନୀ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଆଲୋଚନା ଚକ୍ରରେ ଅଜୟ କୁମାର ସାମଲ, ପ୍ରଫୁଲ୍ଲ ଦାସ, ସୁବାସିନୀ ଭଦ୍ର, ଗୟାଧର ଧଳ, ଆଦିକନ୍ଦ ରାଉଳ, ଭଜକୃଷ୍ଣ ରାଉତ, ଉମେଶ ଚନ୍ଦ୍ର ସିଂହ ଫକିର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବିଦ୍ୟୁତ୍ କମିଟି ବୈଠକରେ ଫେବୃୟାରୀ ୨୦ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

କେନ୍ଦୁଝର,୨୯।୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ବିଦ୍ୟୁତ୍ କମିଟିର ବୈଠକ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ଡି.ଏଫ୍.ଓ(ଟି), କେନ୍ଦୁଝର ସ୍ୱୟମ୍ ମଲ୍ଲିକ୍, ପିଡି ଡିଆର୍ଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ନେସ୍କୋର ଅଧିକ୍ଷଣ ଯନ୍ତ୍ରୀ ନାରାୟଣ ଦାଶ, କେନ୍ଦୁଝର ଲୋକସଭା ସଦସ୍ୟଙ୍କ ପ୍ରତିନିଧି, ଆନନ୍ଦପୁର ବିଧାୟକଙ୍କ ପ୍ରତିନିଧିଙ୍କ ସମେତ ନେସ୍କୋ, ଏନ୍ଟିପିସି, ଓପିଟିସିଏଲ୍, ଓରେଡାଙ୍କ କର୍ମକର୍ତା ତଥା କାର୍ଯ୍ୟନିର୍ବାହ କରୁଥିବା କମ୍ପାନୀମାନଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ନୀଳଗିରି,୨୯।୦୧ (ନି.ପ୍ର): ଭାଲୁ ଆକ୍ରମଣରେ ଜୈନିକ ବୃଦ୍ଧା ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାର ଜଣାପଡ଼ିଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ କାଠଗୋଛି ଗ୍ରାମର ଜୁନମଣି ସିଂ (୬୦) ଦ୍ୱିପହରେ ନିଜ ଘରକୁ ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରେ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା । ବୃଦ୍ଧା ହାତରେ ଥିବା ଏକ ବାଡ଼ିରେ ଭାଲୁକୁ ପିଟିବାରୁ ଭାଲୁଟି ଗୁରତର କରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା । ଆକ୍ରମଣରେ ବୃଦ୍ଧାର ମୁଣ୍ଡ ଓ ଜଂଘରେ ଗଭୀର ଆଘାତ ଲାଗିଥିବାର ଜଣାପଡ଼ିଛି । ବନବିଭାଗ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବୀ କରିଛନ୍ତି ।

## କୁଲଡିହା ଅଭୟାରଣ୍ୟରୁ ଗାଁକୁ ପଶିଲେ ୨୦ରୁ ଉର୍ଦ୍ଧ୍ୱ ମୟୂର

ନୀଳଗିରି,୨୯।୦୧ (ନି.ପ୍ର): କୁଲଡିହା ଅଭୟାରଣ୍ୟରେ ଥିବା ୨୦ ରୁ ଉର୍ଦ୍ଧ୍ୱ ମୟୂର ଖାଦ୍ୟ ଅନ୍ୱେଷଣରେ ଗାଁ କୁ ପଳାଇ ଆସିଥିବାର ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ୨୦ ରୁ ଉର୍ଦ୍ଧ୍ୱ ମୟୂର ଭଉଁରିଆବାଡ଼ ପଂଚାୟତର ବିଟୁ ସାହି ଗ୍ରାମରେ ଥିବା ସିଦ୍ଧି ଫାର୍ମ ହାଉସ ମଧ୍ୟରେ ପ୍ରବେଶ କରିଛନ୍ତି । ଏହି ସବୁ ମୟୂରମାନଙ୍କୁ ଦେଖିବା ପାଇଁ ବେଶ ଲୋକାରଣ୍ୟ ହୋଇପଡ଼ିଛି । ମୟୂରମାନଙ୍କର ଯେପରି କିଛି ଅନିଷ୍ଟ ନ ହୁଏ, ସେଥିପ୍ରତି ଫାର୍ମ ହାଉସର ମାଲିକ ସନ୍ତୋଷ ଖଟୁଆ ତୀକ୍ଷଣ ଦୃଷ୍ଟି ରଖିଛନ୍ତି । ଫାର୍ମ ହାଉସ ପରିସରରେ ଥିବା ମକା ସମେତ ଅନ୍ୟାନ୍ୟ ସବୁଜ ପନିପରିବା ଥିବାରୁ ମୟୂରମାନେ ବେଶ ଆନନ୍ଦରେ ଖାଉଥିବାର ଦେଖିବାକୁ ମିଳିଛି । ଏ ନେଇ ଅଂଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଅଭୟାରଣ୍ୟରେ ଖାଦ୍ୟାଭାବ ଯୋଗୁଁ ଗାଁ ମୁହାଁ ହୋଇଥିବାର ପରିବେଶବିତ୍‌ମାନେ ସୂଚନା ଦେଇଛନ୍ତି ।

# 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ରାସ୍ତା ଅବରୋଧ ଉଚ୍ଛେଦ ଦାବି



ବାଲେଶ୍ୱର,୨୯।୦୧ (ନି.ପ୍ର): ସହର ରାସ୍ତା ପାର୍ଶ୍ୱ ଜବରଦଖଲ ଓ ଲୋକଙ୍କ ନିଜସ୍ୱ ସମ୍ପତ୍ତି ଭଳି ବ୍ୟବହାରକୁ ନେଇ ଆରୋପ ଉଠାଇଛି ଜିଲ୍ଲାର ଅନ୍ୟତମ ସଂଗଠନ ଫ୍ୟୁଚର ବାଲେଶ୍ୱର। ବିଶେଷ କରି ରାସ୍ତାର ଦୁର୍ଘଟଣା ହ୍ରାସ କରିବା ଓ ଟ୍ରାଫିକ ନିୟମ ପାଳନ ପାଇଁ ଜନ ସଚେତନତା ସୃଷ୍ଟି ଦିଗରେ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିଲେ ବି ରାସ୍ତାର ଉନ୍ନତିକରଣ ଦିଗରେ ଦୃଷ୍ଟି ଦିଆଯାଉ ନାହିଁ ବୋଲି ସଂଗଠନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ସହର ସମେତ ଜିଲ୍ଲାର ମୁଖ୍ୟ ରାସ୍ତାଗୁଡ଼ିକୁ ସ୍ଥାନୀୟ ଲୋକ ନିଜସ୍ୱ ସମ୍ପତ୍ତି ଭଳି ବ୍ୟବହାର କରୁଛନ୍ତି। ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ମାସ ମାସ ପକାଇ ରଖିବା, ରାସ୍ତା ପାର୍ଶ୍ୱ ଅବରୋଧ ରଖିବା ଯୋଗୁଁ ସାଧାରଣ ଲୋକେ ଯାତାୟତରେ ନାନାବିଧି ସମସ୍ୟ ଉପୁଜୁଛି। ପ୍ରଶାସନ ପକ୍ଷରୁ ଏହା ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗାଡ଼ି ଚାଳକଙ୍କ ପାଇଁ ସମସ୍ୟା ହୋଇଥିବା ଛକ ସ୍ଥାନରେ ଲାଗିଥିବା ବିଜ୍ଞାପନ ହୋର୍ଡିଂ ଅପସାରଣ କରିବା, ନିଷ୍କାସନରେ ବାଧକ ହୋଇଥିବା ମହାନାଳର ଜବରଦଖଲ ଉଚ୍ଛେଦ କରିବା, ସହର ରାସ୍ତାପାର୍ଶ୍ୱ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା ପାଇଁ ଫ୍ୟୁଚର ବାଲେଶ୍ୱରର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ଦୁକୁଲ ଚନ୍ଦ୍ର ଘଡ଼େଇ, ରଣଜିତ ବର୍ଦ୍ଧନ, ଆଲୋକ କୁମାର ଦେ, ବିଶ୍ୱଜିତ ଦେ, ରଞ୍ଜନ ଦାସ, ସତ୍ୟେନ୍ଦ୍ର କୁମାର ଦାସ, ସୌମ୍ୟରଂଜନ ପାତ୍ର, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାରିପଦା ପୌରପାଳିକା ପକ୍ଷରୁ ସଫେଇ କର୍ମଚାରୀ ପାଇଁ "ବଡା ଖାନା" କାର୍ଯ୍ୟକ୍ରମ



ବାରିପଦା,୨୯।୦୧ (ନି.ପ୍ର): ବାରିପଦା ପୌର ପରିଷଦର କଲ୍ୟାଣ ମଣ୍ଡପ ଠାରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସୁପରିଭାଇଜର, ସ୍ୱଚ୍ଛ ସାଥି ଓ ୱାର୍ଡ ଅଫିସର ମାନଙ୍କୁ ନେଇ ଏକ "ବଡା ଖାନା" ଏବଂ ସଫେଇ କାର୍ଯ୍ୟରେ ବଳିଷ୍ଠ ଅବଦାନ ପାଇଁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ପ୍ରଶାସକ ଶ୍ରୀ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ପି.ଅନ୍ୱେଷା ରେଡ୍ଡୀଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ଡିଏଫଓ ଏବଂ ମୟୂରଭଞ୍ଜ ସହର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଯୋଗ ଦେବା ସହିତ ସଫେଇ କର୍ମଚାରୀ ଏବଂ ସ୍ୱଚ୍ଛ ସାଥି ମାନଙ୍କୁ ଖାଦ୍ୟ ପରଶିଥିଲେ। ଉକ୍ତ ସଭାରେ ଜିଲ୍ଲାପାଳ ସହରାଂଚଳରେ ସଫେଇ କର୍ମଚାରୀ ମାନଙ୍କ ଦ୍ୱାରା କରାଯାଉଥିବା ସଫେଇ କାର୍ଯ୍ୟ ପ୍ରସଂଶା କରିବା ସହିତ ଆଗକୁ ବାରିପଦା ସହରକୁ କିପରି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ରେ ଉଚ୍ଚସ୍ଥାନ ଅଧିକାର କରିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଘରୁ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆର ସଠିକ ସୁପରିଚାଳନା ନିମନ୍ତେ ଏବଂ ଆଗାମୀ ଦିନରେ ଡଷ୍ଟବିନ୍ ଫ୍ରି ସହର ଭାବେ ବାରିପଦା କିପରି ସ୍ୱଚ୍ଛସୁସ୍ଥ ଓ ସୁନ୍ଦର ହୋଇପାରିବ ସମସ୍ତେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ସଫେଇ କାର୍ଯ୍ୟରେ ନିଜର ବଳିଷ୍ଠ ଅବଦାନ ପାଇଁ ୩ ଜଣ ସ୍ୱଚ୍ଛ ସାଥି, ଜଣେ ସ୍ୱଚ୍ଛ ସୁପରିଭାଇଜର, ତିନି ଜଣ ସଫେଇ କର୍ମଚାରୀ ଏବଂ ଦୁଇଟି ୱେଲଥ୍ ସେଣ୍ଟରର ସଭ୍ୟା ସହିତ ମଳ ବିଶୋଧନାଗାରର କାର୍ଯ୍ୟରତ ସଦସ୍ୟା ମାନଙ୍କ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା।

# ଅବସରପ୍ରାପ୍ତ ୪ଜଣ ଶିକ୍ଷକଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା

ଧାମନଗର,୨୯।୦୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ସ୍ଥିତ ଇନ୍ଦ୍ର ଗୋବିନ୍ଦ ଆଞ୍ଚଳିକ ସାଧନକେନ୍ଦ୍ର ଅଧିନସ୍ଥ ସ୍ୱାମୀ ପାଟଣା ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ୪ଜଣ ଶିକ୍ଷକଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରୋଦ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରାଜୀବ ଲୋଚନ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଆରସିସି ପ୍ରଶାନ୍ତ କୁମାର ବେହେରା ସଭାକୁ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତାଭାବେ ପଙ୍ଗଟା ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ରୁପକ କୁମାର ମିଶ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ କୋରୁଆ ସିଆରସିସି ପୁର୍ଣ୍ଣଚନ୍ଦ୍ର ପରିଡ଼ା, ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ଅନିଲ କୁମାର ବଳ, ଶଶିଭୁଷଣ ସେଠୀ, ପୁର୍ଣ୍ଣଚନ୍ଦ୍ର ନାୟକ, ନୃସିଂହ ସାହୁ, ଖଗେଶ୍ୱର ସାମଲ, ନିର୍ମଳ ବେହେରା, ଶିକ୍ଷୟତ୍ରୀ ତିଳୋତ୍ତମା ବାରିକ, ବିଜୟଲକ୍ଷ୍ମୀ ଦାଶ, ମାୟାଧର ସେଠୀ ଯୋଗଦେଇଥିବାବେଳେ ଶିକ୍ଷକ ଉମେଶ ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷକ କୃତିବାସ ଦାସ, ଅନିରୁଦ୍ଧ ଦାଶ, ବୈରାଗି ଚରଣ ଦାସ, ଦୀନବନ୍ଧୁ ଜେନା ପ୍ରମୁଖ ୪ଜଣ ଶିକ୍ଷକଙ୍କ ଶିକ୍ଷାଦାନ, ଛାତ୍ର ଛାତ୍ରୀଙ୍କୁ ଭଲପାଇବା, ଶିକ୍ଷାନୁଷ୍ଠାନର ଉନ୍ନତୀ ନିମନ୍ତେ ଏମାନଙ୍କର ଅବଦାନ ଓ ତାଙ୍କ ଜିବନୀ ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରି ତାଙ୍କର ଦୀର୍ଘ ଜିବନ କାମନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ୪ଜଣ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, କମିଟିର କର୍ମକର୍ତ୍ତା ମାନେ ଉପସ୍ତିତ ଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ

ଭୁବନେଶ୍ୱର,୨୯।୦୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୨୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୨୬,୨୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଜେଜେ ବାପାଙ୍କ ଦଶାହ ଘାଟରେ ପୋଖରୀରେ ବୁଡ଼ି ନାତିର ମୃତ୍ୟୁ

ନୀଳଗିରି ,୨୯।୦୧ (ନି.ପ୍ର) : ମୃତ୍ୟୁ ବି ଏପରି ଆସେ । ଯାହା ସମଗ୍ର ନୀଳଗିରିକୁ ସ୍ତବଧ କରି ପକାଇଛି । ଜେଜେବାପାଙ୍କ ଦଶାହ ଦିନରେ ନାତି ପୋଖରୀ ଘାଟରେ କ୍ଷେର ହେବା ପରେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ ଗୋଡ ଖସିଯାଇ ଗଭୀର ଜଳରେ ବୁଡିଯାଇଥିଲେ। ପୋଖରୀରେ ବୁଡ଼ି ସବୁଦିନ ପାଇଁ ଦୁନିଆଁ ଛାଡ଼ି ଆରପାରିକୁ ଚାଲି ଯାଇଥିଲା। ଏପରି ଏକ ଅଘଟଣ ନୀଳଗିରି ଥାନା ଅଧୀନସ୍ଥ ବାଲିଗୋହିରୀ ଗ୍ରାମରେ ଦେଖିବାକୁ ମିଳିଛି । ଉକ୍ତ ଗ୍ରାମର ସୁରେଷ ମହାପାତ୍ରଙ୍କ ମୃତ୍ୟୁ ହୋଇଥିଲ। ଶୁକ୍ରବାର ଦିନ ଦଶାହ ଘାଟରେ ନୀଳଗିରି ବଜାରରେ ଥିବା ମୁନା ଇଲେକ୍ଟ୍ରିକାଲରର ପ୍ରପାଇଟର ସଂଜୀବ ମହାପାତ୍ର ସପରିବାର ତାଙ୍କ ଘରକୁ ଯାଇଥିଲେ। ଦଶାହ ଘାଟରେ ସଂଜିବଙ୍କ ବଡ଼ ପୁଅ ଓମ୍‌କାର ମହାପାତ୍ର(୨୨) କ୍ଷେର ହେଲା ପରେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲା, ସେ ପହଁରା ଜାଣି ନ ଥିବାରୁ ଜଳରେ ବୁଡ଼ି ଯାଇଥିଲା । ପୋଖରୀ ଆଡ଼ିରେ ଥିବା ବନ୍ଧୁବର୍ଗମାନେ ସଂଗେ ସଂଗେ ପୋଖରୀ ମଧ୍ୟକୁ ଯାଇ ଉଦ୍ଧାର କରି ନୀଳଗିରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଓମ୍‌କାର ମହାପାତ୍ର ତିରୁପତି ସ୍ଥିତ ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ ସାଇନ୍ସ ଏଜୁକେସନ ଏଣ୍ଡ ରିର୍ସଚରେ ଶେଷ ବର୍ଷ ଛାତ୍ର ଥିଲେ । ତାଙ୍କର ମୃତ୍ୟୁରେ ବନ୍ଧୁବର୍ଗ, ପରିବାର ବର୍ଗଙ୍କୁ ଗଭୀର ଆଘାତ ଦେଇଥିବା ବେଳେ ସ୍ଥାନୀୟ ଅଂଚଳରେ ଶୋକର ବାତାବରଣ ଖେଳିଯାଇଛି।

# ଜିଏସଟି ସରଳୀକରଣ ଦାବିରେ ଟାକ୍ସବାର ଆସୋସିଏସନର ବିକ୍ଷୋଭ




ବାଲେଶ୍ୱର,୨୯।୦୧ (ନି.ପ୍ର): ଜିଏସଟି ନିୟମରେ ଥିବା ଅସଙ୍ଗତି ଦୂର ଦାବିରେ ଜାରି ରହିଥିବା ସର୍ବଭାରତୀୟ ଟାକ୍ସ ପ୍ରାକ୍ଟିସନର୍ସ ଧର୍ମଘଟରେ ସାମିଲ ହୋଇଛି ବାଲେଶ୍ୱର ଟାକ୍ସବାର ଆସୋସିଏସନ।ଏହି ପରିପ୍ରେକ୍ଷୀରେ ଟାକ୍ସ ବାର ଆସୋସିଏସନ ପକ୍ଷରୁ ବହୁ ଟାକ୍ସ ଆଇନଜୀବୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ଏବଂ ପରାମର୍ଶଦାତାମାନେ ବାଲେଶ୍ୱର ବାଣିଜ୍ୟ କର ଓ ଜିଏସଟି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଦିନ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେବଳ ବଡ଼ବଡ଼ ବ୍ୟବସାୟିକ ପ୍ରତିଷ୍ଠାନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜିଏସଟି ନିୟମକୁ ବାରମ୍ବାର ପରିବର୍ତ୍ତନ କରିବା ଫଳରେ ସାଧାରଣ ଲୋକେ ଅଧିକ ହନ୍ତସନ୍ତ ହେଉଥିବା ଟାକ୍ସ ବାର ଆସୋସିଏସନର ସଦସ୍ୟମାନେ ଆରୋପ କରିଥିଲେ । କେନ୍ଦ୍ର ସରକାର ଜିଏସଟି ଆଇନ ପ୍ରଣୟନ କରିବା ଦିନଠାରୁ ସେଥିରେ ଥିବା ନିୟମ ବାରମ୍ବାର ପରିବର୍ତ୍ତନ ଛୋଟ ଓ ମଧ୍ୟମ ବ୍ୟବସାୟୀ ଏବଂ ଟାକ୍ସ ପ୍ରାକ୍ଟିସନର୍ସମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେମାନେ କହିଥିଲେ । ଅସ୍ଥିର ନିୟମଚକ୍ରରେ ଜିଏସଟି ଫସି ରହିଥିବା ବେଳେ ଇନପୁଟ ଟ୍ୟାକ୍ସ କ୍ରେଡିଟ ନହେବା, ଜିଏସଟି ରିଟର୍ଣ୍ଣ ପରିବର୍ତ୍ତନ ପାଇଁ ଅନୁମତି ନ ମିଳିବା, ଛୋଟ ଛୋଟ ଭୁଲ ପାଇଁ ବ୍ୟବସାୟୀଙ୍କ ପଞ୍ଜୀକରଣ ରଦ୍ଦ ନିମନ୍ତେ ଅଧିକାରୀମାନଙ୍କୁ ଅତ୍ୟଧିକ କ୍ଷମତା ପ୍ରଦାନ ପ୍ରଭୃତି କରଦାତାଙ୍କୁ ସମସ୍ୟା ବଳୟକୁ ନେଇଯାଉଛି ବୋଲି ଆସୋସିଏସନର କର୍ମକର୍ତ୍ତାମାନେ ଅଭିଯୋଗ ଉଠାଇଛନ୍ତି । ବ୍ୟବସାୟୀ ସଂଘ ଓ ଟାକ୍ସ ପ୍ରାକ୍ଟିସନର୍ସ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦାବି ଉପସ୍ଥାପନ ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ। ଜିଏସଟି ରିଟର୍ଣ୍ଣ ଦାଖଲ ସମୟରେ ପୋର୍ଟାଲ ସର୍ଭିସ ଲିଙ୍କ ଫେଲ ରହୁଥିଲେ ବି କୌଣସି ଅବଧି ଦିଆନଯାଇ ବିଳମ୍ବିତ ରିଟର୍ଣ୍ଣ ପାଇଁ ପେନାଲଟି ଲାଗୁ ଅସହ୍ୟ ହୋଇଛି ବୋଲି ସେମାନେ କହିଛନ୍ତି। କୌଣସି ପ୍ରକାର ନୋଟିସ ଟାକ୍ସ ପେୟରଙ୍କୁ ବ୍ୟକ୍ତିଗତ ବା ଡାକ ପରିବର୍ତ୍ତେ ଇ-ମେଲରେ ଦିଆଯିବାକୁ ଆସୋସିଏସନର କର୍ମକର୍ତ୍ତାମାନେ ବିରୋଧ କରିଛନ୍ତି । ପ୍ରତ୍ୟେକ ନୋଟିସକୁ ଏଡି ସଂଯୁକ୍ତ ଡାକ ମାଧ୍ୟମରେ ପ୍ରେରଣ ସହ ଶୁଣାଣି ପାଇଁ ପର୍ଯ୍ୟାପ୍ତ ସମୟ ଦେବା, ଜିଏସଟି ଓ ଆୟକର ଅନ୍ତର୍ଭୁକ୍ତ ଅଡିଟ ପାଇଁ ଅଧିକ ସମୟ ପ୍ରଦାନ କରିବା, ଜିଏସଟି ନିୟମ ପରିବର୍ତ୍ତନ ବାବଦରେ କରଦାତାଙ୍କୁ ସଚେତନ କରାଇବା, ଜିଏସଟି ପୋର୍ଟାଲ ଫେଲ ହେଲେ ଅଧିକ ସମୟସୀମା ପ୍ରଦାନ କରିବା, ଜିଏସଟି ନିୟମ ପରିବର୍ତ୍ତନ ପୂର୍ବରୁ ଟାକ୍ସ ପେୟରଙ୍କ ସଚେନତନତା ପାଇଁ ଅଧିକ ସମୟସୀମା ପ୍ରଦାନ ପ୍ରଭୃତି ସମ୍ପର୍କରେ ଆସୋସିଏସନ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା । ସ୍ୱୟଂ କମ୍ପ୍ୟୁଟରରେ ଆକାଉଣ୍ଟ ଅପଡେଟ୍ ରଖିବା ପାଇଁ ସକ୍ଷମ ନଥିବା ତଥା ଟାକ୍ସ ପ୍ରାକ୍ଟିସନର୍ସମାନଙ୍କ ଉପରେ ନିର୍ଭରଶୀଳ ଛୋଟବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟି ରଖି ସରକାର ଉଚିତ ପଦକ୍ଷେପ ନେବା ପାଇଁ କର୍ମକର୍ତ୍ତାମାନେ ଦାବି କରିଥିଲେ । ଏହି ଅବସରରେ ସେମାନେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଏସଟି ଆଡିସନାଲ କମିଶନରଙ୍କୁ ପ୍ରଦାନ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ଆସୋସିଏସନର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦିଲ୍ଲୀ ସିଂଘୁ ସୀମାରେ ....

ଅନ୍ୟ ପାଶ୍ୱର୍ରେ ସୁରକ୍ଷାର ମୋର୍ଚ୍ଚା ସମ୍ଭାଳୁଥିଲେ ପୋଲିସ । ଏହି ସମୟରେ ଅଚାନକ ପୋଲିସ ଫୋର୍ସ ମୁତୟନ ଥିବା ଅଂଚଳକୁ କିଛି ଲୋକ ଚାଲି ଆସିଥିଲେ । ସେମାନେ ନିକଟବର୍ତ୍ତି ଗାଁ ବେବାନା ଓ ନରେଲା ଗ୍ରାମବାସୀ ବୋଲି କହି କୃଷକ ଆନ୍ଦୋଳନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କୃଷକ ଆନ୍ଦୋଳନକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ସେମାନଙ୍କୁ ୨ କିଲୋମିଟର ପୂର୍ବରୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା, ହେଲେ ସେମାନେ ଆଗକୁ ଆଗକୁ ମାଡି ଚାଲିଥିଲେ । ଦେଖୁ ଦେଖୁ ବିକ୍ଷୋଭ ପ୍ରଦର୍ଶନକାରୀମାନେ କୃଷକ ଆନ୍ଦୋଳନ ବିରୋଧରେ ନାରାବାଜି କରି କୃଷକ ଆନ୍ଦୋଳନସ୍ଥଳର ପାଖାପାଖି ପହଁଚି ଯାଇଥିଲେ । ଏହା ଦେଖି ଦୀର୍ଘ ୨ ମାସ ହେବ ସୀମାରେ ବସିଥିବା ଚାଷୀମାନେ ତାତି ଉଠିଥିଲେ । ବିକ୍ଷୋଭ କରୁଥିବା ଲୋକଙ୍କୁ ଜବାବ ଦେବାକୁ ଆନ୍ଦୋଳନସ୍ଥଳରୁ ଉଠି ଧାଡି ବାନ୍ଧି ଛିଡା ହୋଇଯାଇଥିଲେ । ଆଉ ସ୍ଥାନୀୟ ଲୋକମାନେ ଯେମିତି ଚାଷୀଙ୍କ ପାଖରେ ପହଁଚିଯାଇଥିଲେ ମୁହାଁମୁହିଁ ହୋଇଥିଲେ ଉଭୟ ପକ୍ଷ । ଦେଖୁ ଦେଖୁ ରଣକ୍ଷେତ୍ରରେ ପରିଣତ ହୋଇଥିଲା ସିଂଘୁ ସୀମା । ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ସ୍ଥାନୀୟ ବିକ୍ଷୋଭକାରୀମାନେ ଆନ୍ଦୋଳନକାରୀ କୃଷକଙ୍କ ଉପରେ ଆକ୍ରମଣ କରିଥିଲେ । ସେମାନେ ଆଣିଥିବା ଲାଠି ଓ ଦଣ୍ଡାରେ ମନଇଚ୍ଛା ପିଟି ଚାଲିଥିଲେ । ଆକ୍ରମଣ ହେବା ପରେ କୃଷକମାନେ ବି ଛାଡି ନଥିଲେ । ସ୍ଥାନୀୟ ଲୋକଙ୍କୁ ପ୍ରତିଆକ୍ରମଣ କରିଥିଲେ କୃଷକ । ତାପରେ ଉଭୟ ପକ୍ଷ ପରସ୍ପର ଉପରକୁ ପଥରମାଡ କରିଥିଲେ । ଏହି ପଥର ମାଡରେ ଉଭୟ ପକ୍ଷରୁ କେତେଜଣ ଆହତ ହେବା ସହ ନିୟୋଜିତ ଥିବା ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ କୃଷକଙ୍କ ମଧ୍ୟରେ ଧିରେ ଧିରେ ପରିସ୍ଥିତି ଅଣାୟତ ଆଡକୁ ଗତି କରୁଥିବାବେଳେ ନିୟନ୍ତ୍ରଣ କରିବା ପାଇଁ ଲୁହବୁହା ଗ୍ୟାସ ମାଡ କରିବା ସହ ଲାଠିଚାର୍ଜ କରିଥିଲା ପୋଲିସ । ଟିଭି ସ୍କ୍ରିନରେ ଥିବା ଏହି ଦୃଶ୍ୟକୁ ଦେଖନ୍ତୁ, ଆନ୍ଦୋଳନକାରୀଙ୍କୁ କିଭଳି ଗୋଡାଇ ଗୋଡାଇ ପିଟୁଛନ୍ତି ପୋଲିସ କର୍ମୀ । ଜଣେ ଆନ୍ଦୋଳନକାରୀ ତଳେ ପଡିଯାଇଥିବାବେଳେ ପ୍ରାୟ ୧୦ ରୁ ୨୦ ଜଣ ସୁରକ୍ଷା କର୍ମୀ ପିଟି ଚାଲିଛନ୍ତି । ପୋଲିସର ଏଭଳି ମାଡରେ ଆନ୍ଦୋଳନକାରୀମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ସ୍ଥାନୀୟ ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ କୃଷକମାନେ ପ୍ରଥମେ ଆକ୍ରମଣ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

## ଡ. ରଜନୀରଞ୍ଜନଙ୍କ ...

ଏହି ଆସରରେ ଆଲୋଚନାର ବିଷୟ ଥିଲା କୋଣାର୍କର ଅଜଣା ଇତିହାସ। ଓଡ଼ିଶାର କୋଣ ଅନୁକୋଣରୁ ବହୁତ ମାନ୍ୟଗଣ୍ୟ କବି ଯୋଗ ଦେଇଥିଲେ। ଏହି ଆସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଡ. ଫନୀ ମହାନ୍ତି, ଡ. ରଜନୀ ରଞ୍ଜନ , ଅଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାରଣା, ଶରତ କୁମାର ଦାଶ, ଡ. ଅବଦୁଲ ଓସିଦ୍ ଖାନ୍, ବିପିନ ମହାନ୍ତି, ଆଦିକନ୍ଦ ସାହୁ, ମନୋଜ ତ୍ରିପାଠୀ, ସର୍ବେଶ୍ୱର ଶତପଥୀ, ବୈଜୟନ୍ତି ସାହୁ, ହିରଣ୍ମୟୀ ମିଶ୍ର , ପ୍ରଦୀପ ବିଶ୍ୱାଳ, ଯଶୋଧାରା ଦାସ, ଇଂ. ସରୋଜ ସାହୁ , ବାଲିପାଟଣା ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ଅଭିମନ୍ୟୁ ନାୟକ, ସମୟର ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ସହସଂପାଦକ ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଆଉ ୯ ଅଧିକାରୀଙ୍କୁ ....

ଆବଶ୍ୟକ ସୌଜନ୍ୟ ମଧ୍ୟ ସେ ରକ୍ଷା କରୁ ନଥିଲେ। ଖଣି ଅଧିକାରୀ ଗ୍ରୁପ-କ ପାହ୍ୟାର ଅଧିକାରୀ ରମେଶ ଚନ୍ଦ୍ର ମହାଲିକଙ୍କ ବିରୁଦ୍ଧରେ ୪ଟି ଭିଜିଲାନ୍ସ କେସ୍ ଥିବାବେଳେ ତାଙ୍କର ସାଧୁତା ମଧ୍ୟ ସନ୍ଦେହଜନକ ଥିଲା। ଜଣେ ସରକାରୀ ଅଧିକାରୀ ଭାବରେ ଆବଶ୍ୟକ ଆନ୍ତରିକତା ଓ ସୌଜନ୍ୟର ଅଭାବ ତାଙ୍କ ଠାରେ ଥିଲା । ସେହିପରି ବଲାଙ୍ଗୀର ମୁରିବାହାଲ ଫରେଷ୍ଟ ରେଞ୍ଜ ଅଫିସର ପ୍ରଶାନ୍ତ କୁମାର ନାୟକ ୧ କୋଟି ୪୦ ଲକ୍ଷ ଟଙ୍କାର ଆୟବହିର୍ଭୁତ ସଂପତି ସହିତ ବଲାଙ୍ଗୀର ଜିଲ୍ଲାରେ ତାଙ୍କର ୧୦ଟି ପ୍ଲଟ ଓ ୨ଟି କୋଠା ମଧ୍ୟ ଠାବ କରାଯାଇଥିଲା । ସେଥିପାଇଁ ତାଙ୍କ ନାମରେ ଭିଜିଲାନ୍ସ ମାମଲା ରହିଛି। ସୁନ୍ଦରଗଡ ଜିଲ୍ଲା ସାଧାରଣ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଂଟ ଇଂଜିନିୟର ନାରାୟଣ ପ୍ରଧାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା ରହିଛି। ତାଙ୍କର ଆୟ ବହିର୍ଭୂତ ୨ କୋଟି ୨୦ ଲକ୍ଷ ଟଙ୍କାର ସଂପତି ସହିତ ଦେଓଗଡ ଜିଲ୍ଲାରେ ୪ଟି କୋଠା, ସମ୍ବଲପୁର, ଦେଓଗଡ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାରେ ୩୧ଟି ଜମି ମଧ୍ୟ ରହିଛି। ଜଙ୍ଗଲ ବିଭାଗର ସହକାରୀ ବନ ସଂରକ୍ଷକ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ବିରୁଦ୍ଧରେ ୨ଟି ଭିଜିଲାନ୍ସ କେସ ରହିଛି। ଜଙ୍ଗଲ ବିଭାଗର ରେଞ୍ଜ ଅଫିସର ଭରତ କୁମାର ଘଡେଇଙ୍କ ବିରୁଦ୍ଧରେ ୩ଟି ଭିଜିଲାନ୍ସ କେସ୍ ରହିଛି। ରାୟଗଡା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭୋଇଙ୍କ ବିରୁଦ୍ଧରେ ଗୋଟିଏ ଭିଜିଲାନ୍ସ କେସ ରହିଛି। ଏମାନଙ୍କୁ ସମସ୍ତଙ୍କୁ ଦୁର୍ନୀତି ଅଭିଯୋଗରେ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅପରପକ୍ଷରେ ଭୁବନେଶ୍ୱରର ଯୁଗ୍ମ ଶ୍ରମ କମିଶନର ଶରତ କୁମାର ଚୌଧୁରୀ ଏବଂ ଗଜପତି ଜିଲ୍ଲାର ଡିଭିଜିନାଲ ଶ୍ରମ କମିଶନର ଶ୍ରୀମତୀ ନମିତା ଦାସଙ୍କୁ ଅପାରଗତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଉପରୋକ୍ତ ୯ ଜଣ ଅଧିକାରୀଙ୍କ ସମେତ ଏପର୍ଯ୍ୟନ୍ତ ୧୧୩ଜଣଙ୍କୁ ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି।

## ମୃତ୍ୟୁ ପୂର୍ବ ରାତିରେ ....

ଏହାର ମାଲିକ ଜଣେ ଏନଆରଆଇ ବୋଲି ଜଣାପଡ଼ିଛି। ଗେଷ୍ଟ ହାଉସ୍‌ରୁ ଗତ ୨୭ ତାରିଖ ସକାଳ ସମୟ ୭ଟା ୨୧ ମିନିଟରେ ସ୍କୁଟରରେ ୩ ଜଣ ଯାଉଥିବା ନିକଟରେ ଥିବା ଏକ ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ତେବେ ଗେଷ୍ଟ ହାଉସରୁ ବାହାରିବା ବେଳକୁ ଝରାଫୁଲଙ୍କ ମୃତ୍ୟ ହୋଇ ସାରିଥିଲା ନା ନାହିଁ ସେ ସମ୍ପର୍କରେ ସଠିକ୍ ତଥ୍ୟ ମିଳିପାରି ନାହିଁ। ଯାଜପୁର ପୁଲିସ୍ ସିସିଟିଭି ଜବତ କରିଛି। ଝିଅର ମୃତ୍ୟୁ ପାଇଁ ତା'ର ବୟଫ୍ରେଣ୍ଡ ରାକେଶ ସ୍ୱାଇଁଙ୍କୁ ଝରାଫୁଲଙ୍କ ବାପା ଦାୟୀ କରିଥିବା ବେଳେ ଗତକାଲି ଭୁବନେଶ୍ୱର ଏୟାରଫିଲ୍ଡ ଥାନାରେ ଆତ୍ମସମର୍ପଣ କରିଥିଲା ରାକେଶ। ଏହାପରେ ଭୁବନେଶ୍ୱର ପୁଲିସ୍ ତାକୁ ଯାଜପୁର ପୁଲିସ୍‌କୁ ହସ୍ତାନ୍ତର କରିଛି। ସିସିଟିଭିରେ କଏଦ ହୋଇଥିବା ଫୁଟେଜରେ ସ୍କୁଟର ଆରୋହୀ ଜଣକ ରାକେଶ ବୋଲି ପୂର୍ବରୁ ପୁଲିସ୍ ସୂଚନା ଦେଇଥିବା ବେଳେ ଅନ୍ୟ ଜଣେ ଯୁବକଙ୍କ ପତ୍ତା ମିଳିପାରି ନାହିଁ। ଝରାଫୁଲକୁ ସେ ଭଲ ପାଉଥିବାରୁ ତାଙ୍କୁ ସେ ହତ୍ୟା କରି ନ ଥିବା ରାକେଶ ନିଜ ସଫେଇରେ କହୁଥିବା ବେଳେ ଫୁଡ ପଏଜନିଂ ଯୋଗୁ ମୃତ୍ୟୁ ହୋଇଥିବା କହୁଛି। ହେଲେ ଫୁଡ ପଏଜନିଂ ହୋଇଥିଲେ ତାଙ୍କୁ ହସ୍ପିଟାଲକୁ ନ ନେଇ କୁଆଡ଼େ ନେଉଥିଲେ, ଏ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ କ'ଣ ପାଇଁ ଜଣାଇଲେ ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ଅପରପକ୍ଷେ ଝରାଫୁଲଙ୍କ ମୃତ୍ୟୁ କିପରି ହେଲା, ରାକେଶ ନିଜ ବନ୍ଧୁଙ୍କ ସହ ମୃତଦେହକୁ ୨ଟି ଜିଲ୍ଲା ଅତିକ୍ରମ କରି ଯାଜପୁରରେ କ'ଣ ପାଇଁ ଫୋପାଡିଲେ ତାହା ଜଣାପଡ଼ିନି। ବ୍ୟବଚ୍ଛେଦ ରିପୋର୍ଟରୁ ସବୁ ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ରାକେଶଙ୍କ ମୋବାଇଲ ଯାଞ୍ଚରୁ ସେ କାହା କାହା ସହ କଥା ହୋଇଛନ୍ତି ତାହା ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

## ସଂସଦର ମୂଲ୍ୟବାନ....

ଆକାଂକ୍ଷାକୁ ନେଇ ଦେଶର ଜନସାଧାରଣ ଆମମାନଙ୍କୁ ଏଠାକୁ ପଠାଇଛନ୍ତି ସେମାନଙ୍କର ସେହି ପ୍ରତ୍ୟାଶାକୁ ପୂରଣ କରିବା ଦିଗରେ ଆମେ କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ତେଣୁ ସଂସଦର ମୂଲ୍ୟବାନ ସମୟର ସୁବିନିଯୋଗ କରିବା ନିମନ୍ତେ ଆମେ ପ୍ରୟାସୀ ହେବା ଉଚିତ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଗରିମାକୁ ଅନୁପାଳନ କରିବା ଆବଶ୍ୟକ । ସଂସଦର ସମସ୍ତ ସାଂସଦଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି ଯେଉଁମାନେ କି ଏହି ଅଧିବେଶନକୁ ଅତ୍ୟନ୍ତ ଉପାଦେୟ କରିପାରିବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି ।

## ସିଆରପିଏଫ କ୍ୟାମ୍ପରେ...

ଏଥିରେ ଉତକ୍ଷିପ୍ତ ହୋଇ ଗିରିଶ କୁମାର ପ୍ରଥମେ ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି ଚାଳନା କରିଥିଲେ । ଏଥିରେ ଦୁଇ ଜଣ ଯବାନଙ୍କ ଶରୀରରେ ଗୁଳି ବାଜିବାରେ ସେମାନେ ଗୁରୁତର ହୋଇପଡିଥିଲେ । ଉଭୟଙ୍କ ମଧ୍ୟରୁ ଜଣକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏହାପରେ ଗିରିଶ ନିଜକୁ ଗୁଳି କରିଥିଲେ । ଖବର ପାଇ ଜଗଦଳପୁର ଏସପି ଦୀପକ ଝା ଘଟଣାସ୍ଥଳରେ ପହଂଚି ଉତ୍ୟେକ୍ତ ଯବାନଙ୍କୁ ବୁଝାସୁଝା କରିବା ପରେ ମୃତାହତଙ୍କୁ ମେଡିକାଲ ପଠାଇଥିଲେ । କେଉଁ ପରିସ୍ଥିତିରେ ଯବାନ ଜଣକ ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇଲେ ସେନେଇ ତଦନ୍ତ ଜାରୀ ରହିଛି । ତଦନ୍ତ ପରେ ଏନେଇ ଅଧିକ ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି ।

# ସି.ଏସ.ସି.ର ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠିତ



ଖଇରା,୨୯।୦୧ (ନି.ପ୍ର) : ଖଇରା ପଂଚାୟତ ଆଳଦା ସ୍ଥିତ ସିଏସ.ସି ଏକାଡେମି ଏକ୍ସଲ୍ୟାଣ୍ଟଣ୍ଟକମ୍ପୁଟର ଏଜୁକେସନ୍ ସେଣ୍ଟର ପରିସରରେ ସି.ଏସ.ସି ର ପ୍ରଶିକ୍ଷଣ ସିବିର ଅନୁଷ୍ଠିତ ହୋଇଯାଇଛି । ସି.ଏସ.ସି ଏକାଡେମି ର ପରିଚାଳକ ଧନଞ୍ଜୟ ପଣ୍ଡା ମଂଚ ଆହ୍ୱାନ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜେନ୍ଦ୍ର କୁମାର ପାଠୀ । ସି.ଏସ.ସର ଜିଲ୍ଲା ମୁଖ୍ୟ ପରିଚାଳକ ଅରୁପ କୁମାର ମାହାପାତ୍ର ଉପସ୍ଥିତ ରହି ସରକାରଙ୍କର ଡିଜିଟାଲ ଇଣ୍ଡିଆର ନୂଆ ଯୋଜନା ଉପରେ ଭିଏଲି ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବ୍ଲକର ୩୭ ଗୋଟି ପଂଚାୟତର ଭିଏଲଇ ମାନେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧରେ ପ୍ରତାପ କୁମାର ସେଣ୍ଠ , ବିଶ୍ୱରଞ୍ଜନ ମହାପାତ୍ର , ଏଲିନା ନାୟକ, ସଦାଶିବ ମହାରଣା , ବିଜୟ କୁମାର ପାଢି , ସୁନିଲ୍ କୁମାର ପାତ୍ର , ଦୁର୍ଗାମାଧବ ଓଝା , ମନୋରଞ୍ଜନ ଆଚାର୍ଯ୍ୟ, ଅଭୟ କୁମାର ପଣ୍ଡା , ଲିଟୁ ସାମଲ , କା ର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଲମ୍ବୋଦର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା-ପଶ୍ଚିମବଂଗ ସୀମା ବିବାଦ ଘଟଣାରେ ସାଟେଲାଇଟ୍ ସର୍ଭେ ଆରମ୍ଭ

ଜଳେଶ୍ୱର, ୨୯/୧ (ନି.ପ୍ର) : ୯୦ବର୍ଷରୁ ଉର୍ଦ୍ଧ୍ୱ ଧରି ସୁବର୍ଣ୍ଣରେଖା ନଦୀରେ ଓଡିଶା-ପଶ୍ଚିମବଂଗ ସୀମା ବିବାଦ ଲାଗି ରହିଥିବା ବେଳେ ପଶ୍ଚିମବଂଗର ବାଲିମାଫିଆମାନେ ଓଡିଶା ସୀମାରୁ କୋଟି କୋଟି ଟଙ୍କାର ବାଲି ଚୋରାଚାଲାଣ କରି ମାଲେମାଲ ହେଉଛନ୍ତି । ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ନଦୀକୂଳ ଗ୍ରାମ ବିଳାସବୁର, ଗୋପାଳପୁର, କୁଆଁରପୁର, ମାକିଡିଆ, ତୋଟାପଡା, ବେହେରା ସାହି, ପ୍ରହରାଜପୁର, ଦକ୍ଷିଣ ପ୍ରହରାଜପୁର ଓ ମକ୍ରମପୁର ପ୍ରଭୃତି ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି । ଏ ସଂପର୍କରେ ଏନ୍‌ଜିଟିରେ ମୋକର୍ଦ୍ଦମା ଚାଲୁ ରହିଥିଲା ବେଳେ ଉଭୟ ରାଜ୍ୟକୁ କୋର୍ଟ ତାଗିଦ୍ କରିବା ସହ ଏହାର ସୀମା ନିର୍ଦ୍ଧାରଣ ଲାଗି ପରାମର୍ଶ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶରେ ଏହି ସମସ୍ତ ଗ୍ରାମର ସୀମାରେ ଜଳେଶ୍ୱର ତହସିଲ ପକ୍ଷରୁ ମାପଚୁପ କରାଯାଇ ୩୬ଟି ପଏଣ୍ଟ ନିର୍ଦ୍ଧାରଣ କରିଥିବା ବେଳେ ରାଜ୍ୟସରକାରଙ୍କ ନିର୍ଦ୍ଦେଶରେ ଏ ଗୁଡିକର ସେଟେଲାଇଟ୍ ପଏଣ୍ଟ ନିର୍ଦ୍ଧାରଣ ଲାଗି ଆସ୍କାର ସାଟେଲାଇଟ୍ ପକ୍ଷରୁ ୧୦ଜଣିଆ ବୈଜ୍ଞାନୀକ ଦଳ ଏଠାରେ ପହଞ୍ଚି ଏ ଗୁଡିକର ଡିଜିପି ଓ ଇଟିଏସ୍ ହାଇଟେକ୍ ସାଟେଲାଇଟ୍ ସର୍ଭେ କରିଛନ୍ତି । ଭବିଷ୍ୟତରେ ନଦୀ ମଧ୍ୟରେ ଏହି ପଏଣ୍ଟ ଗୁଡିକ ନଷ୍ଟ ହୋଇଗଲେ ମଧ୍ୟ ତାହା ପୁଣିଥରେ ପୁନଃ ଅବସ୍ଥାପନା କରାଯାଇପାରିବ ବୋଲି ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା କହିଛନ୍ତି । ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ କାର୍ଯ୍ୟ ଚାଲିବାକୁ ଥିବା ବେଳେ ଆଜି ଶୁକ୍ରବାର ସୁଦ୍ଧା ୨୦ଟି ବୋଲି ଜଣାଯାଇଛି । ଏହି କାର୍ଯ୍ୟରେ ଜଳେଶ୍ୱର ତହସିଲର ଆରଆଇ ଦିଲ୍ଲୀପ କୁମାର ଚନ୍ଦ, ମାନସ କୁମାର ବେହେରା, ସୃଷ୍ଟିଧର ପଟ୍ଟାୟତ, ସଂଜୟ ପଣ୍ଡା, ଇନସ୍‌ପେକ୍ଟର ପ୍ରତାପ ଭଂଜ, ଗୌରାଙ୍ଗ ଜେନା, ଅମୀନ ସୁବଳ ପରିଡା ଓ ବିବେକ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଉତ୍ତର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୩ ସଂଗଠନଙ୍କ ମିଳିତ ଅଭିଯାନ ଆରମ୍ଭ




ବାଲେଶ୍ୱର,୨୯।୦୧ (ନି.ପ୍ର): ପ୍ରାକୃତିକ ଶୋଭାଭରା ଉତ୍ତର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ଏକାଠି ଅଭିଯାନ ଆରମ୍ଭ କରିଛି ବାଲେଶ୍ୱର ସମେତ ମୟୂରଭଂଜ ଓ କେନ୍ଦୁଝର ଜିଲ୍ଲାର ୩ ସ୍ୱେଚ୍ଛାସେବୀ ସଂଗଠନ। 'ଭଏସ ଅଫ୍ ବାଲେଶ୍ୱର', 'ଭଞ୍ଜସେନା' ଓ 'କେନ୍ଦୁଝର ଡେଭେଲୋପମେଣ୍ଟ କାଉନସିଲ'ର ମିଳିତ ଉଦ୍ୟମରେ ତିନି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ର ବିକାଶ ସାଙ୍ଗକୁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏସିଆ ମହାଦେଶର ଅନନ୍ୟ ବେଳାଭୂମି ସାଙ୍ଗକୁ ପ୍ରଖ୍ୟାତ ଦେବାଦେବୀ ମନ୍ଦିର ଓ ଛୋଟବଡ଼ ପାହାଡ଼ ଘେରା ବନାନୀ ବାଲେଶ୍ୱର ଜିଲ୍ଲାକୁ ଜାତୀୟ ସ୍ତରରେ ପରିଚିତ ଦେଇଛି। ସେହିଭଳି ପ୍ରକୃତିକ ଶୋଭାଭରା ମୟୂରଭଂଜ ଓ କେନ୍ଦୁଝର ଜିଲ୍ଲାର ଅସୁମାରୀ ପର୍ଯ୍ୟଟନ କ୍ଷେତ୍ର ବର୍ଷସାରା ପର୍ଯ୍ୟଟକଙ୍କୁ ଆକର୍ଷଣ କରି ଚାଲିଛି। ସାନଘାଘରା ହେଉ କି ଶିମିଳିପାଳ ବିସ୍ତିର୍ଣ୍ଣ ଅଭୟାରଣ୍ୟ, ସବୁଠି ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ ବୋଲି ୩ ସଂଗଠନର କର୍ମକର୍ତ୍ତାମାନେ କହିଥିଲେ। ମାତ୍ର ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ଉତ୍ତମ ବ୍ୟବସ୍ଥା ନଥିବା ଯୋଗୁଁ ଏବେ ତିନି ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରୁ ଲୋକେ ମୁହଁ ଫେରାଉଛନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନେଇ ବିଶ୍ୱର ବହୁଦେଶ ଧନୀ ଶ୍ରେଣୀରେ ଗଣା ହେଉଥିବା ବେଳେ ଓଡ଼ିଶାରେ ରାଜ୍ୟ ସରକାରଙ୍କ ଅଦୂରଦର୍ଶୀ ନିଷ୍ପତି ବେକାରୀ ସମସ୍ୟା ବୃଦ୍ଧିର କାରଣ ହୋଇଛି। ନାମକୁ ମାତ୍ର ଶିଳ୍ପାୟନରେ ଚାଲିଥିବା ୩ ଜିଲ୍ଲାରେ ବେକାରୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ି ସଙ୍ଗେ ଯୁବକ ଯୁବତୀମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ସ୍ଥିତିରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହିଁ ସମସ୍ୟା ସମାଧାନରେ କିଛିମାତ୍ରାରେ ସହାୟକ ହେବ ବୋଲି ତିନି ସଂଗଠନର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି। ଏଥି ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବୃହତ ଏୟାରୋଡ୍ରମ ଭାବେ ପରିଚୟ ପାଇଥିବା ରାସଗୋବିନ୍ଦପୁରର ଏୟାରଷ୍ଟ୍ରିପ ଏବେ ଜରାଜୀର୍ଣ୍ଣ ହୋଇ ପଡ଼ିଥିଲେ ବି ଏଥି ପ୍ରତି ସରକାରଙ୍କର ଟିକିଏ ହେଲେ ନଜର ନାହିଁ। ଏହାର ପୁନରୁଦ୍ଧାର ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନ ପାଇଁ ଆଗାମୀ ଦିନରେ ୩ ସଂଗଠନ ପକ୍ଷରୁ ମିଳିତ ଭାବେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବ ବୋଲି କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ଜଳେଶ୍ୱର ମହୋତ୍ସବ ମଂଚରେ କବିତା ପାଠୋତ୍ସବ




ଜଳେଶ୍ୱର, ୨୯/୧ (ନି.ପ୍ର) : କୋଭିଡ୍ କଟକଣା ଯୋଗୁଁ ଜଳେଶ୍ୱର ମହୋତ୍ସବକୁ ସଂକ୍ଷିପ୍ତ କରାଯାଇ ପ୍ରତିକାତ୍ମକ ମହୋତ୍ସବ ଗୋଟିଏ ଦିନଲାଗି ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସକାଳ ଗଣ ଦୌଡ ହୋଇଥିବା ବେଳେ ଅପରାହ୍ନରେ କବି ବାଂଛନିଧି ମହାନ୍ତଙ୍କ ପୌରହିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥିରୂପେ ଅଧ୍ୟାପକ ନିଳକଣ୍ଠ ଖଣ୍ଡା ଯୋଗ ଦେଇ କବି ନିଜର ଭାବନାକୁ କବିତା ମାଧ୍ୟମରେ ଜୀବନ୍ତ କରିଥାଏ ବୋଲି କହିଥିଲେ । ଓଡିଶା-ପଶ୍ଚିମବଂଗ ଉପାନ୍ତରେ ଓଡିଆ ଭାଷାକୁ ବଂଚାଇ ରଖିବା ଲାଗି କବିମାନେ ନିଜର ସୃଜନାତ୍ମକ କଥାବସ୍ତୁକୁ କବିତା ମଧ୍ୟରେ ପ୍ରସ୍ଫୁଟିତ କରି ଲୋକମାନଙ୍କ ହୃଦୟକୁ ଜୟ କରିଥାନ୍ତି । ଏହି କବିତା ପାଠୋତ୍ସବରେ କବି କମଳଲୋଚନ ଜେନା, ତିର୍ଥେସ ଚନ୍ଦ୍ର ରାୟମହାଶୟ, କାର୍ତ୍ତିକ ଚନ୍ଦ୍ର ଦାସ, ବସନ୍ତ ଦାସ, ନରୋର୍ତ୍ତମ ପ୍ରଧାନ, କୁମାର କଳ୍ପତରୁ, କମଳକାମିନୀ ଦେ, ରବିନ୍ଦ୍ର ସେନାପତି, ବାଞ୍ଛାନିଧି ମହାନ୍ତି, ନିନ୍ଦୁମତି ଗିରି, ଅନନ୍ତ ଦା. ଦୁର୍ଗାଶଂଗର ଗିରି, ଘନଶ୍ୟାମ ଗିରି, ଦିଲ୍ଲିପ ଗିରି, ଅମଳେନ୍ଦୁ ରାଉତ, ପ୍ରଦୀପ ଦାସ, ଜଳଧର ଭଂଜ, ସୁଶାନ୍ତ ଦାସ, ଜଗଦୀଶ ମହାନ୍ତି, ଦେବସ୍ମିତା ମହାନ୍ତି, ଡ. ଶ୍ରୀକାନ୍ତ ଜେନା ପ୍ରମୁଖ ବହୁ କବିତାପାଠ କରିଥିବା ବେଳେ ସେମାନଙ୍କ ମଧ୍ୟରୁ କବି କାର୍ତ୍ତିକ ଚନ୍ଦ୍ର ଦାସ, କମଳ ଲୋଚନ ଜେନା ଙ୍କୁ ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୀଳଗିରିରେ ରାଜାରାଣୀ ରାଜ୍ୟାଭିଷେକ ନୀତି ସମ୍ପନ୍ନ

ନୀଳଗିରି,୨୯।୦୧ (ନି.ପ୍ର): ପୌଷ ପୂର୍ଣ୍ଣିମା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ତିନି ଠାକୁରଙ୍କ ପୁଷ୍ୟାଭିଷେକ ନୀତି ସମାପନ ହୋଇଛି। ରୀତିନୀତି ଅନୁଯାୟୀ ହୋମ,ଯଜ୍ଞ କରାଯାଇ ନୀତି ସମ୍ପନ୍ନ କରାଯାଇଛି। ଅପରପକ୍ଷରେ ନୀଳଗିରି ରାଜବାଟୀରେ ରାଜ୍ୟାଭିଷେକ ନୀତି ଧୁମଧାମରେ ପାଳନ କରାଯାଇଛି। ପଂଚ ଦେବତା ଓ ଶସ୍ତ୍ରୀୟ ପୂଜାର୍ଚ୍ଚନା ପରେ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଓ ରାଣୀ ସାହେବା ମନୋଜାମଞ୍ଜରୀ ଦେବୀଙ୍କୁ ଅଭିଷେକ କରାଯାଇଥିଲା। ବ୍ରାହ୍ମଣ ଓ ପଣ୍ଡିତମାନେ ମହାରାଜା ଓ ରାଣୀଙ୍କୁ ଆର୍ଶୀବାଦ କରିଛନ୍ତି। ଶ୍ରୀମନ୍ଦିର ପରମ୍ପରା ଓ ସମସ୍ତ ରୀତି ନୀତି ଅନୁସାରେ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କୁ ଅଭିଷେକ ପରେ ରାଜା ରାଣୀଙ୍କୁ ରାଜ୍ୟାଭିଷେକ କରାଯାଇଛି। ପରେ ସେବାୟତଙ୍କୁ ରାଜା ସାହେବ ସମ୍ବର୍ଦ୍ଧିତ କରିଥିଲେ। ସେବାୟତ ପକ୍ଷରୁ ବ୍ରହ୍ମପୂଣ୍ୟଶୋଲ୍କ ନନ୍ଦ ,ରାଜଗୁରୁ ରବିନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେଷ ଶତପଥି, ସଂଚିତ ଆଚାର୍ଯ୍ୟ, ପ୍ରହରାଜ ହରିନାରାୟଣ ନନ୍ଦ, କାମଦେବ ତ୍ରିପାଠୀ, ମୃତ୍ୟୁଞ୍ଜୟ କର, ବିବେକାନନ୍ଦ କର, ଯୋଗେନ୍ଦ୍ର ନାରାୟଣ ମିଶ୍ର,ବ୍ରହ୍ମାସରୋଜ କୁମାର ନନ୍ଦ, ହରିବନ୍ଧୁ କର, ଦେବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ରାଜ ମହଲ ଚଳଚଂଚଳ ହୋଇ ଉଠିଥିଲା।

# ଅବନୀ କୁମାର ଜେନାଙ୍କୁ ପ୍ରକୃତି ବଂଧୁ ସମ୍ମାନ




ବାଲେଶ୍ୱର,୨୯।୦୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ରଣସାହି ଗ୍ରାମର ସାମାଜିକ କର୍ମୀ ଶ୍ରୀ ଅବନୀ କୁମାର ଜେନାଙ୍କୁ ଚଳିତ ବର୍ଷ ପାଇଁ ରାଜ୍ୟ ପ୍ରକୃତି ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଅଛି । ଏହି ଅବସରରେ ଜିଲ୍ଲା ପରିବେଶ ସମିତି କାର୍ଯ୍ୟାଳୟରେ କୋଭିଡ୍ ନିୟମାବଳୀ ସହ ଏକ ଉତ୍ସବ ଆୟଯୋନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବନ ସଂରକ୍ଷକ ତଥା କାର୍ଯ୍ୟ ଯୋଜନା ଅଧିକାରୀ ଶ୍ରୀ ବିଜୟ କୁମାର ପଣ୍ଡା ବକ୍ତବ୍ୟରେ ବିଶ୍ୱର ସଙ୍କଟମୟ ସମୟରେ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନିବେଦନ କରିବା ସହ ଶ୍ରୀ ଜେନାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧୀତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉମେଶଚନ୍ଦ୍ର ପଣ୍ଡା, ପରମାନନ୍ଦ ଜେନା, କଳ୍ପନା ହୋତା ଓ ଅଜିତ୍ କାଶୀନାଥ ନାୟକ ପ୍ରମୁଖ ପ୍ରକୃତି ବଂଧୁ ପ୍ରକୃତି ମିତ୍ର ଉତ୍ସବ ପ୍ରଦାନରେ ସହଯୋଗ କରିଥିଲେ । ଶ୍ରୀ ଜେନା ବିଗତ ୨୫ ବର୍ଷ ଧରି ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭଳି ବହୁବିଧ କାର୍ଯ୍ୟକ୍ରମ ଚାଲୁରଖିଛନ୍ତି । ସେ ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ରୂପେ ନିୟମିତ ରକ୍ତଦାନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ମହଲରୁ ଶ୍ରୀ ଜେନାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯିବା ସହିତ ଆଗାମୀ ଦିନରେ ଏହି ସୁସ୍ଥ ସବୁଜମୟ ପୃଥିବୀ ଗଠନରେ ନିଜର ପ୍ରଚେଷ୍ଟା ଜାରି ରଖନ୍ତୁ ବୋଲି ଆହ୍ୱାନ ଦେଇଥିଲେ ।

# ବହୁ ଦାବି ପରେ ହାଓଡାରୁ ଭଦ୍ରକ ଗଡିଲା ମେମୋ ଟ୍ରେନ

ଜଳେଶ୍ୱର, ୨୯/୧ (ନି.ପ୍ର): କୋଭିଡ୍ କଟକଣା ଯୋଗୁଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାୟ ୧୦ମାସ ଧରି ଲୋକାଲ ଟ୍ରେନ୍ ଚଳାଚଳ ବନ୍ଦ କରିଥିବା ବେଳେ ଲୋକଙ୍କ ଜୀବନ ଜୀବିକାକୁ ନେଇ ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବା ଲାଗି ବହୁ ଦାବି ହୋଇ ଆସୁଥିଲା । ଶେଷରେ ଆସନ୍ତା ଫେବୃଆରୀ ୧ ତାରିଖରୁ ହାଓଡା-ଭଦ୍ରକ ଲୋକାଲ ଟ୍ରେନ୍ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରୁଟରେ ଚଳାଚଳ କରିବା ବୋଲି କୋଲକତା ଗାର୍ଡେନ୍‌ରିଚ୍ ସ୍ଥିତ ଏସ୍.ଇ. ରେଳ ଡିଭିଜନ ମୁଖ୍ୟ କାର୍ଯ୍ୟାଳୟରୁ ଖଡଗପୁର ଡିଆର୍‌ଏମ୍‌ଙ୍କ ନିକଟକୁ ଚିଠି ନଂ ଟି୯୬/୪୧ ମୂଳେ ନିର୍ଦ୍ଦେଶ ଦିଆଯାଇଛି । ଫେବୃଆରୀ ୧ ତାରିଖ ୩.୨୦ମି. ରେ ବାଘାଜତିନ ମେମୋ ଟ୍ରେନ୍ ହାଓଡାରୁ ଛାଡିବାକୁ ଥିବା ବେଳେ ଫେବୃଆରୀ ୨ ତାରିଖ ସକାଳ ୪.୩୫ ମି. ଭଦ୍ରକରୁ ଛାଡି ପୂର୍ବପରି ଚଳାଚଳ କରିବ । ଏହି ଖବର ପ୍ରଚାରିତ ହେବାପରେ ସାଧାରଣରେ ଆନନ୍ଦ ପାଇଛି ।

# ଟି-ଟେନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ବାଲେଶ୍ୱର,୨୯।୦୧ (ନି.ପ୍ର): ଶୁକ୍ରବାର ସ୍ଥାନୀୟ ଦରଘା ପଡ଼ିଆ ଠାରେ ଦର୍ଘାମଇଦାନ କ୍ରିକେଟ କ୍ଲବ ପକ୍ଷରୁ ଟି-ଟେନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସନ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଆଲୋକ ସାହୁ, ବିଶିଷ୍ଟ ସମାଜସେବୀ ସଲିମ ରାଜା, ପୂର୍ବତନ କାଉନସିଲର ସାକିର ଖାନ୍, ଯୁବନେତା ଭାଗବତ ସାହୁ,ସେଖ୍ ରାଜୁ,ସେଖ୍ ଆୟୁବ୍, ଇନ୍ତେଖାବ୍ ଅଲ୍ଲୀ ଖାଁ, ସେଖ୍ ବାବଲୁ, ସାହିରୁଲ ହକ୍‌ଯୁ,ସେଖ୍ ଲାଲା ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ୧୦ ଅଭର ବିଶିଷ୍ଟ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ ହବିବି କ୍ରିକେଟ ଟିମ୍ ଏବଂ ବିଜ୍ଲି କ୍ଲବ୍ ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୦ ଅଭରରେ ବିଜ୍ଲି କ୍ଲବ୍ ଏକ ୱିକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ୯.୫ ଅଭରରେ ହବିବି କ୍ଲବ୍ ସାତ ୱିକେଟ୍ ବିନିମୟରେ ୧୪୮ରନ୍ ସଂଗ୍ରହ କରି ବିଜୟ ଲାଭ ହୋଇଥିଲା। ସଭାପତି ସେଖ୍ ନିୟାଜୁ , ସମ୍ପାଦକ ସେଖ୍ ଡକ୍ଟର,ସେଖ୍ ବାପୁ ,ସେଖ୍ ହମିଦ, ସେଖ୍ ଇର୍ସାଦ୍, ସେଖ୍ ଜବୁ , ସେଖ୍ ନିଜାମୁଦ୍ଦିନ , ସେଖ୍ ସାହିଲ,ସେଖ ନନ, ସେଖ୍ ବାପୁ , ସେଖ ସରଫରାଜ୍, ସୁଲ୍ଲୁ , ବାଡ଼ା ବାବୁ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ।

# ପର୍ଯ୍ୟଟନ ମନ୍ତ୍ରୀଙ୍କ ରାଇକୁଳା ଗସ୍ତ

ଖଇରା,୨୯।୦୧(ନିପ୍ର) ଖଇରା ବ୍ଲକ କୁରୁଣ୍ଡା ଗ୍ରାମପଞ୍ଚାୟତ ରାଇକୁଳା ଗ୍ରାମ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବାପରେ ଶୁକ୍ରବାର ଓଡିଶା ଅନୁସୂଚିତ ଜାତି,ଜନଜାତି,ସଂଖ୍ୟା ଲଘୁ,ପଛୁଆ ବର୍ଗର କଲ୍ୟାଣ ନିମନ୍ତେ ବିଭିନ୍ନ ମାର୍ଗ ଦର୍ଶକା ବିଷୟରେ ଆଲୋଚନା କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପର୍ଯ୍ୟାଟନ ମନ୍ତ୍ରୀ ଯୋଗଦେଇ ରାଇକୁଳା ଗ୍ରାମର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗ୍ରାମବାସୀମାନଙ୍କର ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । କୃଷି ,ସ୍ୱାସ୍ଥ୍ୟ, ଶିକ୍ଷା,ବିଦ୍ୟୁତ,ଜଳ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତ୍ରୀଦେବ ସୁନ୍ଦର ବରାଳ ସଭାପତିତ୍ୱ କରିଥିଲେ । ଏଥିରେ ବ୍ଲକ ଏବିଡିଓ ଶକ୍ତିରଞ୍ଜନ ପାଇକରାୟ ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତି ମହଲା, ଯୁବନେତା ମାନସ ଦାଶ,ସରପଞ୍ଚ ଦମୟନ୍ତି ପଣ୍ଡା,ପଞ୍ଚାୟତ ଅଫିସର ହେମନ୍ତ ସାମଲ,ଜିଆରଏସ ପ୍ରକାଶ ବେହେରା, ପାନୀୟ ଜଳ ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀ ତପସ୍ୱନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଆଦର୍ଶ ଚିନ୍ତାଧାରା ରଖି ସହଯୋଗର ହାତ ବଢାନ୍ତୁ ରାଇକୁଳା ଗ୍ରାମକୁ ସୁନ୍ଦର ଆଦର୍ଶ ଗ୍ରାମ ଭାବରେ ଗଢି ତୁଳନ୍ତୁ ବୋଲି ମନ୍ତ୍ରୀ ତାଙ୍କ ଅଭିଭାଷଣରେ ପରିପ୍ରକାଶ କରିଥିଲେ ।

# ପାରାଦ୍ୱୀପ ବନ୍ଦର ଜିଲ୍ଲା ଫୁଟବଲ ଟିମ୍ ଚୟନ ଫେବୃଆରୀ ୪ରେ

ପାରାଦ୍ୱୀପ,୨୯।୦୧ (ନି.ପ୍ର): ଫୁଟବଲ ଆସୋସିଏସନ ଓଡିଶା ଦ୍ୱାରା ଫେବୃଆରୀ ୭,୨୦୨୧ରେ ଆୟୋଜନ ହେବାକୁ ଥିବା ପୁରୁଷ ସିନିୟର ଆନ୍ତ ଜିଲ୍ଲା ଫୁଟବଲ୍ ଟିମ୍ ପାଇଁ ପାରାଦ୍ୱୀପ ବନ୍ଦର ଜିଲ୍ଲା ଫେଳାଳୀ ଚୟନ ଆସନ୍ତା ଫେବୃଆରୀ ମାସ ୪ ତାରିଖ ୨୦୨୧ ୯ଘଟିକା ସମୟରେ ପାରାଦ୍ୱୀପ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକ ଖେଳାଳୀ ମାନେ ଜନ୍ମ ପ୍ରମାଣ ପତ୍ର ସହ ଗୋପବନ୍ଧୁ ଷ୍ଟାଡିୟମ ରେ ଉପସ୍ଥିତ ରହି ଏହି ଚୟନ ରେ ଭାଗ ନେବାକୁ ପାରାଦ୍ୱୀପ ଫୁଟବଲ ଜିଲ୍ଲା ପକ୍ଷରୁ ସୂଚନା ଦିଆଯାଇଛି ।

# ପାରାଦ୍ୱୀପରେ ପହଞ୍ଚିଲା ଆଇଓସିଏଲ୍ ପାରାଦ୍ୱୀପ ରିଫାଇନାରୀର ସୁପର କ୍ରିଟିକାଲ ଓଡିସି




ପାରାଦ୍ୱୀପ,୨୯।୦୧ (ନି.ପ୍ର): ଏଲ୍‌ଆଣ୍ଡଟି ମୋଡୁଲାର ଫାବ୍ରିକେସନ ଫାସିଲିଟି ଦ୍ୱାରା ନିମିତ ସୁପର କ୍ରିଟିକାଲ୍ ଓଭର ଡିମେନ୍‌ସନ୍ କନସାଇନ୍‌ମେଣ୍ଟ (ଓଡିସି) ଜାନୁଆରୀ ୨୮, ୨୦୨୧ରେ ପାରାଦ୍ୱୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲରେ ଆସି ପହଞ୍ଚିଛି । ଏହି କନ୍‌ସାଇନ୍‌ମେଣ୍ଟ ୧୯ ଜାନୁଆରୀ ଆଦାନୀ ବନ୍ଦରରୁ ବାହାରିଥିଲା ଏବଂ ୪ ଜାନୁଆରୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଇଣ୍ଡିଆନ୍ ଅଏଲ ଅଧକ୍ଷ ଏସ୍.ଏମ୍.ବୈଦ୍ୟ, ଏଲ୍‌ଆଣ୍ଡଟି ସିଇଓ ଏସ୍.ଏନ୍. ସୁବ୍ରମନ୍ୟମ୍, ପାରାଦ୍ୱୀପ ତୈଳ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟିଡିଭିଏସ୍ ଗୋପାଳକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଏହି ସୁପର କ୍ରିଟିକାଲ ଓଡିସିର ପରିବହନ ଓଜନ ୩,୫୨୨ ଏମ୍‌ଟି ଏବଂ ଏଥିସହ ଇଓ ରିଆକ୍ଟର ରହିଛି । ଏହାର ଲମ୍ବ ୯୬ ମିଟର ଏବଂ ଓଜନ ୧ ହଜାର ୭୫ ମିଟର ରହିଛି ଓ ଏହା ପ୍ରକଳ୍ପ ପାଇଁ ଦୀର୍ଘତମ ଉକରଣ । ଆସନ୍ତା ଦୁଇମାସ ମଧରେ ସିଙ୍ଗାପୁରରୁ ୨ହଜାର ଏମ୍‌ଟି ମାମୁଟ କ୍ରେନ୍ ସହିତ ଏହି ୩ଟି ଯନ୍ତ୍ର ନିର୍ମାଣ କରାଯିବ । ଏମ୍‌ଇଜି ପ୍ରକଳ୍ପ ଅଗ୍ରଗତି ପାଇଁ ଓଡିସି ଏକ ପ୍ରମୁଖ ମାଇଲଖୁଣ୍ଟ । ଆତ୍ମନିର୍ଭର ଭାରତର ଆତ୍ମା ସହିତ ଏମ୍‌ଇଜି ପ୍ରକଳ୍ପ ପାରାଦ୍ୱୀପକୁ ପେଟ୍ରୋଲିୟମ୍ ବୟନଶିଳ୍ପ ଏବଂ ପେଟ୍ରୋକେମିକାଲ୍ ଭିତ୍ତିକ ଶିଳ୍ପର ହବ୍ ଭାବରେ ପ୍ରତିଷ୍ଠା କରିବା ଏବଂ ଓଡିଶାର ବିକାଶ ପାଇଁ ସୁଯୋଗ ଖୋଲିବାରେ ଏକ ଶକ୍ତି ଭାବରେ କାର୍ଯ୍ୟ କରିବ ବୋଲି, ଆଇଓସିଏଲ ପାରାଦ୍ୱୀପ ରିଫାଇନେରୀ ପକ୍ଷରୁ ଏକ ପେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# ପୁଲିସଲାଇନ ଛକର ନବନିର୍ମିତ ଟ୍ରାଫିକ ପୋଷ୍ଟ ଉଦଘାଟିତ




ବାଲେଶ୍ୱର,୨୯।୦୧ (ନି.ପ୍ର): ବାଲେଶ୍ୱର ସହରର ପୁଲିସ ଲାଇନ ଛକରେ ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ୟୁଥ ଦ୍ୱାରା ନବ ନିର୍ମିତ ଟ୍ରାଫିକ ସିଗନାଲ ପୋଷ୍ଟ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ନର ପ୍ରଫୁଲ୍ଲ କୁମାର ସାମଲ ଏହାକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ସର୍ବଦା ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର, ସ୍ୟାଣ୍ଡ ସିଟି ପକ୍ଷରୁ ନିର୍ମିତ ଟ୍ରାଫିକ ପୋଷ୍ଟ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ । ପୂର୍ବରୁ ଅୟୋଜିତ ସଡ଼କ ସୁରକ୍ଷା ସମିତି ବୈଠକରେ ବାଲେଶ୍ୱର ସହରର ସାତଟି ପ୍ରମୁଖ ସ୍ଥାନରେ ଆକର୍ଷଣୀୟ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଥିଲା । ତେବେ ପୁଲିସ ଲାଇନ ଛକରେ ଏହି ପୋଷ୍ଟ ନିର୍ମାଣ ପାଇଁ ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ୟୁଥ ଆଗେଇ ଆସିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା, କ୍ରାଇମ ଡିଏସପି ଉମେଶ କୁମାର ପଣ୍ଡା, ଟ୍ରାଫିକ ଥାନା ଅଧିକାରିଣୀ ମୋନାଲିସା କର ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ୟୁଥ ସଭାପତି ଅଂଶୁମାନ ଦାଶ ଏହି କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ସହରବାସୀଙ୍କ ସେବା ଉଦ୍ଦେଶରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବା ଯୋଗୁଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo